

ରକ୍ତମୁଖା ରିଷଭ

▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-17 ◆FRIDAY ◆11 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୭ ◆ଶୁକ୍ରବାର ◆୧୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



## ଆଜି ଓଡ଼ିଶା ଆସୁଛନ୍ତି ରାହୁଲ ଗାନ୍ଧୀ



■ **ଭୁବନେଶ୍ୱର, ୧୦।୭ (ସମିସ):** ଶୁକ୍ରବାର ଓଡ଼ିଶା ଆସିବେ ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ, ଜାତୀୟ ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ପ୍ରମୁଖ ମଧ୍ୟ ଆସୁଛନ୍ତି। ଦିନ ୧୧ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ରାହୁଲ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସିଧା ସମ୍ବିଧାନ ବଞ୍ଚାଅ ସମାବେଶସ୍ଥଳ ବରମୁଣ୍ଡା ପଡ଼ିଆ ଯିବେ। ସେଠାରେ ସଭାରେ ରାହୁଲ ଯୋଗଦେବେ। ସଭା ଶେଷ ପରେ ମଧ୍ୟାହ୍ନ ଭୋଜନ ସାରି ସେ ଅପରାହ୍ନ ୩ଟାରେ କଂଗ୍ରେସ ଭବନରେ ପହଞ୍ଚିବେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟି ଏବଂ ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ରାହୁଲ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ▸ପୃଷ୍ଠା-୭

### ରାଜଧାନୀରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

## ୧୨ରେ ମୁମ୍ବାଇରୁ ଫେରିବେ ନବୀନ



■ **ଭୁବନେଶ୍ୱର, ୧୦।୭ (ସମିସ):** ଆସନ୍ତା ୧୨ ତାରିଖ ଶନିବାର ଓଡ଼ିଶା ଫେରିବେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜୁନ୍ ୨୦ରେ ନବୀନ ଚିକିତ୍ସା ପାଇଁ ମୁମ୍ବାଇ ଯାଇଥିଲେ ଓ ୨୨ ତାରିଖରେ ତାଙ୍କର ସର୍ଭିକାଲ୍ ଆର୍ଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଥିଲା। ଏହାପରେ ସେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଛନ୍ତି ଓ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଏବେ ଡାକ୍ତରମାନେ ତାଙ୍କୁ ଘରକୁ ଫେରିବାକୁ ପରାମର୍ଶ ଦେଇଛନ୍ତି। ସର୍ଭିକାଲ ଆର୍ଥ୍ରାଇଟିସ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ଚିକିତ୍ସାର ତତ୍ତ୍ୱାବଧାନ କରିଥିଲେ।

### ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ

# ସଂଘ ଅଟଳ; ସରକାର ନିଦାବିଷ୍ଟ

■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭର ମହାସଂଘ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଡାକରା ତୃତୀୟ ଦିନରେ ପହଞ୍ଚିଛି। ତିନିଦିନ ହେବ ରାଜ୍ୟରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିବାରୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ସଂକଟ ଦେଖାଦେବାର ଆଶଙ୍କା ସୃଷ୍ଟି ହୋଇଛି। ପେଟ୍ରୋଲ୍ ଡିଜେଲର ଅଭାବ ଯୋଗୁଁ ଅନେକ ଟାଙ୍କିରେ ତାଲା ପଡ଼ିଯାଇଥିବା ବେଳେ ପରିବା, ଗ୍ୟାସ୍ ଓ ଫଳ ଆଦି ସାମଗ୍ରୀ ପରିବହନରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏହାର ପ୍ରଭାବ ସିଧାସଳଖ ଖାଉଟିଙ୍କ ଉପରେ ପଡ଼ିଛି। ଅନେକ ସାମଗ୍ରୀର ଏବେ ଦରଦାମ୍ ବୃଦ୍ଧି ପାଉଥିବା ବେଳେ ଲୋକଙ୍କୁ ଅଧିକ ଅର୍ଥ ଦେବାକୁ ପଡ଼ିଛି। ଡ୍ରାଇଭରମାନେ ଏବେ ବି ନିଜ ଜିଦିରେ ଅଟଳ ରହିଥିବା ବେଳ ସରକାର ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ଘୋଷଣା କରିଛନ୍ତି। ତେବେ

### ସାରା ରାଜ୍ୟରେ ଏବେ ଅତ୍ୟାବଶ୍ୟକ ସାମଗ୍ରୀ ସଂକଟ


### ଆଲୋଚନା ପରିବର୍ତ୍ତେ ନିର୍ବାଚନମଣ୍ଡଳୀ ବୁଲୁଛନ୍ତି ମନ୍ତ୍ରୀ

### ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବ ସଂଘ: ସଭାପତି

ଆସନ୍ତାକାଲି ଭୁବନେଶ୍ୱର ।।ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶକୁ ଆସୁଥିବା ଗାଡ଼ିଗୁଡ଼ିକୁ ନ ଅଟକାଇବା ପାଇଁ ଡ୍ରାଇଭର୍‌ମାନଙ୍କୁ ସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ନିବେଦନ କରିଛନ୍ତି।


ଅନ୍ୟପକ୍ଷରେ ଡ୍ରାଇଭରମାନଙ୍କ ▸ପୃଷ୍ଠା-୭

## ତେଲ ପରେ ଗ୍ୟାସ୍ ଚିନ୍ତା



■ **ଭୁବନେଶ୍ୱର, ୧୦।୭ (ସମିସ):** ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଡ୍ରାଇଭରମାନଙ୍କ ଦାବି ପୂରଣ କରିବାରେ ସରକାର ଉଦାସୀନ ମନୋଭାବ ପୋଷଣ କରୁଥିବାରୁ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ପରିବହନ ମନ୍ତ୍ରୀ ଏହାର ସମାଧାନ କରିବା ପରିବର୍ତ୍ତେ ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ରାଜଧାନୀ ଛାଡ଼ି ନିଜ ବିଧାନସଭା କ୍ଷେତ୍ରକୁ ଚାଲିଯାଇଛନ୍ତି। ଫଳରେ ଆନ୍ଦୋଳନ ଜାରି ରହିଛି ଓ ସାଧାରଣ ଲୋକମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଥମ ଦୁଇଦିନ ଆନ୍ଦୋଳନରେ ପେଟ୍ରୋଲିୟମ ସାମଗ୍ରୀର ଅଭାବ ପରିଲକ୍ଷିତ ହୋଇଥିବା ବେଳେ ତୃତୀୟ ଦିନ ଆନ୍ଦୋଳନ ଯୋଗୁଁ ରନ୍ଧନ ▸ପୃଷ୍ଠା-୭

### ଭୋଟର ତାଲିକା ସଂଶୋଧନ ସମୟ ଓ ପଦ୍ଧତି ନେଇ ଇସିଆଇଙ୍କୁ ପ୍ରଶ୍ନ



## ବିହାର ନିର୍ବାଚନ ପୂର୍ବରୁ ଏଭଳି ପ୍ରକ୍ରିୟା କାହିଁକି

■ **ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମ କୋର୍ଟ। ତେବେ ଯେଉଁ ସମୟରେ ଏଭଳି ସଂଶୋଧନ କରାଯାଉଛି ଏବଂ ଏଥିପାଇଁ ଯେଉଁ ପଦ୍ଧତି ଗ୍ରହଣ କରାଯାଇଛି ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସର୍ବୋଚ୍ଚ ଅଦାଲତ। କେବଳ ଏତିକି ନୁହେଁ, ଭୋଟର ତାଲିକା ସଂଶୋଧନ ଆଳରେ ଅନ୍ୟ କ୍ଷେତ୍ରରେ ମୁଣ୍ଡ ପୂରାଇଥିବାରୁ କମିସନଙ୍କ ଉପରେ ବର୍ଷିଛନ୍ତି। ଏହାସହିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରିବା ଲାଗି ନିର୍ବାଚନ କମିସନଙ୍କୁ ପରାମର୍ଶ ଦେଇଛନ୍ତି।

- **ସ୍ୱତନ୍ତ୍ର ଇଣ୍ଟେନସିଭ୍ ରିଭିଜନ୍ କ୍ଷମତା ଦେଲା କିଏ?**
- **ନାଗରିକତ୍ୱ କାଟିପାରିବେନାହିଁ ନିର୍ବାଚନ କମିସନ**
- **ଆଧାର କାର୍ଡ, ଭୋଟର ପରିଚୟପତ୍ର, ରାସନ କାର୍ଡକୁ ପ୍ରମାଣପତ୍ର ରୂପେ ବିଚାର କରାଯାଇପାରିବ**

ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବିରୋଧରେ ଆଗତ ଏକାଧିକ ପିଟିସନକୁ ବିଚାର ପାଇଁ ଗ୍ରହଣ କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୮କୁ ଧାର୍ଯ୍ୟ କରିଛନ୍ତି କୋର୍ଟ। ଏହି ପିଟିସନ ଉପରେ ଜୁଲାଇ ୨୧ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ଲାଗି ▸ପୃଷ୍ଠା-୭

### ପଛକୁ ପଛ ଆସୁଛି ଦୁଇଟି ଲଘୁଚାପ

## ୧୩ରୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୧୦।୭ (ସମିସ):** ଲଘୁଚାପ ପ୍ରଭାବରେ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇ ବାଲେଶ୍ୱରରେ ପୁଣି ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ସ୍ଥିତିରେ ପଛକୁ ପଛ ଆଉ ଦୁଇଟି ଲଘୁଚାପ ଆସୁଥିବାରୁ ଆଗାମୀ ସପ୍ତାହରେ ସାରା ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ। ଆସନ୍ତା ୧୩ ତାରିଖରେ ଗୋଟିଏ ଏବଂ ୨୩ ତାରିଖରେ ଆଉ ଗୋଟିଏ ଲଘୁଚାପ ସମ୍ଭାବନା ଥିବାରୁ ରାଜ୍ୟର ନଦୀ ଗୁଡ଼ିକରେ ବନ୍ୟା ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର୍ ▸ପୃଷ୍ଠା-୭

### ମହାରାଷ୍ଟ୍ରରୁ ରାଞ୍ଚିକୁ ସ୍କର୍ପିଓରେ ଚୋରାଚାଲାଣ

## କୋଟିଏ ଟଙ୍କାର ରୁପା ଜବତ

■ **ସମ୍ବଲପୁର, ୧୦।୭ (ସମିସ):** ଗଞ୍ଜେଇ ଯାଞ୍ଚ କରିବା ବେଳେ ଗାଡ଼ିର ସିକ୍ରେଟ୍ ଚାମ୍ବରରୁ ୧୧୦ କେଜିର ରୁପା ସାମଗ୍ରୀ ଜବତ ହେବା ଘଟଣା ସମ୍ବଲପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜବତ ରୁପାର ବଜାର ମୂଲ୍ୟ ୧ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ଜବତ ସାମଗ୍ରୀ ମଧ୍ୟରେ ୧୦୦ ଗ୍ରାମ ଲେଖାଏଁ ୭୦୦ଟି ରୁପା ବିସ୍କୁଟ, ୫୦ ଗ୍ରାମ ଲେଖାଏଁ ୪୦୦ଟି ସୁନା କଏନ୍ ଓ ୨୦ ଗ୍ରାମ୍ ଲେଖାଏଁ ୧ ହଜାରଟି ରୁପା କଏନ୍ ରହିଛି। ରେଙ୍ଗାଲି ବ୍ଲକ୍ ଅଧୀନ ଝୁରିପଡ଼ା ଛକ ନିକଟରୁ ଅବକାରୀ ବିଭାଗ ଏକ ଧଳା ରଙ୍ଗର ସ୍କର୍ପିଓରୁ ଏହା ଜବତ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ଉକ୍ତ ଗାଡ଼ିରେ ଥିବା ୨ଜଣଙ୍କୁ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ିଛି। ସେମାନେ ହେଲେ, ଗୁଜରାଟର ଚନ୍ଦ୍ରକାନ୍ତ ସୋମଭାଇ(୫୩) ▸ପୃଷ୍ଠା-୭

### ଗଞ୍ଜେଇ ଯାଞ୍ଚ ବେଳେ ସିକ୍ରେଟ୍ ଚାମ୍ବରରୁ ବାହାରିଲା







## ଦୁର୍ଘଟଣାରେ ଗଲା ୫ ଜୀବନ

■ **ପାତ୍ରପୁର/ ଜଗତସିଂହପୁର, ୧୦।୭ (ସମିସ):** ଦୁଇଟି ପୃଥକ୍ ପୃଥକ୍ ସଡ଼କ ଦୁର୍ଘଟଣାରେ ଗଞ୍ଜାମ ଓ ଜଗତସିଂହପୁର ଜିଲ୍ଲାରେ ଗୁରୁବାର ୫ଜଣଙ୍କ ମୃତ୍ୟୁ ଘଟିଛି।

ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟରେ ଗୁରୁବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାପ-ପୁଅଙ୍କ ସମେତ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ଼

### ଦୁଇ ବାଇକ୍ ମୁହାମୁହିଁ ଧକ୍କା
### ବାପା-ପୁଅ ସମେତ ୩ ମୃତ
### ପିକଅପ୍ ଭ୍ୟାନ ଧକ୍କାରେ ୨ ମୃତ

(୫୫), ତାଙ୍କ ପୁଅ ସୁନୀଲ ଗୌଡ଼ (୨୫) ଏବଂ ବିଏନ୍‌ପୁର ଥାନା ଗଇଲୁଣ୍ଡିର ରାଜେଶ ପାଣିଗ୍ରାହୀ (୨୫)। ସାଙ୍ଗମାନଙ୍କ ସହ ରାଜେଶ ବାରିଆପଥରକୁ ବଣଭୋଜି କରିବାକୁ ଯାଇଥିଲେ। ସେଠାରୁ ସେ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦଉ ଓ ସୁନୀଲଙ୍କ ବାଇକ୍ ସହ ଠଣାଗାଁ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟିଥିଲା ବେଳେ ଦଉ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ▸ପୃଷ୍ଠା-୭





ସକାଳ
THE SAKALA
www.sakalaepaper.com


## ଦିଲ୍ଲୀରେ ଭୂକମ୍ପ

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନ୍‌ସିଆର)ରେ ଗୁରୁବାର ଭୂକମ୍ପର ଝଟ୍‌କା ଦେଖିବାକୁ ମିଳିଥିଲା। ଭୂକମ୍ପର କେନ୍ଦ୍ର ଦିଲ୍ଲୀଠୁ ୬୦ କିମି ଦୂରରେ ରହିଥିବା ହରିୟାଣାର ଝାଝରରେ ରହିଥିଲା। ୧୦ ସେକେଣ୍ଡ ପର୍ଯ୍ୟନ୍ତ ଝଟ୍‌କା ଅନୁଭୂତ ହୋଇଥିଲେ ମଧ୍ୟ କୌଣସ ଧନଜୀବନର କ୍ଷୟକ୍ଷତି ହୋଇନାହିଁ। ହରିୟାଣାର ଜିନ୍ଦ ଓ ବାହାଦୂରଗଡ଼କୁ ବାଦ୍ ଦେଲେ ପଶ୍ଚିମ ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା ଓ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଝଟ୍‌କା ଦେଖିବାକୁ ମିଳିଥିଲା। ଦିଲ୍ଲୀ ସମେତ ନୋଇଡା, ଗାଜିଆବାଦ୍, ଗୁରୁଗାଁଓ ଓ ଫରିଦାବାଦରେ ଏବଂ ହରିୟାଣାର ସୋନିପତ, ରୋହତକ ଓ ହିସାରରେ ମଧ୍ୟ ଭୂକମ୍ପର ଝଟକା ଅନୁଭୂତ ହୋଇଥିଲା। ଗତ ୬ ମାସ ମଧ୍ୟରେ ଦିଲ୍ଲୀ ଓ ଏନ୍‌ସିଆରରେ ତୃତୀୟଥର ପାଇଁ ଭୂକମ୍ପ ଅନୁଭୂତ ହୋଇଛି।

## ଗୋଟିଏ ରାତିରେ ଭାସିଗଲା ୪୬୬ ଘର

ମଣ୍ଡି, ୧୦।୭(ଏଜେନ୍ସି): ମୌସୁମୀ ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହେବା ସହ ବନ୍ୟା ସ୍ଥିତି ଉତ୍କଟ ହୋଇଛି। ସ୍ଥାନୀୟ ସିରାଜ ଘାଟିରେ ଜୁନ୍ ୩୦ରେ ବାଦଲ ଫଟା ବର୍ଷା ହେବା କାରଣରୁ ଅଚାନକ ବନ୍ୟା ଆସିବା ସହ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ରାତିରେ ହିଁ ୪୬୬ଟି ଘର ଭାସି ଯାଇଛି। ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୩୦ଜଣ ନିଖୋଜ ଅଛନ୍ତି। ରାସ୍ତାଘାଟ, ଚାଷଜମିରେ ଅନାବନା ଅଳିଆ ଗଦାରେ ପରିଣତ ହୋଇଛି। ୯୨ ଦୋକାନ, ୪୫୭ ଗୋଶାଳା, ଗୋଟିଏ ହାଇଡ୍ରୋ ପ୍ରୋଜେକ୍ଟ ସହ ୪୫୬ ଗୃହପାଳିତ ପଶୁ ଭାସି ଯାଇଛନ୍ତି। ୧୫୦୦ ଲୋକ ବାସହରା ହୋଇଛନ୍ତି। ଲୋକେ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ମଣ୍ଡି ଜିଲାର ୯୦ ପ୍ରତିଶତ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି।

## ମାଲେସିଆ ମଡେଲଙ୍କୁ ପୂଜାରୀଙ୍କ ଯୌନ ନିର୍ଯାତନା

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ମାଲେସିଆର ଜଣେ ଭାରତୀୟ ବଂଶୋଦ୍ଭବ ଅଭିନେତ୍ରୀ, ମଡେଲ ତଥା ଟିଭି ଉପସ୍ଥାପିକା ଜଣେ ହିନ୍ଦୁ ପୂଜାରୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ପୂଜାରୀ ଜଣକ ଭାରତୀୟ ଓ ସେ



ଆଶୀର୍ବାଦ ଦେବା ବାହାନାରେ ତାଙ୍କୁ ଯୌନ ନିର୍ଯାତନା ଦେଇଛନ୍ତି ବୋଲି ସେ କହିଛନ୍ତି। ଏହି ମଡେଲ ଜଣକ ହେଉଛନ୍ତି ଲିସାଲିନି କନରନ। ସେ ୨୦୨୧ରେ ମିସ୍ ଗ୍ରାଣ୍ଡ ମାଲେସିଆ ଟାଇଟଲ ଜିତିଥିଲେ। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ ଏହି ଅଭିଯୋଗ ଆଣିଛନ୍ତି। ଜୁନ୍ ୨୧ରେ ମାଲେସିଆର ସେଲାଙ୍ଗୁର ରାଜ୍ୟର ସେପାଙ୍ଗ ଜିଲ୍ଲାର ମରିଅମ୍ମନ ମନ୍ଦିରରେ ଏହି ଘଟଣା ଘଟିଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଏକା ମନ୍ଦିର ଯାଇଥିଲେ। ପ୍ରଥମେ ପୂଜାରୀ ଜଣକ ତାଙ୍କୁ ଭାରତରୁ ଆଣିଥିବା ପବିତ୍ର ଜଳ ଛିଞ୍ଚିବା ପରେ ରକ୍ଷା ସୂତ୍ର ଦେବା କଥା କହିବା ପରେ ଅଶାଳୀନ ବ୍ୟବହାର କରିଥିଲେ। ଇତିମଧ୍ୟରେ ପୂଜାରୀ ଫେରାର ହୋଇଯାଇଛନ୍ତି ଏବଂ ପୁଲିସ ତାଙ୍କୁ ଖୋଜୁଛି।

## କପିଳ ଶର୍ମାଙ୍କ କାଫେରେ ଖଲିସ୍ତାନୀଙ୍କ ଆକ୍ରମଣ

ଓଟାୱା, ୧୦।୭ (ଏଜେନ୍ସି): କାନାଡ଼ାର ବ୍ରିଟିଶ କଲମ୍ବିଆର ସରେ ସ୍ଥିତ ହାସ୍ୟ ଅଭିନେତା କପିଳ ଶର୍ମାଙ୍କ କାଫେ ଉପରେ ବୁଧବାର ରାତିରେ ଖଲିସ୍ତାନୀ ଗୁଳିମାଡ଼ କରିଛନ୍ତି। ଉଦ୍‌ଘାଟନର ଦିନକ ପରେ 'କ୍ୟାପ୍‌ସ କାଫେ' ଉପରେ ୯ ରାଉଣ୍ଡ ଗୁଳି ମାଡ଼ କରାଯାଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖଲିସ୍ତାନୀ ଆତଙ୍କବାଦୀ ହରିଜତ ସିଂହ ଲଡ୍ଡାର ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ସେ ଏନଆଇଏର ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଛି। ବବ୍ବର ଖାଲସା ଇଣ୍ଟରନ୍ୟାସନାଲ ସହ ଜଡ଼ିତ ରହିଛି। ଆକ୍ରମଣକାରୀ ଏହାର ଭିଡିଓ ମଧ୍ୟ ରେକର୍ଡ କରିଛନ୍ତି। ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରୁ ଦେଖିବାକୁ ମିଳୁଛି ଯେ ଆକ୍ରମଣକାରୀ କାର୍‌ରେ ଆସିଥିଲା। କାର୍ ଭିତରୁ ରହି ସେ ଗୁଳିମାଡ଼ କରିଥିଲା।

## ଫେସବୁକ୍ ଲାଇଭ୍‌ରେ ୟୁପି ବ୍ୟବସାୟୀଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୧୦।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଲକ୍ଷ୍ନୌର ଜଣେ ଋଣଗ୍ରସ୍ତ ରିଅଲ ଇଷ୍ଟେଟ ବ୍ୟବସାୟୀ ଫେସ୍‌ବୁକ ଲାଇଭରେ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛନ୍ତି। ମରିବା ପୂର୍ବରୁ ନିଜର ଝିଅ ପାଇଁ ସହାୟତା ମାଗି ନଜିର କରୁଣ କାହାଣୀ କହି ଯାଇଛନ୍ତି। ଆର୍ଥିକ ସ୍ଥିତି ତାଙ୍କର ଏପରି ଖରାପ ହୋଇଯାଇଥିଲା ଯେ ମଧୁମେହ ପୀଡ଼ିତ ଝିଅ ପାଇଁ ଇନ୍‌ସୁଲିନ ବି କିଣିପାରି ନ ଥିଲେ। ପରିବାରକୁ ସହାୟତା କରିବା ପାଇଁ ସେଲିବ୍ରିଟି, ଶିଳ୍ପପତିଙ୍କୁ ଅନୁରୋଧ କରିଥିଲେ। ବକେୟା ଋଣ ଏବଂ ଆର୍ଥିକ ଚାପ ସହି ପାରୁନାହାନ୍ତି ବୋଲି କହିଥିଲେ। ଲାଇଭ୍ ସମୟର ଭିଡିଓ ଦେଖି ତାଙ୍କ ପରିବାର କୌଣସି ସଦସ୍ୟ ପୁଲିସକୁ ସୂଚନା ଦେଇଥିଲେ।

## ବେଲୁଚିସ୍ତାନରେ ବିଏଲ୍‌ଏର ଅପରେସନ ବାମ୍ ୧୭ ସାମରିକ ଠିକଣା ଉପରେ ଆକ୍ରମଣ

କରାଚୀ, ୧୦।୭(ଏଜେନ୍ସି): ପାକିସ୍ତାନର ଦକ୍ଷିଣ ପଶ୍ଚିମ ପ୍ରାନ୍ତରେ ସ୍ଥିତ ବେଲୁଚିସ୍ତାନ ପ୍ରଦେଶରେ ବିଦ୍ରୋହୀ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଯୋଜନାବଦ୍ଧ ଭାବେ ସିରିଜ ଆକ୍ରମଣ କରି ହଇଚଇ ସୃଷ୍ଟି କରିଛି। ବିଏଲ୍‌ଏ ମଙ୍ଗଳବାର ବିଳମ୍ବିତ ରାତିରେ କେତୋଟି ଜିଲ୍ଲାରେ କ୍ରମାଗତ ଭାବେ ଆକ୍ରମଣ କରିଛି। ବିଏଲଏ ଏହିକ୍ରମରେ ୧୭ଟି ସାମରିକ ଠିକଣା ତଥା ଚେକ୍ ପୋଷ୍ଟ ଉପରେ ଜୋରଦରା ଆକ୍ରମଣ କରିଛି। କେତୋଟି ସରକାରୀ ବାସଭବନ ଓ ସାମରିକ ଠିକଣା ଏଥିରେ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ପାକିସ୍ତାନ ସୈନ୍ୟବାହିନୀ ବଡ଼ଧରଣ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି ବୋଲି କୁହାଯାଇଛି। ଏହି ଆକ୍ରମଣ ନେଇ ବିଏଲ୍‌ଏ ନିଜକୁ ଦାୟୀ କରିଛି। ପଞ୍ଜଗୁର, ସୁରବ, କେଚ୍ ଓ ଖରାନରେ ବିଏଲ୍‌ଏ ଏହି ଆକ୍ରମଣ କରି ତା'ର ବିଦ୍ରୋହକୁ ଆହୁରି ଜୋରଦାର କରିଛି। ତେବେ ଏ ନେଇ ପାକିସ୍ତାନ କର୍ତ୍ତୃପକ୍ଷ ତରଫରୁ ଏପର୍ଯ୍ୟନ୍ତ ସବିଶେଷ ଭାବେ କିଛି କୁହାଯାଇନାହିଁ। ଏହି ଆକ୍ରମଣକୁ ସ୍ୱାଧିନତା ସଂଗ୍ରାମର ଏକ ନୂଆ ସକାଳ ବୋଲି ଅବିହିତ କରିଛନ୍ତି ବିଏଲ୍‌ଏ ମୁଖପାତ୍ର ମେଜର ଗ୍ୱହରାମ ବାଲୋଚ୍। ଜବାବରେ ପାକ ସେନା ମଧ୍ୟ ସର୍ଚ୍ଚ ଅପରେସନ ଆରମ୍ଭ କରିଛି। ଏହି ଅପରେସନ ସରିବାର ପରେ ଏ ନେଇ ହୋଇଥିବା ଅଧିକ କ୍ଷୟକ୍ଷତି ସମ୍ପର୍କରେ ସୂଚନା



ଦିଆଯିବ ବୋଲି ବିଏଲ୍‌ଏ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଏଲ୍‌ଏ ୨୦୦୦ରେ ଗଠନ କରାଯାଇଥିଲା। ଗତକେତେ ବର୍ଷ ମଧ୍ୟରେ ବିଏଲ୍‌ଏ ପାକିସ୍ତାନ ସେନା ଉପରେ ସଫଳତାର ସହ ଏକାଧିକ ଆକ୍ରମଣ କରିଛି। ପାକିସ୍ତାନ ସେନା ପାଇଁ ଏବେ ବିଏଲ୍‌ଏ ମୁଣ୍ଡବ୍ୟାଥାର କାରଣ ହୋଇଛି। ଜବାବରେ ପାକିସ୍ତାନ ମଧ୍ୟ ବେଲୁଚିସ୍ତାନରେ ଦମନଲୀଳା ଚଲାଇଛି ବୋଲି ଅଭିଯୋଗ ହୋଇଛି।

# ତାରକାଙ୍କୁ ମହଙ୍ଗା ପଡ଼ିଲା ବେଟିଂ ଆପ୍ ପାଇଁ ପ୍ରଚାର

ନୂଆଦିଲ୍ଲୀ, ୧୦।୭ (ଏଜେନ୍ସି): ବେଆଇନ ବେଟିଂ (ଜୁଆ ଖେଳ) କମ୍ପାନୀଗୁଡିକ ସେଲିବ୍ରିଟିଙ୍କୁ ଆଧାର କରି ନିଜର କଳା ସାମ୍ରାଜ୍ୟ ବଢ଼ାଇବାରେ ଲାଗିଛନ୍ତି। ବିଜ୍ଞାପନରେ କ୍ରିକେଟରଙ୍କଠାରୁ ଅଭିନେତା ସହିତ ବଡ଼ ବଡ଼ ସେଲିବ୍ରିଟିଙ୍କୁ ନେଇ ଲୋକଙ୍କ ଧ୍ୟାନ ଆକର୍ଷଣ କରୁଛନ୍ତି। ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଯୁବ ବର୍ଗଙ୍କୁ ଭୁଆଁ ବୁଲାଉଛନ୍ତି। ଆଉ ଶେଷରେ ଯୁବ ପିଢ଼ି ରାତାରାତି ଧନୀ ହେବା ପାଇଁ ନିଜର କଷ୍ଟ ଅର୍ଜିତ ସମ୍ପତ୍ତି ଲଗାଇ ବେଟିଂ ଆପ୍‌ରେ ସର୍ବସ୍ୱ ହରାଉଛନ୍ତି। ତଥାପି ଏହି ନିଶା ଛାଡ଼ି ନ ପାରି ଚୋରି, ହତ୍ୟା ଆଦି ବି କରିବାକୁ ପଛାଉ ନାହାନ୍ତି। ଏବେ ଏପରି ଏକ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅଭିନେତା ବିଜୟ ଦେବରକୋଣ୍ଡା, ରାଣା ଦାଗୁବତି, ପ୍ରକାଶ ରାଜ, ମଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ଅନନ୍ୟା ନାଗଲ୍ଲା, ପ୍ରଣିତା ସୁଭାଷ, ଟିଭି ଉପସ୍ଥାପିକା ଶ୍ରୀମୁଖୀ, ହର୍ଷା ସାଇଙ୍କ ସମେତ ୨୯ ସେଲିବ୍ରିଟିଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏମାନେ ବେଆଇନ ବେଟିଂ ଆପ୍ ପାଇଁ ପ୍ରଚାରପ୍ରସାର କରୁଥିବା ଅଭିଯୋଗ



### ଇଡି ଜାଲ୍‌ରେ ୨୯ ସେଲିବ୍ରିଟି
### ନିବେଶ ପାଇଁ ଉତ୍ସାହିତ କରିବାକୁ ନେଇଥିଲେ କୋଟି କୋଟି ଟଙ୍କା

ହୋଇଛି। ହାଇଦରାବାଦର ମିୟାପୁରି ପୁଲିସ ଦ୍ୱାରା ରୁଜୁ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏବେ ଇଡି ଏହି ମାମଲାରେ ହୋଇଥିବା ଆର୍ଥିକ କାରବାରର ସନ୍ଧାନ କରୁଛି। ଆଉ କିଏ କିଏ ଏହି ଜାଲିଆତିରେ ସାମିଲ ଅଛିନ୍ତି ତାହା ଜାଣିବା ଲାଗି ତଦନ୍ତ ଜାରି ରହିଛି।

ଚଳିତ ବର୍ଷ ମାର୍ଚ୍ଚରେ ବ୍ୟବସାୟୀ ପିଏମ ଫଣୀନ୍ଦ୍ର ଶର୍ମା ଏ ନେଇ ଏତଲା ଦେଇଥିଲେ। ସେଲିବ୍ରିଟି ଏବଂ ଇନ୍‌ଫ୍ଲୁଏନ୍ସର ବେଆଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର କରି 'ପବ୍ଲିକ ଗାମ୍ବଲିଂ ଆକ୍ଟ-୧୮୬୭'ର ଉଲ୍ଲଙ୍ଘନ କରୁଥିବା କହିଥିଲେ। ନିଜ ଅଞ୍ଚଳରେ ଅନେକ ଯୁବ ବର୍ଗ ଏଭଳି ବେଆଇନ ଆପ୍‌ରେ ଅର୍ଥ ଲଗାଇ ଥିବା ସେ ଜାଣିବାକୁ ପାଇଥିଲେ। ଅର୍ଥ ଲଗାଇବା ପାଇଁ ଲୋକଙ୍କୁ ଉସୁକାଇବା ନିମନ୍ତେ ଏହି ସେଲିବ୍ରିଟିଙ୍କୁ ମୋଟା ଅଙ୍କର ଅର୍ଥ ଦିଆଯାଇଥିଲା। ଏହାର ପ୍ରଚାର ମାଧ୍ୟମରେ ବହୁ କୋଟି ଟଙ୍କା ମନି ଲଣ୍ଡରିଂ ହୋଇଛି ବୋଲି ଅଧିକାରୀ କହିଛନ୍ତି।

ଅନ୍ୟପଟେ 'ଏ୨୩ ରମି ଆପ୍' ପାଇଁ ପ୍ରଚାର କରିଥିବା ଅଭିନେତା ବିଜୟ ଦେବରକୋଣ୍ଡା କହିଛନ୍ତି ଯେ ଏହା ଏକ ଦକ୍ଷତା କୈନ୍ଦ୍ରିକ ଗେମିଂ ପ୍ଲାଟଫର୍ମ। ଏହା ବେଆଇନ ବେଟିଂ ଆପ୍ ନୁହେଁ। ଏହି ଆପ୍‌କୁ ସୁପ୍ରିମକୋର୍ଟ ଦକ୍ଷତା କୈନ୍ଦ୍ରିକ ଗେମ୍ ମାନିଥିବା ସେ କହିଛନ୍ତି। ସେହିପରି 'ଜଙ୍ଗଲୀ ରମି' ରାଣା ଏବଂ ପ୍ରକାଶ ରାଜ, 'ଯୋଲୋ ୨୪୭' ଲାଗି ମାଞ୍ଚୁ ଲକ୍ଷ୍ମୀ, ଫେୟାରପ୍ଲେ ପାଇଁ ପ୍ରଣିଥା ଏବଂ ଜିତ୍ ୱିନ୍ ଲାଗି ନିଧି ପ୍ରଚାର କରିଥିଲେ।

## ମୁଖ୍ୟମନ୍ତ୍ରୀ ପଦ ଖାଲି ନାହିଁ: ସିଦ୍ଧରମୈୟା



ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): କର୍ଣ୍ଣାଟକର କଂଗ୍ରେସ ସରକାରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ଟଣାଓଟରା ବନ୍ଦ ହେବାର ନା ଧରୁନି। ପ୍ରଭାରୀ ରଣଦୀପ ସୁର୍ଯେୱାଲା ବେଙ୍ଗାଲୁରୁ ଆସି ମୁଖ୍ୟମନ୍ତ୍ରୀ ସୁଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସହ ଆଲୋଚନା କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚାକୁ ମଧ୍ୟ ଖଣ୍ଡନ କରିଥିଲେ। ଏହା ସତ୍ତ୍ୱେ ଶିବକୁମାରଙ୍କ ଗୋଷ୍ଠୀର ବିଧାୟକମାନେ ସାର୍ବଜନୀନ ଭାବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ଦାବି କରୁଛନ୍ତି। ଏହା ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଥିଲେ ବି ଶିବକୁମାର ମୁଖ୍ୟମନ୍ତ୍ରୀ ହେବାକୁ ଚାହିଁ ବସିଛନ୍ତି ବୋଲି କୁହାଯାଉଛି। ଏପରି ସମୟରେ ପୁଣି ସିଦ୍ଧରମୈୟା ସାମ୍ନାକୁ ଆସି ମୁଖ୍ୟମନ୍ତ୍ରୀ ପରିବର୍ତ୍ତନର ଚର୍ଚ୍ଚାକୁ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ଏହି ପଦବୀ ଖାଲି ନାହିଁ। କାରଣ ଏବେ ସେ ପଦବୀରେ ଅଛନ୍ତି। ୫ ବର୍ଷ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିବେ ବୋଲି ପୁଣି ସିଦ୍ଧରମୈୟା ଦାବି କରିଛନ୍ତି।

କିଛି ଦିନ ହେଲା ରାଜ୍ୟରେ ଏହି ପରିବର୍ତ୍ତନ ପବନ ଜୋର୍‌ରେ ବହୁଥିବା ବେଳେ ସିଦ୍ଧରମୈୟା ଦିଲ୍ଲୀ ଗସ୍ତରେ ପହଞ୍ଚିଛନ୍ତି। ସେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ସୋନିଆ, ରାହୁଲ ଗାନ୍ଧୀଙ୍କ ସମେତ ଅନେକ ବରିଷ୍ଠ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଅଢେଇ ବର୍ଷରେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ବଦଳାଇବା ପାଇଁ ଶପଥ ଗ୍ରହଣ ପୂର୍ବରୁ ନିଷ୍ପତ୍ତି ହୋଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ କଂଗ୍ରେସ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନ ଥିଲା।

## ୩ ବର୍ଷରେ ଏନ୍‌ଏଚ୍‌ରେ ଭୁଶୁଡ଼ିଲାଣି ୨୧ ପୋଲ

ଭଦୋଦରା, ୧୦।୭ (ଏଜେନ୍ସି): ଗୁଜରାଟ ଭଦୋଦରାର ମହିସାଗର ନୀଦ ଉପରେ ନିର୍ମିତ ଗମ୍ଭୀରା ପୋଲ ଭୁଶୁଡ଼ିବା ଘଟଣା ସରକାରୀ ଅବହେଳାର ଚରମ ନିଦର୍ଶନ। ମୋର୍ବି ଝୁଲା ପୋଲ ଦୁର୍ଘଟଣା ପରେ ବି ସରକାର କିଛି ବି ଶିକ୍ଷା ଗ୍ରହଣ କଲେଣି। ପ୍ରଶାସନିକ ଅବହେଳା, ସୁରକ୍ଷା ମାନଦଣ୍ଡ ପାଳନ ନ କରିବା, ଖାଲି ରଙ୍ଗ ମାରି ମରାମତି କାମ ସାରିଦେବା ଯୋଗୁଁ ମୋର୍ବିରେ ୧୪୧ ଜଣ ନୀରିହଙ୍କ ଜୀବନ ଯାଇଥିଲା। ଗମ୍ଭୀରାରେ ମଧ୍ୟ ତାହାର ପୁନରାବୃତ୍ତି ଘଟିଛି। ଜନସାଧାରଣଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କଲାନାହିଁ। ଶେଷରେ ବୁଧବାର ସକାଳେ ଏହି ପୋଲର ମଝିର ଗୋଟିଏ ସ୍ଲାବ ନଦୀକୁ ଖସି ପଡ଼ିଥିଲା। ଏଥିଯୋଗୁଁ ୨ଟି ଲେଖାଏଁ ଟ୍ରକ୍ ଓ କାର୍, ଗୋଟିଏ ଅଟୋ ଏବଂ ବାଇକ ନଦୀକୁ ଖସି ପଡ଼ିଥିଲା। ଏହି ମୃତ୍ୟୁସଂଖ୍ୟା ଗୁରୁବାର ୧୭କୁ ବୃଦ୍ଧି ପାଇଛି। ଆଜି ନଦୀରୁ ଆଉ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଉଛି। ଆହୁରି ୩ ଜଣ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାର ୩ ଜଣ ସଦସ୍ୟ ସାମିଲ ଅଛନ୍ତି। ମୋର୍ବି ଦୁର୍ଘଟଣା ପରେ ସରକାର ଖାଲି ଯାଞ୍ଚ ନିର୍ଦ୍ଦେଶ ଦେଇ ବସି ଯାଇଥିଲେ। କୌଣସି ତତ୍ପରତା ଦେଖାଇ ନ ଥିଲେ। ସେଥିପାଇଁ ପୁଣି ନିରୀହ ଲୋକଙ୍କ ଜୀବନ ଚାଲିଗଲା ବୋଲି ଲୋକେ କହୁଛନ୍ତି।

### ୫ ବର୍ଷରେ ଭାଙ୍ଗି ଯାଇଛି ୪୨ ପୋଲ
### ୪୦ ବର୍ଷରେ ଭୁଶୁଡ଼ିଲାଣି ୨୧୩୦ ପୋଲ

୧୯୮୧-୮୨ରେ ଉତ୍ତର ପ୍ରଦେଶ ରାଜ୍ୟ ସେତୁ ନିଗମ ଗମ୍ଭୀରା ପୋଲ ନିର୍ମାଣ କରିଥିଲା। ସୂଚନା ଅନୁଯାୟୀ ୨୦୧୫ରେ ଏହା ଶୋଚନୀୟ ହୋଇ ଯାଇଥିଲା। ସେ ସମୟରେ ସରକାର ଯାଞ୍ଚ କରି ପୋଲର ବେୟରିଙ୍ଗ ବଦଳାଇ ଥିଲେ। ପୋଲ ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏଭଳି ସ୍ଥିତି ହୋଇଥିଲା। ବାରମ୍ବାର ଦେଶରେ ପୋଲ ଭୁଶୁଡୁ ଥିବାବେଳେ ସରକାର ନିଦାବିଷ୍ଟ ସାଜିଛନ୍ତି। ଠିକାଦାର, ଅଧିକାରୀ, ମନ୍ତ୍ରୀ ଏବଂ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଲାଞ୍ଚ କାରବାର ଚାଲିଛି। କୌଣସି ପ୍ରକଳ୍ପ ପାଇଁ ଲାଞ୍ଚ ନ ଦେଲେ କାର୍ଯ୍ୟ ହେଇପାରୁ ନାହିଁ। ଏହା ସୁରକ୍ଷା ବଦଳରେ ଅର୍ଥ ଉପାର୍ଜନର ଏକ ବଡ଼ ମାଧ୍ୟମ ପାଲଟି ଯାଇଛି। ନିମ୍ନମାନର କାମ କରି ସାଧାରଣ ଜନତାଙ୍କୁ ବଳି ଦିଆଯାଉଛି। ଆଉ ନେତାମନ୍ତ୍ରୀ ଅନୁକମ୍ପାମୂଳକ ସହାୟତା ଦେଇ ଖାଲି ବସି ପଡୁଛନ୍ତି। ମାତ୍ର ସ୍ଥିତି ଯଥା ପୂର୍ବଂ ତଥା ପରଂ ହେଉଛି। କିନ୍ତୁ ପରିତାପର ବିଷୟ ଏହି କି ଯେ ବ୍ରିଟିଶ ଏବଂ ରାଜରାଜୁଡ଼ା ଅମଳର ପୋଲ ଆଜି ଯାଏଁ ସେମିତି ଥିବାବେଳେ ସ୍ୱାଧୀନତା ପରେ ନିର୍ମିତ ଅନେକ ପୋଲ ଭୁଶୁଡ଼ି ଯିବା ଦେଶରେ ଦୁର୍ନୀତିର କିଭଳି ଭାବେ ବ୍ୟାପିଛି ତାହାକୁ ଦର୍ଶାଉଛି।

ସରକାର ଉପଗ୍ରହ ମାଧ୍ୟମରେ ରାସ୍ତା ନିର୍ମାଣ ଉପରେ ଧ୍ୟାନ ରଖୁଥିବା ଦାବି କରୁଛନ୍ତି। ମାତ୍ର ରିପୋର୍ଟ ଭିନ୍ନ ତଥ୍ୟ ଦେଉଛି। ସାରା ଦେଶରେ ସାମାନ୍ୟ ବର୍ଷାରେ ଜାତୀୟ ରାଜପଥଗୁଡିକର ସ୍ଥିତି କଣ ତାହା ଭାଇରାଲ ହେବାରେ ଲାଗିଛି। ଗତ ତିନି (୨୦୨୧-୨୦୨୪) ବର୍ଷରେ ଏନଏଚ୍‌ରେ ଥିବା ୨୧ ପୋଲ ଭୁଶୁଡ଼ି ଯାଇଛି। ୬ଟି ନିର୍ମାଣାଧୀନ ପୋଲ ମଧ୍ୟ ସାମିଲ ରହିଛି। ସରକାରଙ୍କ ପକ୍ଷରୁ ରାଜ୍ୟସଭାରେ ଏହି ସୂଚନା ଦିଆଯାଇଥିଲା। ସେହିପରି ଗତ ୫ ବର୍ଷ (୨୦୧୯-୨୦୨୪) ୪୨ଟି ପ୍ରମୁଖ ଏବଂ କ୍ଷୁଦ୍ର ପୋଲ ଭୁଶୁଡ଼ି ଯାଇଥିଲା। ଗତ ବର୍ଷ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଥିଲା। ୨୦୨୦ର ଏକ ଅଧ୍ୟୟନ ଅନୁଯାୟୀ ୧୯୭୭ରୁ ୨୦୧୭ ମଧ୍ୟରେ ୨,୧୩୦ ପୋଲ ଭୁଶୁଡ଼ି ଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୮୦.୩ ପ୍ରତିଶତ, ଖରାପ ସାମଗ୍ରୀ ପାଇଁ ୧୦.୧ ପ୍ରତିଶତ ଏବଂ ଓଭରଲୋଡିଂ (ଅତ୍ୟଧିକ ଭାର) ଲାଗି ୩.୨୮ ପ୍ରତିଶତ ପୋଲ ଭୁଶୁଡ଼ି ପଡ଼ିଥିଲା।

## ଇନ୍ଦିରା ଗାନ୍ଧୀଙ୍କ ବିରୋଧରେ ଥରୁରଙ୍କ ବିଷୋଦ୍‌ଗାର

ନୂଆଦିଲ୍ଲୀ, ୧୦।୭(ଏଜେନ୍ସି): ୧୯୭୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାରି କରିଥିବା ଜରୁରୀ ପରିସ୍ଥିତି ବା ଏମର୍ଜେନ୍ସିକୁ ବିରୋଧ କରି ପୁଣି ଚର୍ଚ୍ଚାକୁ ଆସିଛନ୍ତି କଂଗ୍ରେସ ସାଂସଦ ଶଶି ଥରୁର। ସେ ଏମର୍ଜେନ୍ସିକୁ ଭାରତୀୟ ଇତିହାସର କଳା ଅଧ୍ୟାୟ



ଥିଲା ବୋଲି କହିଛନ୍ତି। ଏଥିରୁ ଶିକ୍ଷା ନେବା ଜରୁରି ବୋଲି ମାଲାୟାଲମ ଖବରଗଜ 'ଦୀପିକା'ରେ ଲେଖିଥବା ସ୍ତମ୍ଭରେ ଉଲ୍ଲେଖ କରିଛନ୍ତି। ଇନ୍ଦିରାଙ୍କର ସମାଲୋଚନା କରି ସେ ଲେଖିଛନ୍ତି ଯେ ପରିବାର ନିୟନ୍ତ୍ରଣ ପାଇଁ ଜବରଦସ୍ତି ଅସ୍ତ୍ରୋପଚାର ବା ନସବନ୍ଦୀ ଅଭିଯାନ ଏକ କ୍ରୂର ନିଷ୍ପତ୍ତି ଥିଲା। ପୁଅ ସଂଜୟ ଗାନ୍ଧୀଙ୍କ ଏଭଳି ଅଭିଯାନକୁ ଇନ୍ଦିରା ସମର୍ଥନ କରିଥିଲେ। ସେହିଭଳି ଦିଲ୍ଲୀରେ ଯେଉଁଭଳି ବସ୍ତି ଉଚ୍ଛେଦ କରାଗଲା ତାହା ନିର୍ଯାତନାର ସବୁ ସୀମା ଟପିଯାଇଥିଲା। ଏଥିରେ ଅତିଷ୍ଠ ହୋଇ ଦେଶବାସୀ ଇନ୍ଦିରାଙ୍କୁ କ୍ଷମତାଚ୍ୟୁତ କରିଥିଲେ ବୋଲି ଥରୁର ଉଲ୍ଲେଖ କରିଛନ୍ତି। ଅନୁଶାସନ ଓ ବ୍ୟବସ୍ଥା ପାଇଁ ନିଆଯାଉଥିବା ପଦକ୍ଷେପ ବେଳେବେଳେ କ୍ରୂରତାରେ ପରିଣତ ହୋଇଥାଏ ଓ ଏହାକୁ ଉଚିତ ବୋଲି କଦାପି କୁହାଯାଇ ପାରିବ ନାହିଁ। କଂଗ୍ରେସ କାର୍ଯ୍ୟକାରିଣୀର ସଭ୍ୟ ଥାଇ ନିଜ ଦଳର ପ୍ରଧାନମନ୍ତ୍ରୀଙ୍କୁ ଥରୁରଙ୍କ ଏଭଳି ସମାଲୋଚନା ଜାତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। ଦଳ ଭିତରେ ଥାଇ କଂଗ୍ରେସ ସହିତ ତାଙ୍କର ସଂପର୍କ ତିକ୍ତ ରହିଛି। ଆନୁଷ୍ଠାନିକ ଭାବେ କଂଗ୍ରେସ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନଥିଲେ ମଧ୍ୟ ଜଣେ ନେତା ଏହାକୁ ଥରୁରଙ୍କ ମୁହଁରେ ବିଜେପି ଭାଷା ବୋଲି କହିଛନ୍ତି।

## ୟୁକ୍ରେନ ଉପରେ ୪୦୦ ଡ୍ରୋନ ଓ ୧୮ କ୍ଷେପଣାସ୍ତ୍ର ମାଡ଼

କିଭ୍, ୧୦।୭ (ଏଜେନ୍ସି): ରୁଷ୍ ପୁଣି ୟୁକ୍ରେନ ଉପରେ ବଡ଼ ଆକ୍ରମଣ କରିଛି। ଗୁରୁବାର ସକାଳେ ୪୦୦ ଡ୍ରୋନ ଏବଂ ୧୮ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଛନ୍ତି। ଅନେକ କୋଠା, ଗ୍ୟାରେଜ ଏବଂ ପେଟ୍ରୋଲ ପମ୍ପରେ ମଧ୍ୟ ନିଆଁ ଲାଗି ଯାଇଛି। ସପ୍ତାହରେ ତୃତୀୟ ପାଇଁ ରୁଷ୍ ଏଭଳି ଆକ୍ରମଣ କରି ୟୁକ୍ରେନ ବାୟୁରକ୍ଷା ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛି। ଏହା ମଧ୍ୟରେ ଆଜି ୟୁକ୍ରେନ ରାଷ୍ଟ୍ରପତି ରୋମ୍‌ରେ ଆମେରିକା ଅଧିକାରୀମାନଙ୍କ ସହ ଆଲୋଚନା କରିବେ। ଏହି ବୈଠକରେ ପୁନଃନିର୍ମାଣକୁ ଧ୍ୟାନ ଦିଆଯିବ ବୋଲି ୟୁକ୍ରେନ ବିଦେଶମନ୍ତ୍ରୀ କହିଛନ୍ତି। ସେହିପରି ଆମେରିକା ବିଦେଶମନ୍ତ୍ରୀ ଆଜି ମାଲେସିଆରେ ନିଜ ରୁଷ୍ ସମକକ୍ଷଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି।

## ୟୁରୋପୀୟ ସହରରେ ଗ୍ରୀଷ୍ମପ୍ରବାହ; ୨୩୦୦ ମୃତ

ଲଣ୍ଡନ, ୧୦।୭ (ଏଜେନ୍ସି): ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହା ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ଅସହ୍ୟ ଗୁଳୁଗୁଳି ଲୋକଙ୍କ ଜୀବନ ନେବାରେ ଲାଗିଛି। ଏଥିଯୋଗୁଁ ୧୨ ୟୁରୋପୀୟ ସହରରେ ୨୩୦୦ ଲୋକ ପ୍ରାଣ ହରାଇଲେଣି। କେବଳ ପର୍ତ୍ତୁଗାଲରେ ୨୮୪ ଜଣଙ୍କ ମୃତ୍ୟୁ ହୋଇଛି। ଲଣ୍ଡନର ଇମ୍ପେରିଆଲ କଲେଜ ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଏହା ଅନୁଯାୟୀ ଗତ ୧୦ ଦିନରେ ଲଣ୍ଡନ, ମାଦ୍ରିଦ, ବାର୍ସିଲୋନା ଏବଂ ମିଲାନ ଭଳି ସହର ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ସ୍ପେନ ତାପମାତ୍ରା ୪୦ ଡିଗ୍ରୀ ପାର୍ କରିଛି। ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି।

# ଛଙ୍ଗୁର ବାବାଙ୍କ ଧର୍ମାନ୍ତରୀକରଣର କଳା ସାମ୍ରାଜ୍ୟ

ବଳରାମପୁର, ୧୦।୭(ଏଜେନ୍ସି): ଉତ୍ତରପ୍ରଦେଶ ଧର୍ମାନ୍ତରଣର ମାଷ୍ଟର ମାଇଣ୍ଡ ଜଲାଲୁଦ୍ଦିନ ଓର୍ଫ ଛଙ୍ଗୁର ବାବାଙ୍କ କଳା ସାମ୍ରାଜ୍ୟ ନେଇ ଧିରେ ଧିରେ ଚକିତ କଲା ଭଳି ବିଭିର୍ଣ୍ଣ ତଥ୍ୟ ସାମ୍ନାକୁ ଆସୁଛି। ତା'ର ୪୦ଟି ବ୍ୟାଙ୍କ ଆକାଉଣ୍ଟ ଥିଲା ଓ ଏଥିରେ ମୋଟ୍ ୧୦୬ କୋଟି ଟଙ୍କା ମହଜୁଦ ଥିଲା। ମଧ୍ୟପ୍ରାଚ୍ୟ ଦେଶଗୁଡିକରୁ ତାଙ୍କୁ ଏହି ଅର୍ଥ ମିଳିଥିଲା। ଶନିବାର ଲକ୍ଷ୍ନୌର ଏକ ବିଳାସପୂର୍ଣ୍ଣ ହୋଟେଲରୁ ଛଙ୍ଗୁର ବାବା ଓ ତା'ର ସହଯୋଗୀ ନୀତୁ ଓର୍ଫ ନସରିନଙ୍କୁ ପୁଲିସ ଗିରଫ କରିଥିଲା। ଉତ୍ତରପ୍ରଦେଶ ବଳରାମପୁର ଜିଲ୍ଲାରେ ଧର୍ମାନ୍ତରଣ ନେଇ ସେ ଜାଲ ବିଛାଇବା ସହ ଅତି ଚତୁରତାର ସହ ର୍‍ୟାକେଟ୍ ଚଲାଇଥିଲା ଓ ବହୁ ହିନ୍ଦୁ ଝିଅ ଓ ଲୋକଙ୍କୁ ମୁସଲମାନ କରିବାର ସକ୍ଷମ ହୋଇଥିଲା।

କ୍ରମାଗତ ଦ୍ୱିତୀୟ ଦିନରେ ମଧ୍ୟ ତା'ର କୋଠି ଉପରେ ବୁଲଡୋଜର ଚଳାଯାଇଥିଲା। ବୁଧବାର ସକାଳେ ବଳାରମପୁର ପ୍ରଶାସନ ୧୦ଟାରେ ତାର କୋଠୀରେ ପହଞ୍ଚିଥିଲା। ଏହି କୋଠି ଭିତର ଏକ ମିନି ପାୱାର ହାସଉ ଦେଖିବାକୁ ମିଳିଥିଲା। ବାଥରୁମ୍‌ରେ ବିଦେଶୀ ବ୍ରାଣ୍ଡର ଜିନିଷ ମିଳିଥିଲା। କୋଠିରେ ୬ଟି ଜର୍ମାନୀ ସେଫର୍ଡ କୁକୁର ଓ ଗୋଟିଏ ଘୋଡା ରହିଥିଲା। ଏହି କୁକୁରଗୁଡିକୁ ନିକଟରେ ଥିବା ଗାଁର ଲୋକେ ଉଠାଇ ନେଇଛନ୍ତି। କିନ୍ତୁ ପୁଲିସର ଚେତାବନୀ ପରେ ଗାଁ ଲୋକେ ଏହି କୁକୁରଗୁଡିକ ଫେରାଇଦେଇଥିଲେ। ୧୫୦୦ ବର୍ଗଫୁଟ୍‌ରେ ଅବୈଧ ଭାବେ ନିର୍ମିତ ଏହି କୋଠିକୁ ବୁଲଡୋଜର ମାଧ୍ୟମରେ ମାଟିରେ ମିସାଇ ଦିଆଯାଇଥିଲା ବୋଲି ସ୍ଥାନୀୟ ତହସିଲଦାର କହିଛନ୍ତି। ଆହୁରି ୫୦୦ ବର୍ଗଫୁଟ୍‌ର ଅବୈଧ ନିର୍ମାଣକୁ ମାଟିରେ ମିସାଇବା ବାକି ରହିଛି। ଗୁରୁବାର ଏହା କରାଯିବ ବୋଲି କୁହାଯାଇଛି। ୩ କୋଟି ଟଙ୍କା ମୂଲ୍ୟରେ ୩ ବିଘା ଜମିରେ ନିର୍ମିତ ଏହି କୋଠିରେ ୭୦ରୁ ଅଧିକ କୋଠରୀ ରହିଥିଲା। ଏହିଠାରେ ରହି ସେ ଧର୍ମାନ୍ତରଣର ନେଟ୍‌ୱର୍କ ଚଳାଉଥିଲା। ସାଥିରେ ନୀତୁର ଧର୍ମପରିବର୍ତ୍ତନ କରି ତାକୁ ନାସରିନ ବନାଇଥିଲା ଏହି ବାବା। ପୁଲିସ ତା ନାମରେ ୫୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଥିଲା। ତଦନ୍ତ ଆଗକୁ ଚାଲିଲେ ଆହୁରି ବହୁତ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।

### ୪୦ ଆକାଉଣ୍ଟରେ ୧୦୬ କୋଟି ଟଙ୍କା
### କୋଠିରେ ୬ ଜର୍ମାନୀ ସେଫର୍ଡ, ୧ ଘୋଡ଼ା



ଗରିବ, ଶ୍ରମିକ, ବିଧବା, ନିସହାୟ ମହିଳା, ଅତି ଗରିବଶ୍ରେଣୀ ଲୋକଙ୍କୁ ଆର୍ଥିକ ସହାୟତା, ବିବାହ କରାଇଦେବାର ପ୍ରଲୋଭନ ଦେଖାଇ ସେ ସେମାନଙ୍କ ଧର୍ମ ପରିବର୍ତ୍ତନ କରୁଥିଲା। ଅବଶ୍ୟକ ପଡ଼ିଲେ ସେ ଏଥିପାଇଁ ବଳ ପ୍ରୟୋଗ ମଧ୍ୟ କରୁଥିଲା ବୋଲି ପୁଲିସ କହିଛି। ଛଙ୍ଗୁର ବାବାର ଆତଙ୍କବାଦୀଙ୍କ ସହ ସମ୍ପର୍କ ଥିଲା କି ନା ସେ ନେଇ ପୁଲିସ ତଦନ୍ତ ଚଳାଇଛି। ଏକଦା ସାଇକେଲର ପାର୍ଟ ବିକ୍ରି କରୁଥିବା ଏହି ବାବା ଗାଁ ମୁଖିଆ ହୋଇଥିଲା ଓ ଏହାପରେ ଜାଲ ବିଛାଇ କୋଟିପତି ହେବାରେ ସଫଳ ହୋଇଥିଲା। ଛଙ୍ଗୁର ବାବାର ଏହି କାର୍ଯ୍ୟକଳାପ କେବଳ ସାମାଜ ନୁହେଁ ଦେଶ ବିରୋଧରେ ଉଦିଷ୍ଟ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି।

## ଡାକ୍ତରଙ୍କ ଘରୁ 'ସ୍ପେସାଲ୍-୨୬' ଶୈଳୀରେ ଡକାୟତି

# ଭିଜିଲାନ୍ସ ଅଧିକାରୀ କହି ସର୍ବସ୍ୱ ଲୁଟିନେଲେ

ଡେରାବିଶ, ୧୦।୭(ସମିସ): ବଲିଉଡ୍ ସିନେମା 'ସ୍ପେସାଲ-୨୬' ଶୈଳୀରେ ଆଜି କିଛି ଦୁର୍ବୃତ୍ତ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରେ ଜଣେ ଡାକ୍ତରଙ୍କ ଘରୁ ଲୁଟ୍‌ପାଟ୍ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପାଖାପାଖି ୬ଜଣ ଦୁର୍ବୃତ୍ତ ନିଜକୁ ଭିଜିଲାନ୍ସ ଅଧିକାରୀ ପରିଚୟ ଦେଇ ଦିନ ଦି'ପହରରେ ଏହି ଘଟଣା ଘଟାଇଛନ୍ତି। ଲୁଟ୍‌ର ଶିକାର ଡାକ୍ତରଜଣଙ୍କ ହେଲେ, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି ଗାଁର ମହମ୍ମଦ ଜଲିଲ୍ ଅହମ୍ମଦ ଖାଁ। ଦୁର୍ବୃତ୍ତମାନେ ତାଙ୍କ ଘରୁ ୧୫୦ ଗ୍ରାମରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର, ନଗଦ ଦୁଇଲକ୍ଷ ଟଙ୍କା ଓ ତିନୋଟି ମୋବାଇଲ ଲୁଟି ନେଇଛନ୍ତି। ଡେରାବିଶ ପୁଲିସ୍ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।



ସୂଚନା ମୁତାବକ, ଆଜି ଅପରାହ୍ନ ପାଖାପାଖି ୨ଟାରେ ୩ଟି ବାଇକ୍‌ରେ ପାଖାପାଖି ୬ଜଣ ଲୋକ ଡାକ୍ତର ଖାଁଙ୍କ ଘର ପାଖରେ ପହଞ୍ଚିଥିଲେ। ଦୁଇଜଣ ଘର ବାହାରେ ରହିଥିବା ବେଳେ ଅନ୍ୟ ଚାରିଜଣ ଘର ଭିତରକୁ ପଶିଥିଲେ। ସେମାନେ ନିଜକୁ ଭିଜିଲାନ୍ସ ଅଧିକାରୀ ଓ ଭୁବନେଶ୍ୱରରୁ ଆସିଥିବା କହି ଚଢ଼ଉ କରିବାର ବାହାନା କରିଥିଲେ। ଜଲିଲ୍ ସେମାନଙ୍କ ପରିଚୟପତ୍ର ଓ ଚଢ଼ଉ ଜନିତ କାଗଜପତ୍ର ଦେଖାଇବା ପାଇଁ କହିବାରୁ ସେମାନେ ଓଲଟି ଧମକଚମକ ଦେଇଥିଲେ। ଅଯଥାରେ ପ୍ରଶ୍ନ ନକରି ସହଯୋଗ କର ବୋଲି ଧମକାଇଥିଲେ। ପରେ ସେମାନେ ଘରର ସମସ୍ତ ବ୍ୟକ୍ତିଙ୍କ ପାଖରୁ ସେମାନଙ୍କ ମୋବାଇଲ ନେଇଯାଇ ସେମାନଙ୍କୁ ଅଟକ ରଖିଥିଲେ। ପରେ ଘରେ ଲାଗିଥିବା ସମସ୍ତ ସିସିଟିଭି ସଂଯୋଗକୁ କାଟିଦେଇଥିଲେ। ଜଲିଲ ଓ ତାଙ୍କ ପରିବାର ରହୁଥିବା ପ୍ରତ୍ୟେକ ରୁମ୍‌କୁ ଯାଇ ସେଠାରେ ଥିବା ଆଲମିରା ଚାବି ଓ ଲକର୍ ଚାବି ମାଗିଥିଲେ। ପ୍ରତ୍ୟେକ ଘରର ଆଲମିରା ଓ ଲକର ଖୋଲି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଇତ୍ୟାଦି ବାହାର କରି ସେଗୁଡ଼ିକ ହିସାବ କରିବା ପାଇଁ ଗୋଟିଏ ସ୍ଥାନରେ ରଖିଥିଲେ। ଇତିମଧ୍ୟରେ ଜଲିଲ ଠକାମିର ଶିକାର ହେଉଥିବା ସନ୍ଦେହ କରି ବାରମ୍ବାର ସେମାନଙ୍କୁ ପ୍ରଶ୍ନ କରିବାରୁ ସେମାନେ ବିରକ୍ତିଭାବ ପ୍ରକାଶ କରିବା ସହିତ ଜଲିଲ, ତାଙ୍କ ସ୍ତ୍ରୀ, ପୁଅ ଓ ଭାଇଙ୍କୁ ଗୋଟିଏ କୋଠରିରେ ବନ୍ଦ କରିଦେଇ ବାହାରୁ କବାଟ ବନ୍ଦ କରିଦେଇଥିଲେ।

ପରେ ସେମାନେ ଘରର ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ। ପରିବାର ଲୋକେ ଡାକ ପକାଇବାରୁ ଜଲିଲଙ୍କ ପଡ଼ୋଶୀ, ପୁତୁରା ଆସି ସେମାନଙ୍କୁ କବାଟ ଖୋଲି ପଦାକୁ ବାହାର କରିଥିଲେ। ତେବେ ଦୁର୍ବୃତ୍ତମାନେ ପାଖାପାଖି ଦେଢ଼ ଘଣ୍ଟା ଧରି ଏହି ଜଲିଲଙ୍କ ଘରୁ ଲୁଟପାଟ୍ କରି ଫେରାର୍ ହୋଇଯାଇଥିଲେ ମଧ୍ୟ ପଡ଼ୋଶୀ ଏହାର କୌଣସି ସୁରାକ ପାଇ ନ ଥିଲେ।

## ଜମିରେ ପାଣି ମଡ଼ାଇବା ବେଳେ ଅଘଟଣ

# ବିଦ୍ୟୁତ୍ ଆଘାତରେ ଶଳା-ଭିଣୋଇ ମୃତ

କୋକସରା,୧୦।୭(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ଥାନା ବଡ଼ପୋଡ଼ାଗୁଡ଼ାରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜମିରେ ପାଣି ମଡ଼ାଇବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତ ଚାଷୀଦ୍ୱୟ ହେଲେ, ବଡ଼ପୋଡ଼ାଗୁଡ଼ା ଗ୍ରାମର ଧନୁର୍ଯ୍ୟ ମଶ୍ରା ଓ କଛାରପଡାର ଅନିରୁଦ୍ଧ ନାଏକ। ସେମାନେ ସଂପର୍କରେ ଶଳା-ଭିଣୋଇ ବୋଲି ଜଣାଯାଇଛି।





ସକାଳୁ ସକାଳୁ ଅନିରୁଦ୍ଧ ଓ ଧନୁର୍ଯ୍ୟ ବଡ଼ପୋଡାଗୁଡା ମୁଟୁରା ନଦୀକୂଳରେ ଥିବା ଚାଷ ଜମିକୁ ପାଣି ମଡ଼ାଇବାକୁ ଯାଇଥିଲେ। ଚାଷ ଜମିରେ ପମ୍ପ ଯୋଗେ ପାଣି ମଡ଼ାଉଥିବା ସମୟରେ ସେମାନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଆମପାଣି ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଉଭୟ ଅନିରୁଦ୍ଧ ଓ ଧନୁର୍ଯ୍ୟ ଗରିବ ଶ୍ରେଣୀର। ସେମାନେ ଘରର ମୁରବୀ ଥିଲେ। ସେମାନଙ୍କ ରୋଜଗାରରେ ପରିବାର ଚାଲୁଥିଲା। ଏହି ଘଟଣା ପରେ ସେମାନଙ୍କ ପରିବାରଲୋକେ ଭାଙ୍ଗି ପଡିଛନ୍ତି। ଘଟଣା ପରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସରକାରୀ ସହାୟତା ପାଇଁ ଦାବି କରିଛନ୍ତି। ସେହିଭଳି ଉଭୟଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଗାଁ ଲୋକେ ମଧ୍ୟ ଦାବି କରିଛନ୍ତି।

## ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ

# ସରକାର ଭୁଲିଗଲେ ରାଜ୍ୟବାସୀଙ୍କ ସ୍ୱାର୍ଥ

**■ କେବଳ ଅପହଞ୍ଚ ଅଞ୍ଚଳରେ ବ୍ୟାଙ୍କ ସେବା ଦାବି**
**■ ନିଜକୁ ନିଜେ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ ମୋହନ**

ଭୁବନେଶ୍ୱର,୧୦।୭(ସମିସ): ରାଞ୍ଚିଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ କରିବେ ବୋଲି ଆଶା ରଖିଥିଲେ ରାଜ୍ୟବାସୀ। ମାତ୍ର ଏହି ଦିନିକିଆ ବୈଠକରେ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉତ୍ଥାପନ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀ କେବଳ ନିଜ ସରକାରଙ୍କ ପ୍ରଶଂସା ଗାଇଛନ୍ତି ଓ ନିଜ ପିଠି ନିଜେ ଥାପୁଡ଼େଇଛନ୍ତି। ମାଳମାଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସରକାରଙ୍କ ପାଇଁ ଗୌଣ ହୋଇ ଯାଇଛି। କେନ୍ଦ୍ରୀୟ ସହାୟତା ହ୍ରାସ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା, ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା, ୧୬୨ରୁ ଉର୍ଦ୍ଧ୍ୱ ବର୍ଗଙ୍କୁ ଅନୁସୂଚୀତ ଜାତି ମାନ୍ୟତା, କୋଇଲା ରାଜଭାଗ ବୃଦ୍ଧି, ଗ୍ରୀନ୍ ସେସ୍‌ରୁ ଭାଗ, ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ସ୍ଥାପନ, ଉପାନ୍ତ ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପରି ରାଜ୍ୟବାସୀଙ୍କ ଅନେକ ଦାବି ଏହି ବୈଠକରେ ସରକାର ଉଠାଇନାହାନ୍ତି। ତେବେ ରାଜ୍ୟର ୬୭୯୪ଟି ଗ୍ରାମ ପଞ୍ଚାୟତରୁ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ଉପଲବ୍ଧ ନଥିବା ୪୩୭୩ ପଞ୍ଚାୟତରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚ ସ୍ଥାପନ କରିବା ପାଇଁ ଗୋଟିଏ ଦାବି କରିଛନ୍ତି। ଅନ୍ୟପକ୍ଷରେ ବୈଠକରେ ମୁଖ୍ୟମନ୍ତ୍ରୀ ନିଜ ସରକାରଙ୍କ ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବୈଠକରେ ବଖାଣିଛନ୍ତି।

ପୂର୍ବରୁ କ୍ଷେତ୍ରୀୟ ପରିଷଦ ବୈଠକଗୁଡ଼ିକରେ ତତ୍‌କାଳୀନ ରାଜ୍ୟ ସରକାର ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଲଗାତାର ଭାବେ ଉତ୍ଥାପନ କରି ଆସୁଥିଲେ। କୋଇଲା ରାଜଭାଗ, ବୃଦ୍ଧି, ରାଜ୍ୟରେ ଟେଲିକମ୍ ସେବାର ଉନ୍ନତିକରଣ, ବିଭିନ୍ନ ସମ୍ପ୍ରଦାୟକୁ ଜନଜାତିର ମାନ୍ୟତା ପ୍ରଦାନ ଦାବି ସହ କେନ୍ଦ୍ରୀୟ ଅନୁଦାନରେ ଅର୍ଥ ହ୍ରାସକୁ ନେଇ ଉଦବେଗ ପ୍ରକାଶ କରୁଥିଲେ। ମାତ୍ର କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାନ୍ତି । ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପୃଷ୍ଟି ମିଶନ, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା, ଆମେ ପଢ଼ିବା ଆମ ଭାଷାରେ, ଗୋପବନ୍ଧୁ-ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନା, ଜାତୀୟ ଶିକ୍ଷା ନୀତି-୨୦୨୦ର ଲାଗୁ ହେବା, ରାଜ୍ୟରେ ଫାଷ୍ଟଟ୍ରାକ କୋର୍ଟର ପ୍ରତିଷ୍ଠା, ସହରାଞ୍ଚଳ ମାଷ୍ଟର ପ୍ଲାନ, ଶ୍ରୀ ଅନ୍ନ ଅଭିଯାନ, ଶକ୍ତି କ୍ଷେତ୍ରରେ ସଂସ୍କାର ମୂଳକ ନୀତି କଥା ବଖାଣିଛନ୍ତି। ଏହାବ୍ୟତୀତ ରାଜ୍ୟରେ ଗ୍ରାମ ପଞ୍ଚାୟତସ୍ତରରେ ବ୍ରିକ୍ସ ଓ ମୋର୍ଟାର ବ୍ରାଞ୍ଚର ଉପଲବ୍ଧତା ନେଇ ନିଜର ଉଦବେଗ ପ୍ରକାଶ କରିଛନ୍ତି। ଯେଉଁ ପଞ୍ଚାୟତରେ ଏହି ସେବା ଉପଲବ୍ଧ ନାହିଁ, ସେଠାରେ ରାଜ୍ୟ ସରକାର ୬ଟି ବ୍ୟାଙ୍କ ସହ ଆଲୋଚନା କରି ଗ୍ରାହକ ସେବା କେନ୍ଦ୍ର(ସିଏସପି) ଆଉଟଲେଟ ଖୋଲିବାର ବ୍ୟବସ୍ଥା କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୨୭୪୨ଟି ସିଏସପି ଆଉଟଲେଟ ଖୋଲା ଯାଇଥିବା ବେଳେ ବଳକା ୧୬୩୧ ଗ୍ରାମ ପଞ୍ଚାୟତରେ ଖୁବଶୀଘ୍ର ଖୋଲାଯିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ବୈଠକରେ ରାଜ୍ୟ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସୂଚନା ଦେବାରେ କୌଣସି ଅସ୍ୱାଭାବିକତା ନାହିଁ। ତେବେ ରାଜ୍ୟର ମୌଳିକ ସମସ୍ୟା, ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ସମ୍ପର୍କରେ ଉତ୍ଥାପନ ନକରି ଏକ ବଡ଼ ସୁଯୋଗ ହାତଛଡ଼ା କରିଛନ୍ତି ବୋଲି ମତପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ବାରମ୍ବାର ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶର ପ୍ରୟୋଗଶାଳା ହେବ ବୋଲି କହି ଆସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ମୁଖରତାର ସହ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଉତ୍ଥାପନ କରିବା ଜରୁରୀ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଫଂସର ଫାଟିଲା ସରକାରୀ ଷଡ଼ଯନ୍ତ୍ର

## ରାହୁଲଙ୍କ ସଭାକୁ ଯାଉଥିବା ଗାଡ଼ିକୁ ରୋକିବନି ମହାସଂଘ

**■ ଡ୍ରାଇଭର ସଂଘର ସହଯୋଗ ଲୋଡ଼ିଥିଲେ ପିସିସି ସଭାପତି**
**■ କଂଗ୍ରେସର ସବୁ ଗାଡ଼ିକୁ ଛାଡ଼ିବାକୁ ସଂଘ ସଭାପତିଙ୍କ ବାର୍ତ୍ତା**

ଭୁବନେଶ୍ୱର,୧୦।୭(ସମିସ): ରାହୁଲ ଗାନ୍ଧୀଙ୍କ ସମାବେଶକୁ ଆସୁଥିବା ସବୁ ଗାଡ଼ି ଛାଡ଼ିବା ପାଇଁ ନିଷ୍ପତ୍ତି ନେଇଛି ଓଡ଼ିଶା ଡ୍ରାଇଭର ମହାସଂଘ । ସଭାପତି ପ୍ରଶାନ୍ତ ମେଣ୍ଡୁଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ରାହୁଲଙ୍କ ସଭାକୁ ଆସୁଥିବା ଗାଡ଼ିଗୁଡ଼ିକୁ ଛାଡ଼ିଦେବା ପାଇଁ ଆନ୍ଦୋଳନରତ ଡ୍ରାଇଭରମାନଙ୍କୁ ବାର୍ତ୍ତା ପଠାଇଛନ୍ତି। ସେ କହିଛନ୍ତି ଯେ ଶୁକ୍ରବାର ରାହୁଲ ଗାନ୍ଧୀ ଭୁବନେଶ୍ୱର ଆସୁଛନ୍ତି; ତେଣୁ ପିସିସି ସଭାପତିଙ୍କଠାରୁ ଆରମ୍ଭ କରି ବିଧାୟକମାନେ କଂଗ୍ରେସ କର୍ମୀମାନଙ୍କୁ ଆଣୁଥିବା ଗାଡ଼ି ଛାଡ଼ିବା ପାଇଁ ନିବେଦନ କରିଥିଲେ। ସେମାନଙ୍କୁ କୌଣସି ହଇରାଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏହି ଆଧାରରେ କଂଗ୍ରେସ କର୍ମୀମାନେ ଯାଉଥିବା କୌଣସି ଗାଡ଼ିକୁ ଆନ୍ଦୋଳନରତ ଡ୍ରାଇଭରମାନେ ନ ଅଟକାଇବାକୁ ଶ୍ରୀ ମେଣ୍ଡୁଲି କହିଛନ୍ତି। ଏହାସହିତ ଏହି ଗାଡ଼ିଗୁଡ଼ିକ ଯେଉଁ ଚାଳକମାନେ ଚଳାଉଛନ୍ତି, ତାଙ୍କୁ ମଧ୍ୟ କୌଣସି ହଇରାଣ କରାଯିବ ନାହିଁ ବୋଲି ସେ କହିଛନ୍ତି।

ଡ୍ରାଇଭର ମହାସଂଘର ସଭାପତିଙ୍କ ଏଭଳି ବାର୍ତ୍ତା ପରେ କଂଗ୍ରେସକୁ ଆଶ୍ୱସ୍ତି ମିଳିଛି। ଡ୍ରାଇଭରମାନଙ୍କ ଦାବି ପୂରଣ ଦିଗରେ ସରକାର ଦେଖାଉଥିବା ଉଦାସୀନତା ଓ କଂଗ୍ରେସ ସମାବେଶକୁ ଭୁଣ୍ଡର ପାଇଁ ସରକାରୀ ଦଳ ରଚିଥିବା ପରୋକ୍ଷ ଷଡ଼ଯନ୍ତ୍ର ଫଂସର ଫାଟିଥିବା ଚର୍ଚ୍ଚା ହେଉଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତକୁ ନେଇ ରାଜ୍ୟ କଂଗ୍ରେସ ବ୍ୟାପକ ଆୟୋଜନ କରିଛି। 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ରାହୁଲ ଯୋଗ ଦେଇ ଓଡ଼ିଶାର କଂଗ୍ରେସ ନେତା ଓ କର୍ମୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବରମୁଣ୍ଡା ପଡିଆରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାହୁଲଙ୍କ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡ଼ିଶାର କୋଣ ଅନୁକୋଣରୁ ବହୁ କଂଗ୍ରେସ କର୍ମୀ ରାଜଧାନୀମୁହାଁ ହୋଇଛନ୍ତି। ଏହି ସମୟରେ ରାଜ୍ୟରେ ଜାରି ରହିଥିବା ଡ୍ରାଇଭର ସଂଘର ଆନ୍ଦୋଳନ କଂଗ୍ରେସ ପାଇଁ ଆହ୍ୱାନ ସୃଷ୍ଟି ହୋଇଥିଲା। ଏହା ପଛରେ ସରକାରୀ ଷଡ଼ଯନ୍ତ୍ର ଥିବା କଂଗ୍ରେସ ଗନ୍ଧ ବାରିଥିଲା। ରାହୁଲଙ୍କ ସମାବେଶକୁ ଭଣ୍ଡୁର ପାଇଁ ଡ୍ରାଇଭରଙ୍କ ଦାବି ପୂରଣକୁ ଜାଣିଶୁଣି ସରକାର ବିଳମ୍ବିତ କରୁଛନ୍ତି ବୋଲି କଂଗ୍ରେସ ନେତାମାନେ କହିବା ସହ କ୍ଷମତାରେ ଥିବା ବିଜେପିର ଏଭଳି ଆଭିମୁଖ୍ୟକୁ ବରଦାସ୍ତ କରାଯିବନି ବୋଲି ପିସିସି ସଭାପତି ଚେତାବନୀ ଦେଇଥିଲେ।

ଅନ୍ୟପଟେ ଡ୍ରାଇଭର ସଂଘକୁ ଗୋଟିଏ ଦିନ ଆନ୍ଦୋଳନ ପ୍ରତ୍ୟାହାର କିମ୍ବା କଂଗ୍ରେସର ଗାଡ଼ିଗୁଡ଼ିକୁ ଛାଡ଼ିଦେବା ପାଇଁ ପିସିସି ସଭାପତି ଅନୁରୋଧ କରଥିଲେ। କଂଗ୍ରେସ କର୍ମକର୍ତ୍ତାଙ୍କୁ ଆଣୁଥିବା ଗାଡିକୁ କୌଣସି ସ୍ଥାନରେ ନ ଅଟକାଇବାକୁ ନିବେଦନ କରିଥିଲେ। ଡ୍ରାଇଭର ଆନ୍ଦୋଳନକୁ କଂଗ୍ରେସ ସମର୍ଥନ ଦେଇଛି ଓ ଆଗାମୀ ଦିନରେ ବ୍ଲକ ଏବଂ ଜିଲ୍ଲା ସ୍ତରରେ ମଧ୍ୟ କଂଗ୍ରେସ କର୍ମୀ ଡ୍ରାଇଭରମାନଙ୍କ ସହ ଆନ୍ଦୋଳନରେ ଅଂଶ ଗ୍ରହଣ କରିବେ ବୋଲି ସେ କହିଥିଲେ। ପିସିସି ସଭାପତି ଆହୁରି କହିଥିଲେ ଯେ ରାହୁଲଙ୍କ ଗସ୍ତକୁ ଡ୍ରାଇଭର ମହାସଂଘ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିଲେ ଆମେ କୃତଜ୍ଞ ହେବୁ। ବିଜେପି ସରକାର ଜାଣିଶୁଣି ଡ୍ରାଇଭରଙ୍କ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ଗଡ଼େଇ ଚାଲିଛି। ଡ୍ରାଇଭର ମହାସଂଘର କାନ୍ଧରେ ବନ୍ଧୁକ ରଖି କଂଗ୍ରେସର ମହାସମାବେଶରେ ପ୍ରତିବନ୍ଧକ ସୃଷ୍ଟି କରିବାପାଇଁ ବିଜେପି ପ୍ରୟାସ କରୁଛି ବୋଲି କଂଗ୍ରେସ କହିଛି ।

# ପୋଖରୀରେ ବୁଡ଼ି ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ

ଟିଟିଲାଗଡ଼,୧୦।୭(ସମିସ): ଟିଟିଲାଗଡ଼ କୁମୁଡ଼ା ପାହାଡ଼ ଉପରେ ଥିବା ପୋଖରୀରେ ବୁଡ଼ି ଜଣେ ବି.ଟେକ୍ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗୋଳାବାରୁଦ କାରଖାନା ଟାଉନ ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ସେକ୍ସନ୍‌ର ଜୁନିଅର ୱର୍କସ୍ ମ୍ୟାନେଜର୍ ସୁନୀଲ କୁମାର ଗହିରଙ୍କ ପୁଅ ବିପୁଳ ଗହିର(୧୮)। ବିପୁଳ



ଭିସୁଟ୍ ବୁର୍ଲା କଲେଜର ବି.ଟେକ୍ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ସୂଚନାନୁଯାୟୀ, ବିପୁଳଙ୍କ ସହ ୯ଜଣ ଏକାଠି ହୋଇ ଟିଟିଲାଗଡ଼ର ହୋଟେଲ ଡିଏନ୍ ରିସୋର୍ଟକୁ ଖାଇବାକୁ ଆସିଥିଲେ। ହୋଟେଲର ସୁଇମିଂପୁଲ କାର୍ଯ୍ୟକ୍ଷମ ନ ଥିବାରୁ ସେମାନେ ହୋଟେଲରେ ଖାଇବା ଅର୍ଡର୍ ଦେଇ କୁମୁଡ଼ା ପାହାଡ଼ ଉପରେ ଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସନ୍ତରଣ ଜାଣି ନଥିବା ସବୁ ସାଙ୍ଗ ମେଳି ହୋଇ ପୋଖରୀକୁ ପଶିଥିବା ବେଳେ ଗୋଡ଼ ଖସିଯିବାରୁ ବୁଡ଼ି ଯାଇଥିଲେ। ପାହାଡ଼ ଉପରେ ଥିବା କିଛି ଯୁବକ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ବିପୁଳଙ୍କୁ ମୃତ ଘୋଷଣା କରିଥିଲେ।

# ଆତ୍ମସମର୍ପଣ କଲେ ୧୨ ମାଓବାଦୀ

ମାଲକାନଗିରି,୧୦।୭(ସମିସ): ଛତିଶଗଡର ଦନ୍ତେୱାଡା ଜିଲ୍ଲାରେ ପୁଲିସ ସମ୍ମୁଖରେ ୧୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିମଧ୍ୟରୁ ୯ ଜଣ ମାଓବାଦୀଙ୍କ ଉପରେ ମୋଟ ୨୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ଏହି ମାଓବାଦୀମାନେ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ ରହି ଅନେକ ହିଂସାକାଣ୍ଡରେ ସଂପୃକ୍ତ ଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦୫ ଜଣ ନକ୍ସଲ ହିଂସାର ପଥ ଛାଡି ପୁନର୍ବାସିତ ହୋଇଛନ୍ତି, ଯେଉଁଥିରେ ୨୦୫ ଜଣ ପୁରସ୍କୃତ ନକ୍ସଲ ମଧ୍ୟ ସାମିଲ ଅଛନ୍ତି।

ଛତିଶଗଡର ସୁକୁମା ଜିଲ୍ଲାରେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡଛନ୍ତି ୬ ଜଣ ମାଓବାଦୀ। କୋଣ୍ଟା ଥାନା ଅଞ୍ଚଳରୁ ଦୁଇ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଥିବା ବେଳେ ବେଜି ଥାନା ଅଞ୍ଚଳରୁ ୪ ଜଣଙ୍କୁ ଗିରଫ କରାଯାଇଛି।

## ପାଦରୁ ଲିଭିନି ଅଳତା, ଲିଭିଗଲା ମଥା ସିନ୍ଦୂର

# ଦୋଛକିରେ ମୃତ ଯବାନଙ୍କ ନବବିବାହିତା ପତ୍ନୀ

**■ ପରିବାରଲୋକଙ୍କ ଅଗୋଚରରେ କରିଥିଲେ ବିବାହ**
**■ ବୋହୂ ଭାବେ ସ୍ୱୀକାର କରିବାକୁ ଶାଶୂଘର ଅରାଜି**

ଜଗତସିଂହପୁର, ୧୦।୭(ସମିସ): ଦୀର୍ଘ ଦିନ ଧରି ପରସ୍ପରକୁ ଭଲ ପାଇବା ପରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ପରିବାରଲୋକ ରାଜି ନ ହେବାରୁ ଜଗନ୍ନାଥଙ୍କୁ ସାକ୍ଷୀ ରଖି ମନ୍ଦିରରେ ବିବାହ କଲେ। କିନ୍ତୁ, ନିଷ୍ଠୁର ଦଇବ ସେମାନଙ୍କ ଖୁସି ସହିଲାନି। ହାତରୁ ମେହେନ୍ଦି, ପାଦରୁ ଅଳତା ଲିଭିବା ଆଗରୁ ପ୍ରେମିକା ମଥାରୁ ସିନ୍ଦୂର ପୋଛିନେଲା। ବିବାହକୁ ୫ଦିନ ନ ପୂରୁଣୁ ବିଧବା ସଜାଇଦେଲା। ଦୁଃଖ ସେତିକିରେ ସରିଲାନି; ଏବେ ପୁଅଘର ଲୋକ ଯୁବତୀଙ୍କୁ ବୋହୂ ଭାବେ ସ୍ୱୀକାର କରିବାକୁ ନାରାଜ। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣେ ଯବାନଙ୍କ ନବବିବାହିତ ପତ୍ନୀ ଏବେ ଏମିତି ଦୋଛକରେ ପଡ଼ିଛନ୍ତି। କ'ଣ କରିବେ, କୋଉଠି ରହିବେ; ତାଙ୍କୁ କିଛି ବୁଦ୍ଧିବାଟ ଦିଶୁନି। ଜଗତସିଂହପୁର ଜିଲ୍ଲାରେ ଘଟିଥିବା ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ନାଉଗାଁ ଥାନା ଅରଖକୁଦ ଗ୍ରାମର ପ୍ରଭାସ ନାୟକ ସୈନ୍ୟବାହିନୀରେ ଚାକିରି କରନ୍ତି। ସେ ସଦର ଥାନା ଅନ୍ତର୍ଗତ ତୁମ୍ବୀଅଣ୍ଡେଇସାହି ଗ୍ରାମର ପ୍ରଫୁଲ ମହାନ୍ତିଙ୍କ ଝିଅ ସନ୍ଧ୍ୟାରାଣୀଙ୍କୁ ଦୀର୍ଘ ଦିନ ଧରି ଭଲ ପାଇ ଆସୁଥିଲେ। କିନ୍ତୁ ଉଭୟଙ୍କ ସଂପର୍କରେ ପରିବାରଲୋକ ରାଜି ନ ହେବାରୁ ଦୁହେଁ କୋର୍ଟ ମ୍ୟାରେଜ୍ କରିଥିଲେ। ଦୀର୍ଘ ଦିନ ଧରି ସଂପର୍କରେ ରହିବା ପରେ ଏହାକୁ ବିବାହର ମାନ୍ୟତା ଦେବା ପାଇଁ ଦୁହେଁ ସ୍ଥିର କରିଥିଲେ। ତେଣୁ ୫ ଦିନ ତଳେ ନିଜର କିଛି ବନ୍ଧୁ, ସହଯୋଗୀଙ୍କୁ ନେଇ ବିରିଡ଼ି ଥାନା ଅନ୍ତର୍ଗତ ଧାନକୁଦ ପୀଠରେ ବିବାହ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ସାକ୍ଷୀ ରଖି ପରସ୍ପରର ହାତ ଧରିଥିଲେ। ବିବାହ ପରେ ଉଭୟେ ସଂଧାରାଣୀଙ୍କ ମାମୁଘରେ ରହୁଥିଲେ। କିନ୍ତୁ ଦୁହିଁଙ୍କ ଖୁସି ବିଧାତା ଦେହରେ ଗଲାନି। ଗତକାଲି ରାତିରେ ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ନିକଟରେ ଏକ ଦୁର୍ଘଟଣାରେ ପ୍ରଭାସଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ତାଙ୍କର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କିନ୍ତୁ ପ୍ରଭାସଙ୍କ ନବବିବାହିତ ପତ୍ନୀ ସନ୍ଧ୍ୟାରାଣୀଙ୍କୁ ଶାଶୂଘର ଲୋକେ ଗ୍ରହଣ କରୁନାହାନ୍ତି। ସେମାନେ ଏ ବିବାହକୁ ଅସ୍ୱୀକାର କରୁନଥିବା ଜଣାପଡ଼ିଛି। ବିବାହର ମାତ୍ର ୫ଦିନ ମଧ୍ୟରେ ସ୍ୱାମୀ ଆରପାରିକୁ ଚାଲିଯିବା ଭଳି ଦୁଃଖ ସାଙ୍ଗକୁ ଶାଶୂଘର ଲୋକେ ଗ୍ରହଣ ନ କରିବା; ସନ୍ଧ୍ୟାରାଣୀଙ୍କ ଭାଗ୍ୟ ଓ ଭବିଷ୍ୟତକୁ ଏକ ଅନିଶ୍ଚିତତା ଭିତରକୁ ଠେଲି ଦେଇଛି।

# ମନୋଜ ମହାନ୍ତି ଓପିଏସ୍‌ସି ସଦସ୍ୟ ମନୋନୀତ

ଭୁବନେଶ୍ୱର,୧୦।୭(ସମିସ): ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମନୋଜ କୁମାର ମହାନ୍ତି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ତାଙ୍କ କାର୍ଯ୍ୟକାଳ ୬ବର୍ଷ କିମ୍ବା ତାଙ୍କୁ ୬୨ବର୍ଷ ବୟସ ହେବା ପର୍ଯ୍ୟନ୍ତ ରହିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ମହାନ୍ତି ପୂର୍ବରୁ ଅତିରିକ୍ତ ସଚିବ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ କାର୍ଯ୍ୟରତ ଥିଲେ।



# ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ଭବାନୀପାଟଣା,୧୦।୭(ସମିସ): କଳାହାଣ୍ଡି ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଅନୁପ ରଞ୍ଜନ ପଟ୍ଟନାୟକ ଗୁରୁବାର ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ଭବାନୀପାଟଣା ସହରର ଦୟାନିଧି ଛକରେ ୨୦୨୦ ମସିହାରେ ରିକ୍ସା ପାର୍କିଂକୁ ନେଇ ଘଟିଥିବା ହତ୍ୟା ଘଟଣାର ଅଭିଯୁକ୍ତକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ବାହାଦୂର ବଗିଚାପଡାର ପୂର୍ଣ୍ଣ ମେହେରକୁ ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାକୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ମାସ ଅତିରିକ୍ତ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ରାୟ ପ୍ରକାଶ ପାଇଛି। ୨୦୨୦ ମସିହା ଜୁଲାଇ ୧୩ ତାରିଖରେ ରିକ୍ସା ପାର୍କିଂକୁ ନେଇ ଅଭିଯୁକ୍ତ ପୂର୍ଣ୍ଣ ଭବାନୀପାଟଣା ସହର ବଡ଼ପଡାର ପିଲା ବାଗଙ୍କୁ କାତିରେ ଗଳା କାଟି ହତ୍ୟା କରିଥିଲା। ଏହି ଘଟଣାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ସ୍ୱତନ୍ତ୍ର ପିପି ଜିତେନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

## ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜଧାନୀରେ ମହିଳା ବିଜେଡିର ସ୍ୱାଭିମାନ ରାଲି, କୁଶପୁତ୍ତଳିକା ଦାହ

**■ ବିଧାୟକଙ୍କୁ ତୁରନ୍ତ ଗିରଫ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର ପ୍ରଦାନ**
**■ କାର୍ଯ୍ୟାନୁଷ୍ଠାନ ନ ହେଲେ ପ୍ରତି ଜିଲ୍ଲାରେ ଆନ୍ଦୋଳନ ଚେତାବନୀ**

ଭୁବନେଶ୍ୱର,୧୦।୭(ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ନୀଳଗିରିର ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ଗୁରୁବାର ରାଜଧାନୀରେ ରାଜରାସ୍ତାକୁ ଓହ୍ଲାଇଛି ମହିଳା ବିଜୁ ଜନତା ଦଳ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଜେଡିର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯାଇ ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି, ଜଣେ ମହିଳାଙ୍କ ପ୍ରତି ବିଜେପି ବିଧାୟକଙ୍କ ଏପରି କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧ ହୋଇ ବିଜେପିର ବିଧାୟକମାନେ ନୀତି-ନୈତିକତା ଭୁଲି ଯାଉଛନ୍ତି। ବିଜେପି ସରକାରରେ ମହିଳା କେତେ



ଅସୁରକ୍ଷିତ, ତାହା ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଜଣେ ମହିଳାଙ୍କ ପ୍ରତି ଶ୍ରୀ ଖଟୁଆଙ୍କ ଏପରି ଅଶାଳୀନ ବ୍ୟବହାର ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଅପରାହ୍ନରେ ଏକ ପ୍ରତିନିଧିମଣ୍ଡଳୀ ପୁଲିସ ଡିଜି ୱାଇ ବି ଖୁରାନିଆଙ୍କୁ ତାଙ୍କ ଭୁବନେଶ୍ୱର କ୍ୟାମ୍ପ ଅଫିସରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଥିଲା।

ଦଳର ବରିଷ୍ଠ ନେତ୍ରୀମାନଙ୍କ ଅଭିଯୋଗ ଅନୁଯାୟୀ ବିଜେପି ସରକାରକୁ ଆସିବା ଦିନରୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ବିଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ଦୁଷ୍କର୍ମ ହାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଉତ୍ସବରେ ମାତି ବିଜେପି ସରକାର ମହିଳାଙ୍କ ସମ୍ମାନକୁ ଭୁଲି ଯାଇଛନ୍ତି। ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲ୍ଲାରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିବାଦ ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ, ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର, ଡଃ ଲେଖାଶ୍ରୀ ସାମନ୍ତସିଂହାର, ଡେପୁଟୀ ମେୟର ମଞ୍ଜୁଲତା କହଁର, ଗୀତାଞ୍ଜଳି ରାଉତରାୟ ପ୍ରମୁଖ ସାମିଲ୍ ଥିଲେ।

# ଘରୁ ରାଗି ପଳାଇଥିବା ନାବାଳିକା ଚେନ୍ନାଇରୁ ଉଦ୍ଧାର

ବୌଦ୍ଧ, ୧୦।୭ (ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କୁ ପୁଲିସ୍ ଚେନ୍ନାଇରୁ ଉଦ୍ଧାର କରିଛି। ତାଙ୍କୁ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମେ' ୩୦ରୁ ସେ ନିଖୋଜ ଥିଲେ। କୌଣସି କଥାକୁ ନେଇ ନାବାଳିକାଜଣଙ୍କ ଘରୁ ରାଗି ଟ୍ରେନ୍‌ରେ ଚେନ୍ନାଇ ପଳାଇ ଯାଇଥିଲେ। ସେଠାରେ ରହୁଥିବା ଅନୁଗୋଳ ଅଞ୍ଚଳର ଏକ ଦମ୍ପତି ତାଙ୍କୁ ଆଶ୍ରୟ ଦେଇଥିଲେ। ପରେ ପରିବାରକୁ ଫୋନ ଯୋଗେ ସୂଚନା ଦେଇଥିଲେ। ଘରଲୋକେ ଜାଣିବା ପରେ ହରଭଙ୍ଗା ଥାନାରେ ଜଣାଇଥିଲେ। ଆଇଆଇସି ନଳିନୀକାନ୍ତ ଦାଶ ଏକ ଟିମ ଗଠନ କରି ଚେନ୍ନାଇ ପଠାଇଥିଲେ। ନାବାଳିକାଙ୍କୁ ଉଦ୍ଧାର ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଜିଲ୍ଲା ଖଣିଜ ପାଣ୍ଠି ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

■ ୱେବସାଇଟରେ ସବୁ ତଥ୍ୟ ଦେବାକୁ କୁଣ୍ଠକୁଣ୍ଠ
■ ଅଭିଯୋଗ ପରେ ବି ଚୁପ୍ ବସିଛନ୍ତି ଅଧିକାରୀ

ତାଳଚେର ସହର, (ଦୁର୍ଗାପ୍ରସାଦ ସ୍ୱାଇଁ)୧୦।୭

ଗଣତନ୍ତ୍ରରେ ସରକାର ଓ ପ୍ରଶାସନ ଉଭୟ ଦେଶ ତଥା ରାଜ୍ୟରେ ଶାସନ ଚଳାନ୍ତି। ଲୋକଙ୍କ ହିତପାଇଁ ଲକ୍ଷ ଲକ୍ଷ କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ ହୁଏ। ଏହି ସବୁ କାମ ନିୟମ ଅନୁଯାୟୀ ହେବା ଦରକାର ଓ ସ୍ୱଚ୍ଛତା ଦୃଷ୍ଟିରୁ ପ୍ରତ୍ୟେକ କାମର ହିସାବ ଜନତାଙ୍କ ପାଖରେ ପହଞ୍ଚିବା ନିହାତି ଜରୁରୀ। ତେବେ ଯାଇ ସରକାର ଉପରେ ଲୋକଙ୍କ ଭରସା ରହିବ। କିନ୍ତୁ ଏହାକୁ ନା ସରକାର ନା ପ୍ରଶାସନ, କେହି ବି ମାନୁନାହାନ୍ତି। ଫଳରେ ସରକାର ଓ ପ୍ରଶାସନ ଉପରେ ସବୁବେଳେ ଦୁର୍ନୀତିର ଅଭିଯୋଗ ଆସୁଛି। ଏଭଳି ଅଭିଯୋଗ ଆସିଛି ଅନୁଗୋଳ ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ ଉପରେ ଯାହାକୁ ନେଇ ଅଡୁଆରେ ଅଧିକାରୀ। ସୂଚନା ମୁତାବକ ଖଣିଖାଦାନ ଥିବା ଜିଲ୍ଲାରେ ସ୍ଥାନୀୟ ଅଞ୍ଚଳ ତଥା ଲୋକଙ୍କ ହିତ ପାଇଁ ଲାଗୁ ହୋଇଥିଲା ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା। ଏହି ଯୋଜନାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଗଠନ ହୋଇଥିଲା ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟ। ଏହି ଟ୍ରଷ୍ଟର କାମ ହେଲା ଖଣିଖାଦାନ ଦ୍ୱାରା ପ୍ରଭାବିତ ଲୋକ ଓ ଅଞ୍ଚଳ ପାଇଁ ଉନ୍ନତିମୂଳକ କାମ କରିବା। ନିୟମ ଅନୁଯାୟୀ ପ୍ରତ୍ୟେକ ଖଣି ଲିଜଧାରୀ ଦେଉଥିବା ରାଜସ୍ୱର ୩୦ ପ୍ରତିଶତ ରାଶି ଜିଲ୍ଲା ଖଣିଜ ପାଣ୍ଠି ଟ୍ରଷ୍ଟକୁ ପ୍ରତି ବର୍ଷ ପ୍ରଦାନ କରିବେ। ଏହି ଟଙ୍କାକୁ ନେଇ କାମ କରିବ ଟ୍ରଷ୍ଟ। ଅନୁଗୋଳ ଜିଲ୍ଲା ତାଳଚେର ସହରରେ ଥିବା ଏମସିଏଲ ବର୍ଷକୁ କୋଟି କୋଟି ଟଙ୍କା ଉକ୍ତ ଟ୍ରଷ୍ଟକୁ ଦେଉଛି। ଏହି ଟଙ୍କାରେ ମଧ୍ୟ ଅନେକ କାମ ହେଉଛି। କିନ୍ତୁ ଟ୍ରଷ୍ଟ କେବେହେଲେ ନିୟମକୁ ଠିକ୍ ଭାବେ ପାଳନ କରିନାହିଁ। ଓଡ଼ିଶା ଜିଲ୍ଲା ଖଣିଜ ପାଣ୍ଠି ନିୟମର ଧାରା ୧୬ ଅନୁଯାୟୀ ଟ୍ରଷ୍ଟ ପ୍ରତିବର୍ଷ ସମସ୍ତ ଖର୍ଚ୍ଚର ଅଡିଟ୍ କରି ସରକାରଙ୍କୁ ଦାଖଲ କରିବା ସହ ୱେବସାଇଟରେ ଏହି ତଥ୍ୟ ଅପଲୋଡ୍ କରିବା କଥା। କିନ୍ତୁ ୨୦୨୦-୨୧ ପରଠୁ କୌଣସି ତଥ୍ୟ ଅପଲୋଡ୍ କରାଯାଇନାହିଁ। ସେହିଭଳି ୧୭(୨) ଅନୁଯାୟୀ ଏକ୍‌ଜିକ୍ୟୁଟିଭ୍ କମିଟି ଓ ଟ୍ରଷ୍ଟ ବୋର୍ଡରେ ହୋଇଥିବା ସମସ୍ତ ମିଟିଂ ଓ ନିଆଯାଇଥିବା ନିଷ୍ପତ୍ତିର ବିବରଣୀ ୱେବସାଇଟରେ ଅପଲୋଡ୍ ହେବା କଥା। କିନ୍ତୁ ୨୦୨୦ ପରଠାରୁ କୌଣସି ତଥ୍ୟ ଅପଲୋଡ୍ ହୋଇନାହିଁ। ସେମିତି ପ୍ରତ୍ୟେକ କାମର ୱାର୍କ୍‌ଅର୍ଡର, ବଜେଟ୍, ପ୍ଲାନ୍, ଏଷ୍ଟିମେଟର ସମସ୍ତ ତଥ୍ୟ ଅପଲୋଡ୍ ହେବା ବାଧ୍ୟତାମୂଳକ। କିନ୍ତୁ ୨୦୧୫ରୁ ଆଜିପର୍ଯ୍ୟନ୍ତ ହୋଇଥିବା କାମର କୌଣସି ତଥ୍ୟ ଅପଲୋଡ୍ ହୋଇନାହିଁ। ଏ ନେଇ ତାଳଚେରର ସୂଚନା ଅଧିକାର କର୍ମୀ ଦେବପ୍ରସାଦ ସାହୁ ୨୦୨୪ ଜୁଲାଇ ୯ରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ପରେ ଉକ୍ତ ଅଭିଯୋଗ ଜିଲ୍ଲା ପରିଷଦ ଅଧିକାରୀଙ୍କୁ ବିହିତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ଆଜିପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିଲା ନାହିଁ। ଅଭିଯୋଗ ପରେ ବି ପ୍ରଶାସନର ନିରବତା ପ୍ରଶାସନିକ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜାଣିଶୁଣି ଏହି ସବୁ ତଥ୍ୟ ୱେବସାଇଟରେ ଅପଲୋଡ୍ ହେଉନାହିଁ ବୋଲି ସୂଚନା ଅଧିକାର କର୍ମୀ ସାହୁ କହିଛନ୍ତି। ଅପରପକ୍ଷରେ ଏହି ଖୁଲାସାରେ ବୁଦ୍ଧିଜୀବୀ ମହଲରେ ତୀବ୍ର ସମାଲୋଚନା କରାଯାଉଛି।

# ପରିବେଶ ଅନୁକୂଳନଶୀଳ ଶିକ୍ଷା

ଯେକୌଣି ସମାଜର ଉତ୍କୃଷ୍ଟତା ତାର ଶୈକ୍ଷିକ ସ୍ତର ଉପରେ ନିର୍ଭର କରେ। ଏଥିପାଇଁ ଆବଶ୍ୟକ ଏକ 'ଶିକ୍ଷା ଅନୁକୂଳ ପରିବେଶ' କିମ୍ବା 'ପରିସ୍ଥିତି ଉପଯୋଗୀ ଶିକ୍ଷା'। ଭାରତ ଭଳି ଏକ ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶରେ ଶିକ୍ଷା ବୈଷମ୍ୟ ଉତ୍କଟ। ତେଣୁ ଅନୁକୂଳନଶୀଳ ଶିକ୍ଷା କେବଳ ପ୍ରଯୁକ୍ତିବିଦ୍ୟା ନବସୃଜନ ଭାବରେ ନୁହେଁ, ବରଂ ଶିକ୍ଷାଗତ ସମାନତା ଓ ସ୍ଥିରତା ପାଇଁ ଏକ ଶକ୍ତିଶାଳୀ ଉପକରଣ ଅଟେ। ଏଥିସହ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ତଥା ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ 'ଅନୁକୂଳନଶୀଳ ଶିକ୍ଷା' ଅତ୍ୟନ୍ତ ପ୍ରୟୋଜନୀୟ।

ଅନୁକୂଳନଶୀଳ ଶିକ୍ଷା ହେଉଛି 'ତଥ୍ୟ-ଚାଳିତ' ଓ ବ୍ୟକ୍ତିଗତ ଶିକ୍ଷା ପ୍ରଣାଳୀର ସମାହାର, ଯାହା ଶିକ୍ଷାର୍ଥୀଙ୍କ ଆବଶ୍ୟକତା ଅନୁସାରେ ବିଷୟବସ୍ତୁ ଓ ଶୈକ୍ଷିକ ଗତିକୁ ସଜାଡ଼ିବା ସହ ଶିକ୍ଷାଦାନକୁ ସରଳ ତଥା ଗତିଶୀଳ କରାଇଥାଏ। ଏହି କ୍ଷେତ୍ରର ଶିକ୍ଷକ ବାସ୍ତବରେ ଛାତ୍ରଛାତ୍ରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରି ସେହି ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ପାଖରେ ଶିକ୍ଷାଦାନ ସଠିକ୍ ଭାବରେ ପହଞ୍ଚିପାରେ, ଅଧିକ ପ୍ରଭାବଶାଳୀ ଓ ଆକର୍ଷଣୀୟ ହୁଏ।

ଆମଦେଶର ଛାତ୍ରଛାତ୍ରୀମାନେ ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ଦାରିଦ୍ର୍ୟ, ପ୍ରବାସ ଓ ଭିତ୍ତିଭୂମିର ଅଭାବ ଭଳି ବିଭିନ୍ନ ପ୍ରକାରର ପ୍ରତିକୂଳ ପରିବେଶର ସମ୍ମୁଖୀନ ହୁଅନ୍ତି। ଏହି ପରିସ୍ଥିତିରେ, ପାରମ୍ପରିକ ଶିକ୍ଷା ପ୍ରାୟତଃ ଅସଙ୍ଗତ କିମ୍ବା ଅପହଞ୍ଚ ହୋଇଯାଏ। ଏହିଠାରେ 'ଅନୁକୂଳିତ ଶିକ୍ଷା ପଦ୍ଧତି' ର ପ୍ରୟୋଜନତା ଅଧିକ। କୋଭିଡ୍ ୧୯ ମହାମାରୀ ସମୟରେ ଦୂରଦୂରାନ୍ତର ଓ ଗ୍ରାମାଞ୍ଚଳର ଅନେକ ଛାତ୍ର ପ୍ରତ୍ୟକ୍ଷ ଭାବେ ଶିକ୍ଷା ଗ୍ରହଣ କରିପାରିଲେ ନାହିଁ। ତଥାପି ଅଫ୍‌ଲାଇନ୍-ସୁସଙ୍ଗତ ଅନୁକୂଳିତ ଶିକ୍ଷଣ ଆପ୍ ଓ ସ୍ମାର୍ଟଫୋନ୍ ମାଧ୍ୟମରେ ପାଠ୍ୟକ୍ରମ ପ୍ରଦାନ କରାଯାଇଥିଲା। ଏହି ଉପକରଣଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ସ୍ଥିର ଇଣ୍ଟରନେଟ୍ ସଂଯୋଗ ବିନା ମଧ୍ୟ ଶିକ୍ଷା ଗ୍ରହଣ କରିବାରେ ସହାୟକ ହୋଇଥିଲା।

ଆମ ଦେଶର ଅନେକ ରାଜ୍ୟରେ ଅନୁକୂଳିତ ଶିକ୍ଷଣ ଓ ପରୀକ୍ଷଣ ଆରମ୍ଭ ହୋଇଛି। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ବିକଶିତ ଦୀକ୍ଷା ପ୍ଲାଟଫର୍ମ ରାଜ୍ୟ ପାଠ୍ୟକ୍ରମ ଅନୁଯାୟୀ ଶିକ୍ଷାଦାନ ବ୍ୟବସ୍ଥା କରିଛନ୍ତି। 'ଏକଷ୍ଟେପ୍', 'ପ୍ରଥମ' ଏବଂ 'ଖାନ ଏକାଡେମୀ ଇଣ୍ଡିଆ' ଭଳି ଅଣଲାଭକାରୀ ସଂସ୍ଥାଗୁଡ଼ିକ କମ୍-ସମ୍ବଳ ଯୁକ୍ତ ଶ୍ରେଣୀଗୃହଗୁଡ଼ିକରେ ସ୍ୱଳ୍ପ ମୂଲ୍ୟରେ ଅନେକ ଶିକ୍ଷାର୍ଥୀମାନଙ୍କୁ ବହୁ ଭାରତୀୟ ଭାଷାରେ ସ୍ଥାନୀୟ ଅନୁକୂଳିତ ଶିକ୍ଷା ପ୍ରଦାନ କରୁଛନ୍ତି। କେହି କେହି ମାଗଣାରେ ଶିକ୍ଷାଦାନ ମଧ୍ୟ କରୁଛନ୍ତି। ଓଡ଼ିଶାର ଆଦିବାସୀ ଅଞ୍ଚଳରେ କିଛି ସ୍କୁଲ ସୌରଚାଳିତ ଡିଜିଟାଲ ବୋର୍ଡ ବ୍ୟବହାର କରନ୍ତି, ଯେଉଁଥିରେ ଅନୁକୂଳିତ ଶିକ୍ଷଣ ବିଷୟବସ୍ତୁ ପୂର୍ବରୁ ଲୋଡ୍ ହୋଇଥାଏ। ଆସାମ ଓ ଉତ୍ତରାଖଣ୍ଡରେ ଏଆଇ ଆଧାରିତ ପାଠ୍ୟକ୍ରମ ସହିତ ସଜ୍ଜିତ ମୋବାଇଲ୍ ଶିକ୍ଷଣ ଭ୍ୟାନ୍ ବିସ୍ଥାପିତ ପିଲାମାନଙ୍କ ପାଇଁ ଶିକ୍ଷଣ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିପାରିଛି। ଅନୁକୂଳିତ ଶିକ୍ଷଣ କେବଳ ଏକ ବିଳାସପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ନୁହେଁ ବରଂ ପ୍ରତିକୂଳ ପରିସ୍ଥିତିରେ ଏକ ଆବଶ୍ୟକୀୟ ଶିକ୍ଷଣ ପ୍ରଣାଳୀ ବୋଲି ଏଥିରୁ ଜଣାପଡ଼େ।

ନୂତନ ଭାବେ ଶିକ୍ଷା କ୍ଷେତ୍ରରେ ନିଯୁକ୍ତ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ କିଛି ନିଜସ୍ୱ ଶୈଳୀରେ ଶୈକ୍ଷିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ତଥା ଆରମ୍ଭ କରିବାର ସୁଯୋଗ ଦିଆଯାଇ ନଥାଏ। ଏଥିପାଇଁ ବେଳେବେଳେ ସେମାନେ ନିରୁତ୍ସାହିତ ହୋଇଥା'ନ୍ତି। ୯୦%ରୁ ଅଧିକ ଶିକ୍ଷକ/ଶିକ୍ଷୟତ୍ରୀ ପୂର୍ବପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଆଧାରରେ ଶିକ୍ଷାଦାନ ପ୍ରଣାଳୀକୁ ଆପଣେଇ ନିଜେ ହିଁ ନିଜର ଶିକ୍ଷାଦାନର ଦକ୍ଷତାକୁ ହରାଇ ଥା'ନ୍ତି, ଯେଉଁଥିରେ ବଳି ପଡ଼ିଯାଏ ଏକ ଶିକ୍ଷାର୍ଥୀର ଭବିଷ୍ୟତ। କେତେକ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ସର୍ବନିମ୍ନ ଶୈକ୍ଷିକ ଉପକରଣ ମଧ୍ୟ ଯୋଗାଇ ଦିଆଯାଇ ନଥାଏ।

ଭାରତର ଶିକ୍ଷା ବ୍ୟବସ୍ଥା ଅନେକ ସମସ୍ୟା ଜର୍ଜରିତ। ଦେଶର ଅନେକ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଇଣ୍ଟରନେଟ୍ ସେବାର ଅନୁପସ୍ଥିତି ସହିତ ଉପକରଣର ଅଭାବ ରହିଛି। ଉପକରଣ ଚଳାଇବା ପାଇଁ ଶିକ୍ଷକମାନଙ୍କ ଦକ୍ଷତା ଓ ତାଲିମର ମଧ୍ୟ ଅଭାବ ରହିଛି। ତାଲିମ୍ ସମୟରେ ନିରନ୍ତର ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି। ତାଲିମ୍ କେବଳ ପାଠ୍ୟକ୍ରମ ଓ ପାଠ୍ୟସୂଚୀ ଆଧାରିତ ହୋଇଯାଉଥିବାରୁ ସମୟୋପଯୋଗୀ ଦକ୍ଷତା ବିକାଶ ହୋଇପାରୁନାହିଁ। ଏହାଛଡ଼ା ପାଠ୍ୟ ବିଷୟବସ୍ତୁଗୁଡିକ ପ୍ରାସଙ୍ଗିକ ଓ ମାତୃଭାଷାରେ ଉପଲବ୍ଧ ହୋଇପାରୁନାହିଁ।

କଥାରେ ଅଛି - ଯେମିତି ଠାକୁର, ସେମିତି ପୂଜା। ପ୍ରତ୍ୟେକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଯେଉଁଭଳି ବିଦ୍ୟାଳୟ ଓ ପରିବେଶ ମିଳୁଛି, ସେହି ଆଧାରରେ ପାଠ୍ୟ ଯୋଜନା ପ୍ରସ୍ତୁତି ଓ ଶିକ୍ଷାଦାନ ପଦ୍ଧତି ଅବଲମ୍ବନ କରିବା ଉଚିତ। ପ୍ରତିକୂଳ ପରିବେଶରେ ଅନୁକୂଳିତ ଶିକ୍ଷଣର ପୂର୍ଣ୍ଣ ସମ୍ଭାବନାକୁ ସାକାର କରିବା ପାଇଁ ଭାରତକୁ ଏକ ବହୁ-ଭାଗୀଦାର ପଦ୍ଧତି ଗ୍ରହଣ କରିବାକୁ ପଡ଼ିବ। ଏଥିପାଇଁ ସରକାରୀ ପ୍ରୋତ୍ସାହନ, ସରକାରୀ-ବେସରକାରୀ ସଂସ୍ଥାଗୁଡ଼ିକର ସହଭାଗିତା, ଜନସାଧାରଣଙ୍କର ସାମୂହିକ ଉଦ୍ୟମ, ସମ୍ପ୍ରଦାୟ ସମ୍ପୃକ୍ତି ଏବଂ ଶିକ୍ଷକ ସଶକ୍ତୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅନୁକୂଳିତ ଶିକ୍ଷାକୁ ପାଠ୍ୟକ୍ରମ ପ୍ରସ୍ତୁତିର ନକ୍ସା ଭବେ ଅନ୍ତର୍ଭୁକ୍ତ କରାଯିବା ଉଚିତ, ଏକ ପରିପୂରକ ଭାବରେ ନୁହେଁ କିମ୍ବା ଉପର ଠାଉରିଆ ଭାବରେ ନୁହେଁ।

**ବିଶ୍ୱପୂଜ୍ୟା ସ୍ୱାଇଁ**
ପ୍ରଧାନ ଶିକ୍ଷୟିତ୍ରୀ, ଗୋପୀନାଥପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଅନୁଗୋଳ

## ଶିକ୍ଷକଙ୍କ ସନ୍ଦେହଜନକ ମୃତ୍ୟୁ

କଣିହାଁ, ୧୦।୭(ସମିସ): କଣିହାଁ ବ୍ଲକ ବାଲିପଶି ପଞ୍ଚାୟତ ବରପଦା ହାଟ ଛକରେ ଥିବା ବସ୍‌ଷ୍ଟାଣ୍ଡ ଗୃହରେ ସନ୍ଦେହଜନକ ଅବସ୍ଥାରେ ଶିକ୍ଷକ ସୋମନାଥ ସାହୁଙ୍କ ମୃତଦେହ ଉଦ୍ଧାର ହୋଇଛି। ବାଲିପଶି ପଞ୍ଚାୟତ ଅନ୍ଧାରି ଗାଁର ସୋମନାଥ ବୁଧବାର ପ୍ରଶିକ୍ଷଣ ପାଇଁ ବଜ୍ରକୋଟ ସ୍କୁଲକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିଥିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ବରପଦା ହାଟଛକ ବସ୍‌ଷ୍ଟାଣ୍ଡ ଗୃହରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସୋମନାଥଙ୍କ ବାପା ଦୁର୍ଯ୍ୟୋଧନ ସାହୁ ପହଞ୍ଚି ରେଙ୍ଗାଳି ଥାନାକୁ ଖବର ଦେଇଥିଲେ। ପୁଲିସ ମୃତଦେହ, ବାଇକ, ଡିକିରେ ଥିବା ୧ ଲକ୍ଷ ୩୨ ହଜାର ୫୦୦ ଟଙ୍କା ଓ ମୋବାଇଲ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଡାକ୍ତରଖାନା ପଠାଇଛି।

# ଚକ୍ରଧର ଡ୍ୟାମ୍ ପ୍ରକଳ୍ପରେ ବିଳମ୍ବ କାହିଁକି ?



● ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଖାଦ୍ୟ ଆୟୋଗ ଅଧ୍ୟକ୍ଷ

ଖମାର, ୧୦।୭(ସମିସ): ପାଲଲହଡ଼ା ବ୍ଲକ ଝରବେଡ଼ା ପଞ୍ଚାୟତ ସମାକୋଇ ନଦୀବନ୍ଧ ଉପରେ ବହୁ ପ୍ରତୀକ୍ଷିତ ସମାକୋଇ-ଚକ୍ରଧର ଡ୍ୟାମ୍ ପ୍ରକଳ୍ପ କାର୍ଯ୍ୟ କାହିଁକି ଏ ପର୍ଯ୍ୟନ୍ତ ହୋଇପାରୁନାହିଁ ବୋଲି ପ୍ରଶ୍ନକରି ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଚାଷୀଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ପକ୍ଷରୁ ସମାକୋଇ ନଦୀରେ ପାଲଲହଡ଼ା ବ୍ଲକ ଜାମୁଆଠାରେ ଚକ୍ରଧର ଡ୍ୟାମ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ହୋଇଛି। ପ୍ରକଳ୍ପ ହେଲେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ପାଲଲହଡ଼ା ବ୍ଲକର ୯ ପଞ୍ଚାୟତ ଓ କଣିହାଁ ବ୍ଲକର ଦୁଇ ପଞ୍ଚାୟତର ଚାଷଜମିକୁ ଜଳସେଚନ ହୋଇପାରିବ। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ଦୁଇ ପଞ୍ଚାୟତର ଜନସାଧାରଣ ମଧ୍ୟ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନକୁ ଯାଇ ସୌଜନ୍ୟମୂଳକ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆଗକୁ ବଢ଼ିପାରୁ ନାହିଁ। ସ୍ଥାନୀୟ ଜନସାଧାରଣ ଏ ନେଇ ବାରମ୍ବାର ପ୍ରତିବାଦ କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏଠାରେ କୌଣସି କଳକାରଖାନା ନ ଥିବାରୁ ଲୋକେ ଚାଷକାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ଏହି ପ୍ରକଳ୍ପ ହେଲେ ଲୋକେ ଦୁଇ ଫସଲ ଚାଷ କରି ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ହୋଇପାରିବେ। କିନ୍ତୁ ପ୍ରକଳ୍ପ ହେଉ ନ ଥିବାରୁ ଚାଷୀ ଆଗକୁ ବଢ଼ିପାରୁନାହାନ୍ତି। ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ସାହୁ ପାଲଲହଡ଼ା ଓ କଣିହାଁ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଏହି ପ୍ରକଳ୍ପ ବିଷୟରେ ଅବଗତ କରିଥିଲେ। ଲୋକଙ୍କ ଅଭିଯୋଗ ମୁତାବକ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠିଲେଖି ଚକ୍ରଧର ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

## ଗୋଚାଲାଣ ଅଭିଯୋଗରେ ୨ ଗିରଫ

ଛେଣ୍ଡିପଦା, ୧୦।୭(ସମିସ): ଗୋଚାଲାଣ ଅଭିଯୋଗରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କୋଶଳା ଚନ୍ଦନନଗର ଗ୍ରାମର ଦେବରାଜ ବେହେରା ଓ କୋଶଳା ତଳସାହିରେ ପ୍ରଶାନ୍ତ ବେହେରା। ସୂଚନା ଅନୁଯାୟୀ ୨୦୨୪ ଅକ୍ଟୋବର ୨ରେ ୬ରୁ ୭ ଜଣ ବ୍ୟକ୍ତି ଅନୁଗୋଳରୁ କୋଶଳା ଆଡ଼କୁ ଗୋରୁମାନଙ୍କୁ ଚଲାଇ ଚଲାଇ ଆଣୁଥିବା ବେଳେ କୋଶଳା ଦର୍ପଣୀ ବନ୍ଧ ନିକଟରେ ବଜରଙ୍ଗ ଦଳ କର୍ମୀମାନେ ସେମାନଙ୍କୁ ଅଟକାଇଥିଲେ। ବଜରଙ୍ଗ ଦଳକର୍ମୀଙ୍କୁ ଦେଖି ଗୋଚାଲାଣକାରୀ ଫେରାର ହୋଇଯାଇଥିଲେ। ପରେ ବଜରଙ୍ଗ ଦଳ ପକ୍ଷରୁ ୧୦ଟି ଗୋରୁଙ୍କୁ ଉଦ୍ଧାର କରାଯିବା ସହ ଏ ସମ୍ପର୍କରେ ଛେଣ୍ଡିପଦା ଥାନରେ ଲିଖିତ ଅଭିଯୋଗ କରାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ ଏହି ଗୋଚାଲାଣରେ ଦେବରାଜ ଓ ପ୍ରଶାନ୍ତଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଗୁରୁବାର ଅପରାହ୍ନରେ ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଯୁକ୍ତଦୁଇ କଲେଜ ଛାତ୍ରୀ ନିଖୋଜ

ବଇଣ୍ଡା, ୧୦।୭(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅଞ୍ଚଳର ଜଣେ ଯୁକ୍ତଦୁଇ ପ୍ରଥମ ବର୍ଷ ଛାତ୍ରୀ ନିଖୋଜ ହୋଇଥିବା ପରିବାର ଲୋକେ ବୁଧବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଛାତ୍ରୀ ଜଣକ ମଙ୍ଗଳବାର କଲେଜକୁ ଆସି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି।

## ଅବସରପ୍ରାପ୍ତ ଅଧିକାରୀଙ୍କ ପରଲୋକ

ବଇଣ୍ଡା, ୧୦।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳର ଅବସରପ୍ରାପ୍ତ ଅବକାରୀ ବିଭାଗ ଅଧିକାରୀ କୀର୍ତ୍ତନ ପ୍ରଧାନଙ୍କର ମଙ୍ଗଳବାର ରାତିରେ ତାଙ୍କ ଶିକ୍ଷକପଡ଼ାସ୍ଥିତ ବାସଭବନରେ ପରଲୋକ ହୋଇଛି। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ନିକଟସ୍ଥ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

## ଏବିଭିପି ପକ୍ଷରୁ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ

ତାଳଚେରସଦର, ୧୦।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଏବିଭିପିର ବିଭାଗ ସହ ପ୍ରମୁଖ ଅଧ୍ୟାପକ ଶଶାଙ୍କ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏବିଭିପିର ଦୀର୍ଘ ୭୭ ବର୍ଷର ଯାତ୍ରାରେ ଅନେକ ଛାତ୍ରଛାତ୍ରୀ ଯୋଡ଼ିହୋଇ ରାଷ୍ଟ୍ର ନିର୍ମାଣରେ ନିଜକୁ ସାମିଲ କରିଥିବା ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାନ୍ତ ଛାତ୍ରୀ ସହ ପ୍ରମୁଖ ପୂର୍ବପ୍ରାନ୍ତ ଓଡ଼ିଶାର ଆଶାରାଣୀ ଜେନା ଯୋଗଦେଇ ସମସ୍ତେ ବିଦ୍ୟାର୍ଥୀ ପରିଷଦରେ ଯୋଡ଼ିହେବା ପାଇଁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗ ସହ ସଂଯୋଜକ ଆଶିଷ ବେହେରା ଯୋଗଦେଇଥିଲେ। କ୍ୟାମ୍ପସ ସଭାପତି ବିଷ୍ଣୁ ପ୍ରସାଦ ସିଠ, ସମ୍ପାଦକ କ୍ରୀଷ୍ଣା ନାଏକ, ବ୍ରହ୍ମାନନ୍ଦ ସାହୁ, ଜୀବନଜ୍ୟୋତି ମହାନ୍ତି, ଶ୍ୟାମସୁନ୍ଦର ବେହେରା, ଅବିନାଶ ନାଏକ, ଦୀତେଶ କୁମାର ନାଏକ, ରଶ୍ମିରଞ୍ଜନ ବେହେରା, ପ୍ରିୟାଂଶୁ ନାହାକ, ରୁଦ୍ର ବାରିକ, ରନିତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଆଜିଠୁ ଅନୁଗୋଳରେ ୬ଷ୍ଠ ୱାକୋ ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ଚାମ୍ପିଅନସିପ




ଅନୁଗୋଳ, ୧୦।୭(ସମିସ): ଅନୁଗୋଳ ଟେନିସ ଇନ୍‌ଡୋର୍ ହଲରେ ଶୁକ୍ରବାରଠାରୁ ଷଷ୍ଠ ରାଜ୍ୟ ୱାକୋ ଓଡ଼ିଶା କିକ୍ ବକ୍ସିଂ ପ୍ରତିଯୋଗିତା ଆରମ୍ଭ ହେଉଛି। ଏ ନେଇ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ୱାକୋ ଓଡ଼ିଶା ରାଜ୍ୟ ସଭାପତି କାର୍ତ୍ତିକ ଡାକୁଆ, ଅନୁଗୋଳ ଜିଲ୍ଲା ସଭାପତି ଉଦୟ ଶଙ୍କର ମିଶ୍ର, ଉପସଭାପତି ହେମନ୍ତ ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଏବଂ କୋଷାଧ୍ୟକ୍ଷ ପଦ୍ମଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ। ପ୍ରତିଯୋଗିତାରେ ୪୬୫ ଜୁନିଅର, ସିନିଅର, ବାଳକ ବାଳିକା ଖେଳାଳି ଏବଂ ୫୦ ଅଫିସିଆଲ୍ ଅଂଶଗ୍ରହଣ କରୁଛନ୍ତି। ବିଜୟୀ ପ୍ରତିଯୋଗୀମାନେ ଆସନ୍ତା ୧୬ରୁ ୨୦ ତାରିଖ ଯାଏଁ ଛତିଶଗଡ଼ରେ ହେବାକୁ ଥିବା ଜାତୀୟ ଖେଳରେ ଅଂଶଗ୍ରହଣ କରିବେ। ଅନୁଗୋଳରେ ଏହି ପ୍ରତିଯୋଗିତା ପାଇଁ ପିଲାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

## ବିଜେଡି ଏସ୍‌ସି ସେଲର ସାଙ୍ଗଠନିକ ପ୍ରସ୍ତୁତି ବୈଠକ

ଅନୁଗୋଳ, ୧୦।୭(ସମିସ): ବିଜେଡି ଅନୁସୂଚୀତ ସେଲ ଆବାହକ ମହେଶ ସାହୁଙ୍କ ଆହ୍ୱାନରେ ଭୁବନେଶ୍ୱର ଶଙ୍ଖ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବରିଷ୍ଠ ବିଜେଡି ନେତା ଲେନିନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ତୃଣମୂଳ ସ୍ତରରେ ବିଜେଡି ଅନୁସୂଚିତ ସେଲର ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଦଳିତଙ୍କ ଉପରେ ଅତ୍ୟାଚାର ଦିନକୁ ଦିନ ଅସହ୍ୟ ହେଉଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଯୋଗଦେଇ ଅବହେଳିତ ନିଷ୍ପେସିତ ନିର୍ଯାତିତ ଲୋକଙ୍କ ସାମାଜିକ ଅର୍ଥନୈତିକ ବିକାଶ କିଭଳି ହୋଇପରିବ ସେ ଦିଗରେ ବିଜେଡି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆସନ୍ତା ସପ୍ତାହରେ ଅନୁସୂଚୀତ ବର୍ଗର ନେତୃବୃନ୍ଦଙ୍କୁ ନେଇ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଜାରି ରହିଛି ଓ ପରେ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯିବ ବୋଲି ଆବାହକ ସାହୁ ସୂଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରିୟବ୍ରତ ମାଝୀ, ସଞ୍ଜୟ ସେଠୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



## ୧୭ ଦଫା ଦାବିରେ ଏଆଇୟୁଟିସିର ବିକ୍ଷୋଭ

କିଶୋରନଗର, ୧୦।୭(ସମିସ): ଶ୍ରମ କୋଡ୍ ବାତିଲ କରିବା, କାର୍ଯ୍ୟ ଅବଧି ୮ ଘଣ୍ଟାରୁ ୧୨ ଘଣ୍ଟାକୁ ବୃଦ୍ଧି ପ୍ରସ୍ତାବକୁ ବାତିଲ, ସମସ୍ତ କୃଷି ଉତ୍ପାଦିତ ଦ୍ରବ୍ୟ ପାଇଁ ଏମଏସପିକୁ ଆଇନଗତ ମାନ୍ୟତା ଦେବା, ଚାଷୀଙ୍କୁ ବିହନ, ସାର ରିଆତି ଦରରେ ଯୋଗାଇଦେବା, ପୁରୁଣା ପେନସନ ସ୍କିମ୍ ପୁନଃ ପ୍ରଚଳନ କରିବା, ବିଦ୍ୟୁତ ସଂଶୋଧନ ବିଲ୍-୨୦୨୨ ବାତିଲ, ପ୍ରିପେଡ୍ ସ୍ମାର୍ଟ ମିଟର ବସାଇବା ବନ୍ଦ କରିବା, ମଧ୍ୟାହ୍ନ ଭୋଜନ ପାଚିକା, ସହାୟିକା ଓ ଆଶାକର୍ମୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ଆଦି ୧୭ ଦଫା ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ଦେଶବ୍ୟାପୀ ସାଧାରଣ ଧର୍ମଘଟ ପରିପ୍ରେକ୍ଷୀରେ ବୁଧବାର ଶ୍ରମିକ ସଂଗଠନ ଏଆଇୟୁଟିସି ପକ୍ଷରୁ କିଶୋରନଗରରେ ଶୋଭାଯାତ୍ରା ସହିତ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯାଇଛି। ଆନ୍ଦୋଳନକାରୀମାନେ କିଶୋରନଗର କଲେଜ ଛକରୁ ଶୋଭାଯାତ୍ରାରେ ଯାଇ ରାଷ୍ଟ୍ରୀୟ ବ୍ୟାଙ୍କ, ବ୍ଲକ, ତହସିଲ ଅଫିସ ସମ୍ମୁଖରେ ପିକେଟିଂ କରି ବନ୍ଦ କରିଥିଲେ। ଯାନବାହନ ଚଳାଚଳ ବନ୍ଦ ହେବା ସହ ଜୀବନଯାତ୍ରା ଠପ୍ ହୋଇଥିଲା। ଧର୍ମଘଟରେ ଏଆଇୟୁଟିସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ, ଏଆଇକେକେଏମଏସ କିଶୋରନଗର ବ୍ଲକ ସଭାପତି ପୀତାମ୍ବର ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ରବିନାରାୟଣ ବାରିକ, ସୁରୁଚି ପ୍ରଧାନ, ଫୁଲ ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସଚ୍ଚିଦାନନ୍ଦ ସାହୁ, ରମେଶ ଲୁହା ପ୍ରମୁଖ ସାମିଲ ହୋଇଥିଲେ।




## ଧର୍ମପରାୟଣା ମହିଳାଙ୍କ ପରଲୋକ

ବଇଣ୍ଡା, ୧୦।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମର ଧର୍ମପରାୟଣ ମହିଳା ଦମୟନ୍ତୀ ବେହେରାଙ୍କ ବୁଧବାର ତାଙ୍କ ବାସଭବନରେ ହୃଦଘାତରେ ପରଲୋକ ହୋଇଛି। ସେ ଘର ସାମ୍ନାରେ ବସିଥିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଇଣ୍ଡା ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାର ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବଇଣ୍ଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବୁଥସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କିଶୋରନଗର, ୧୦।୭(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସଭାଗୃହ ପରିସରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ବୁଥସ୍ତରୀୟ ଅଧିକାରୀମାନଙ୍କୁ ନେଇ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ବୁଧବାର ଉଦଯାପିତ ହୋଇଛି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ବୁଥସ୍ତରୀୟ ଅଧିକାରୀଙ୍କୁ କହିଥିଲେ। କିଭଳି ସେମାନେ ନିଜ ଦାୟିତ୍ୱ ତୁଲାଇବେ ଓ ନିର୍ଭୁଲ ଭାବେ ଯୁବପିଢ଼ିଙ୍କ ନୂତନ ଭୋଟର ପରିଚୟ ପ୍ରସ୍ତୁତ କରାଇବେ ସେ ନେଇ ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋରନଗର ବିଡିଓ ସୁବ୍ରତ ବେହେରା, ଜିପିଡିଓ ସତ୍ୟପ୍ରିୟ ସାହୁ, ପରମେଶ୍ୱର ବଘାର, ନଗେନ୍ଦ୍ର ରାଉତ ଯୋଗଦେଇଥିଲେ। ଏଥିରେ ୧୦୧ ଜଣ ବୁଥସ୍ତରୀୟ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କିଶୋରନଗର ଏବିଡିଓ ଦିଲୀପ କୁମାର ପ୍ରଧାନ, ତହସିଲଦାର ବିକ୍ରମ ନାୟକ, ଶିକ୍ଷକ ଚମ୍ପେଶ୍ୱର ମିଶ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଆକାଶଛୁଆଁ ଦରକୁ ମାଡୁଛି ଡର

● ଦୁର୍ଦ୍ଦିନରେ ବିତୁଛି ଗରିବ ପରିବାର
● ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ପରିବା ଦର ୧୦୦ ପାର୍
● ରାଜ୍ୟ ସରକାର ଦରଦାମ ବୃଦ୍ଧି ରୋକିବାରେ ବିଫଳ

ତାଳଚେର ସଦର, ୧୦।୭(ସମିସ)



ମହଙ୍ଗା ମାଡ଼ରେ ଦେଶବାସୀ ଜର୍ଜରିତ ହେଉଥିବା ବେଳେ ଓଡ଼ିଶାରେ ମଧ୍ୟ ପନିପରିବା ସମେତ ରାସନ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ଇତିମଧ୍ୟରେ ଡ୍ରାଇଭରଙ୍କ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଯୋଗୁଁ ଗୁରୁବାର ପନିପରିବା ଦର ଶହେ ପାର୍ କରିଛି। ଫଳରେ ଗରିବ ଖଟିଖିଆ ଅତିଷ୍ଠ ହେଲେଣି। ଏପରି ପରିସ୍ଥିତିରେ ପରିବାର ସଦସ୍ୟଙ୍କ ପେଟକୁ ଦାନାମୁଠେ ଯୋଗାଡ଼ କରିବା ଅସମ୍ଭବ ହୋଇପଡ଼ିଛି। ପ୍ରତ୍ୟେକ ଜିନିଷ କିଣିବା ବେଳେ ଚିନ୍ତାରେ ପଡୁଛନ୍ତି ଖାଉଟି। ରାତି ପାହିଲେ ତେଲଲୁଣ ପରିବା ଚିନ୍ତା। କେମିତି ଦିନଟି କଟିବ, କ'ଣ ଖାଇବେ ଏପରି ନାନା ଚିନ୍ତା ମାଡ଼ିବସୁଛି ପରିବାର ଚଳାଉଥିବା ମୁରବି ଉପରେ। କହିବାକୁ ଗଲେ ମହଙ୍ଗା ମାଡ଼ ସିଧାସଳଖ ରୋଷେଇ ଘରେ ଚଡ଼କ ସଦୃଶ ଉଭା ହୋଇଛି। ଏଥିରୁ ଲୋକଙ୍କୁ ଉପଶମ ଦେବା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଏବେ ଅଧିକାଂଶ ଲୋକଙ୍କ ଘରେ ଭାଲେଣି ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ।

ବିଶେଷ କରି ଡ୍ରାଇଭର ଆନ୍ଦୋଳନ ପାଇଁ ଗାଡ଼ିମଟର ଚଳାଚଳ ଠପ ହୋଇପଡ଼ିବା ଫଳରେ ରାଜ୍ୟରେ ପରିବା ଦର ଆକାଶଛୁଆଁ ହୋଇଛି। ଶିଳ୍ପ ନଗରୀ ତାଳଚେର ଅନୁଗୋଳରେ ଏବେ ପନିପରିବାଠାରୁ ଆରମ୍ଭ କରି ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହୋଇଛି। ବାଇଗଣ, ଟମାଟୋ, ପୋଟଳ, ଜହ୍ନି, କାଙ୍କଡ଼, ବିନ୍ସ, ସଜନା ଛୁଇଁ, ଗୁଆଁର, ଭେଣ୍ଡି, କଖାରୁ ଆଦିର ଦର ଶହେ ପାର ହୋଇଛି। ବାଇଗଣ କିଣିବା ଦୂରର କଥା ଦେଖିବାକୁ ଭୟ ଲାଗୁଛି। ସେହିପରି କଞ୍ଚାଲଙ୍କା, ଅଦା, ରସୁଣ ଦର ଡବଲ, ଟ୍ରିପଲ ସେଞ୍ଚୁରୀ ମାରିଛି। ଯାହା କେବେ ବି ଦେଖିବାକୁ ମିଳି ନ ଥିଲା। ଅନ୍ୟପକ୍ଷରେ ଚାଉଳ, ଗହମ, ଡାଲି, ତେଲ ଓ ମସଲା ଆଦିର ଦର ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ସେଥିପାଇଁ ଘର ଚଳାଇବା ମୁରବିଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇପଡ଼ିଛି। ଗରିବଙ୍କ ପାଇଁ ମାଗଣା ଗ୍ୟାସ ପ୍ରହସନରେ ପରିଣତ ହୋଇଛି। ଏଥିପ୍ରତି କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରା ନ ଯିବା ସରକାରଙ୍କ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରୁଛି। କେବଳ ଭୋଟ ସମୟରେ ଗରିବଙ୍କ ସରକାର ବୋଲି ଡିଣ୍ଡିମ ପିଟାଯାଉଥିବା ବେଳେ ବାସ୍ତବତା ଏବେ ଜଳଜଳ ଦେଖାଯାଉଛି। ଆଛେ ଦିନ୍‌ର ସରକାର ଓ ନିଜ ବାଜା ନିଜେ ବଜାଉଥିବା ନେତାଙ୍କ ପାରିବାପଣିଆକୁ ଏହି ମହଙ୍ଗା ମାଡ଼ ପଦାରେ ପକାଇଛି। ମହଙ୍ଗା ଦର ପାଇଁ ତ୍ରାହି ତ୍ରାହି ଡାକୁଥିବା ଗରିବଙ୍କ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

## ମଦ୍ୟପ ଡ୍ରାଇଭର ଅଟକ

**ଗଁଦିଆ,୧୦।୭(ସମିସ):** ଗୁରୁବାର ସନ୍ଧ୍ୟାରେ ଗଁଦିଆ ଥାନା ପୁଲିସ ପକ୍ଷରୁ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ବେଳେ ଜଣେ ମଦ୍ୟପ ଡ୍ରାଇଭର ଧରାପଡ଼ିଛନ୍ତି। ମେଡିକାଲ ଛକରେ ପୁଲିସ ଏକ ପିକ୍‌ଅପ ଭ୍ୟାନକୁ ଅଟକାଇ ତନଖି କରିବା ବେଳେ ଚାଳକ ରାଜେନ୍ଦ୍ର ନାଏକ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ପୁଲିସ ଗାଡ଼ି ଜବତ କରିବା ସହ ଚାଳକଙ୍କୁ ଥାନାକୁ ନେଇ ଅଟକ ରଖିଛି।

## ମହାବିଦ୍ୟାଳୟରେ ଚାରାରୋପଣ



**ଢେଙ୍କାନାଳ,୧୦।୭(ସମିସ):** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସିମିଳଇ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶୁଭଶ୍ରୀ ରାଉତଙ୍କ ସଂଯୋଜନାରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁଜିତ କୁମାର ସାମଲ, ଅଧ୍ୟାପକ ସୁରେନ୍ଦ୍ର କୁମାର ପରିଡ଼ା, ଶଶଧର ସାହୁ, କ୍ରୀଡ଼ା ଶିକ୍ଷକ ଅନିଲ କୁମାର ପଣ୍ଡା, ଅଧ୍ୟାପିକା ଅନିତା ଦାସ, ପରମିତା ନାୟକ, ପ୍ରଜ୍ଞା ପାରମିତା, ପଲ୍ଲିଶ୍ରୀ ମିଶ୍ର, ଅନିମା ଦାସ, ରଶ୍ମିତା ବେହେରା, ସ୍ମିତାରାଣୀ ସାହୁ, ଗ୍ରନ୍ଥାଗାରିକ କିଶୋର କୁମାର ନନ୍ଦ, ବରିଷ୍ଠ କିରାଣି ସଚ୍ଚିଦାନନ୍ଦ ଭୁକ୍ତା ଓ ଜାତୀୟ ସେବା ଯୋଜନା ଅଧିକାରୀ, ସ୍ୱେଚ୍ଛାସେବୀ ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଦେବର୍ଷି ନାରଦ ଜୟନ୍ତୀ



**ଢେଙ୍କାନାଳ,୧୦।୭(ସମିସ):** ଢେଙ୍କାନାଳ ଶିଶୁ ମନ୍ଦିର ପରିସରରେ ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରତନ ନାୟର ଯୋଗଦେଇ ଶୁଭାରମ୍ଭ କରିଥିଲେ। ସାମ୍ବାଦିକ ଲେଖକ ଓ ବୁଦ୍ଧିଜୀବୀମାନଙ୍କୁ ଏକାଠି ହୋଇ ଦେଶ, ଧର୍ମ, ସଂସ୍କୃତି, ରାଷ୍ଟ୍ରର ମଙ୍ଗଳ ଉଦ୍ଦେଶ୍ୟରେ ସକାରାତ୍ମକ ସାମ୍ବାଦିକତା ବାବଦରେ ଆଲୋଚନା କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ରାଷ୍ଟ୍ରଦୀପର ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର। ସାମ୍ବାଦିକତା ଏକ ମର୍ଯ୍ୟାଦାଜନକ ବୃତ୍ତି। ରାଷ୍ଟ୍ର ମଙ୍ଗଳ ଓ ନିର୍ମାଣ ପାଇଁ ସେମାନେ ସମର୍ପିତ ହୋଇଥାନ୍ତି। ତେଣୁ ସେହି ସମର୍ପିତ ଭାବନା ରଖୁଥିବା ବ୍ୟକ୍ତିଙ୍କୁ ମର୍ଯ୍ୟାଦା ଦେବା ଅବସରରେ ଏଭଳି କାର୍ଯ୍ୟକ୍ରମ କରାଯାଉଛି ବୋଲି କହିଛନ୍ତି ଜିଲ୍ଲା ପ୍ରଚାର ପ୍ରମୁଖ ନିର୍ମଳ କୁମାର ଆଚାର୍ଯ୍ୟ। କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ଲେଖକ ଓ ସାମ୍ବାଦିକ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ କୃଷ୍ଣ କୁମାର ମିଶ୍ର ଓ ପ୍ରଦ୍ୟୁମ୍ନ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ମେଳା

**ଅନୁଗୋଳ,୧୦।୭ (ସମିସ):** ଭାରତୀୟ ଷ୍ଟେଟ ବ୍ୟାଙ୍କ ବନ୍ତଲା ଶାଖା ତରଫରୁ ସ୍ୱୟଂ ସହାୟକ ଗୋଷ୍ଠୀ ଋଣମେଳା ଗୁରୁବାର ବନ୍ତଲାଠାରେ ଅନୁଷ୍ଠିତ ହୋଇଛି। ବ୍ୟାଙ୍କର ଜେନରାଲ ମ୍ୟାନେଜର ଡ. ବନ୍ଦନା ଅଗ୍ରୱାଲ ଏଥିରେ ୪୦ ହିତାଧିକାରୀଙ୍କୁ ଋଣ ବଣ୍ଟନ କରିଥିଲେ। ଅନୁଗୋଳର

**୪୦ ହିତାଧିକାରୀଙ୍କୁ ଋଣ ପ୍ରଦାନ**




ଆଞ୍ଚଳିକ ପ୍ରବନ୍ଧକ ମାନସ ରଞ୍ଜନ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶାଖା ପରିଚାଳକ ପଙ୍କଜ ଲୋଚନ ନାୟକ, ମୁଖ୍ୟ ପ୍ରବନ୍ଧକ ସୁକାନ୍ତ କୁମାର ପାତ୍ର ଓ ପ୍ରବନ୍ଧକ ଦେବାଶିଷ ଭୋଇ ସହଯୋଗ କରିଥିଲେ। ୩ ଜଣଙ୍କୁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଓ ଜଣଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ସହାୟତା ରାଶି ପ୍ରଦାନ କରାଯାଇଥିଲା।

# ଡାଇରିଆରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

ଭୁବନ,୧୦।୭(ସମିସ)





ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଓଡ଼ିଶ ଗାଁର ବାସନ୍ତୀ ମହାନ୍ତ (୪୨)ଙ୍କ ଡାଇରିଆରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ବାସନ୍ତୀଙ୍କର ଝାଡ଼ାବାନ୍ତି ହେବାରୁ ବୁଧବାର ସକାଳେ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାଇରିଆ ୱାର୍ଡରେ ଅପରାହ୍ନ ପ୍ରାୟ ୪ଟା ୪୫ରେ ତାଙ୍କ ଚିକିତ୍ସା କରାଯାଇଥିବା ବେଳେ ୪ଟା ୫୦ରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଗାଁରେ ଆହୁରି ଦୁଇ-ତିନି ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ଥିବା ଜଣାଯାଇଛି। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡାଇରିଆ ୱାର୍ଡରେ ୧୦ରୁ ଅଧିକ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ର କହିଛନ୍ତି, ଚିକିତ୍ସାଧୀନ ଅବସ୍ଥାରେ ବାସନ୍ତିଙ୍କ ମୃତ୍ୟୁ ହୋଇଛି। ମାତ୍ର ତାଙ୍କର କିଡ୍‌ନୀ ଜନିତ ସମସ୍ୟା ବି ରହିଛି। ଏଣୁ କେଉଁ କାରଣରୁ ତାଙ୍କ ମୃତ୍ୟୁ ହୋଇଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସିଡିଏମ୍‌ଓ କହିଛନ୍ତି। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଭୁବନରେ ଡାଇରିଆ ବ୍ୟାପିଥିଲା। ଏଥିରେ ୱାର୍ଡ ନମ୍ବର ୧୨ର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଥିଲା। ମାତ୍ର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଏବେ ପୁଣି ଡାଇରିଆରେ ଆଉ ଜଣଙ୍କ ମୃତ୍ୟୁ ଅଭିଯୋଗ ଚିନ୍ତା ବଢ଼ାଇଛି। ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ଓଡିଶ ଗ୍ରାମ ମହାନ୍ତସାହିର ଭାବଗ୍ରାହୀ ମହାନ୍ତଙ୍କ ସ୍ତ୍ରୀ ବାସନ୍ତୀ ମହାନ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ ବୁଧବାର ମଧ୍ୟରାତ୍ରିରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଛି। ଗୁରୁବାର ଡା. ଶ୍ରଦ୍ଧାଞ୍ଜଳି ବାରିକ, ଅଙ୍ଗନବାଡ଼ି କର୍ମୀ ସଞ୍ଜୁ ମହାନ୍ତ, ଆଶାକର୍ମୀ ମୀନତି ଦେହୁରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପଡ଼ୋଶୀ ସୁରେଶ ମହାନ୍ତଙ୍କ ସ୍ତ୍ରୀ ସଜନୀ, ଭାଲୁଆ ମହାନ୍ତଙ୍କ ସ୍ତ୍ରୀ ଦେବକୀ ଏବେ କାମାକ୍ଷାନଗର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଓଡ଼ିଶ ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ରରେ ମିଲି ସୋରେନ, ରୂପେଲି ଖିଲାର, ରମା ନାୟକ ଚିକିତ୍ସିତ ଦେଉଥିବା ଡା. ଶ୍ରଦ୍ଧାଞ୍ଜଳି ବାରିକ କହିଛନ୍ତି। ଅନ୍ୟପଟେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଦିଗମ୍ବର ସାହୁ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି।

**ବନ୍ଧମାଟିରେ ରାସ୍ତା ନିର୍ମାଣ କରି ଚଳୁ କରିଦେଲେ**

## ମେସିନରେ ମନରେଗା କାମକରି କୋଟିକୋଟି ଟଙ୍କାର ଦୁର୍ନୀତି



**ହିନ୍ଦୋଳ,୧୦।୭(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକରେ ମନରେଗା ଯୋଜନାରେ ବନ୍ଧ ମାଟିଖୋଳି ରାସ୍ତାରେ ପକାଇ ବିଲ୍ କରିଦିଆଯାଇଥିବା ବେଳେ ଏପଟେ ଶ୍ରମିକ ବଦଳରେ ମେସିନରେ କାମ କରାଯାଇ ଠିକାଦାର ଓ ଅନୁଗତ ପୋଷଣରେ ବ୍ୟସ୍ତ ବ୍ଲକ କର୍ତ୍ତୃପକ୍ଷ। ଏପରି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ହିନ୍ଦୋଳ ବ୍ଲକ ଖଲିବୋରେଇ ପଞ୍ଚାୟତ ଖନ୍ଦା ଗ୍ରାମବାସୀ। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଖନ୍ଦାସାହି ରାସ୍ତା ଆଗରୁ ବହୁତ ଭଲ ଥିଲା। କିନ୍ତୁ ଗାଁ ପାଖରେ ଥିବା ଚିଆଁଶାଳ ବଣିବନ୍ଧକୁ ମନରେଗା ଯୋଜନାରେ ଖୋଳି ସେହି ମାଟିକୁ ବନ୍ଧ ହୁଡ଼ାରେ ପକାଇବା ପରିବର୍ତ୍ତେ ଖନ୍ଦାସାହି ରାସ୍ତାରେ ପକାଇ ବିଲ୍ କରିନିଆଯାଇଛି। ଫଳରେ ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ହୋଇଯିବାରୁ ଲୋକେ ଯିବାଆସିବା କରିପାରୁ ନାହାନ୍ତି। ପିଲାମାନେ ସ୍କୁଲ ଯାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ବନ୍ଧ ଖୋଳି ବିଲ୍ କରାଯାଇଥିବା ବେଳେ ଉକ୍ତ ମାଟିକୁ ରାସ୍ତା ଉପରେ ପକାଇ ପୁଣି ଥରେ ବିଲ୍ କରାଯାଇଥିବା କହିଛନ୍ତି ଗ୍ରାମବାସୀ। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରି ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାକୁ ଦାବି କରିଛନ୍ତି।

**ଅଭିଯୋଗ ଆଣିଲେ ଖନ୍ଦା ଗ୍ରାମବାସୀ**

### ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଲୌହଖଣି

## ଖଣି ମନ୍ତ୍ରଣାଳୟ ଆଇବିଏମ୍ ପକ୍ଷରୁ ୫ ତାରକା ପୁରସ୍କାର ମାନ୍ୟତା




**ଢେଙ୍କାନାଳ,୧୦।୭(ସମିସ):** ଉତ୍କୃଷ୍ଟ ଗୁଣବତ୍ତା ଓ ଅନ୍ତର୍ଜାତୀୟ ମାନକ ପାଳନ କରିବାରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବାରୁ ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍‌ର ପଟାବେଡ଼ା ଲୌହଖଣିକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ଦ୍ୱାରା ଆର୍ଥିକ ବର୍ଷ ୨୦୨୩-୨୪ ପାଇଁ ୫ ତାରକା ଖଣି ଭାବେ ମୂଲ୍ୟାଙ୍କନ କରି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଭବ୍ୟ ସମାରୋହ ରାଜସ୍ଥାନର ରାଜଧାନୀ ତଥା ଗୋଲାପୀ ସହର ଜୟପୁରସ୍ଥିତ ରାଜସ୍ଥାନ ଅନ୍ତର୍ଜାତୀୟ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର ଖଣି ଓ କୋଇଲା ମନ୍ତ୍ରୀ ଜି. କିଶନ୍ ରେଡ୍ଡୀ, ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସର ମହାନିୟନ୍ତ୍ରକ ପୀୟୂଷ ନାରାୟଣ ଶର୍ମା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଓଡ଼ିଶାର ଖଣିଗୁଡ଼ିକ ମଧ୍ୟରୁ ୯ଟି ଖଣି ୫ ତାରକା ପ୍ରାପ୍ତ କରିଛନ୍ତି। ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ତରଫରୁ ଖଣି ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ମୁଖ୍ୟ ପ୍ରବନ୍ଧକ ହିମାଂଶୁ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ମରଣଯନ୍ତା ପାଲଟିଛି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ

**ଗଁଦିଆ,୧୦।୭(ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ଗଁଦିଆଠାରେ ଥିବା ଭଦଳିଆ ନାଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା କରାଯାଉଥିବା ପାଇପ ଲାଇନ ବିଛା କାମରେ ସୁରକ୍ଷା ବାଡ଼ ଦିଆଯାଇ ନ ଥିବାରୁ ଏହା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। କୌଣସି ଗାଡ଼ି ସାମାନ୍ୟ ଅସାବଧାନ ହେଲେ ୨୦ ଫୁଟ ତଳକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ପାଇପ ଲାଇନ ପକାଇବା ଦୀର୍ଘ ୪ ମାସରୁ ଊର୍ଦ୍ଧ୍ୱ ସମୟ ହେଲା କାମ ସରିଥିବା ବେଳେ ରାସ୍ତା କଡ଼ରେ ଥିବା ପେଭରବ୍ଲକ କାଢ଼ି ଫୋପାଡ଼ି ଦିଆଯାଇଛି। ଫଳରେ ବଡ଼ ଗାତ ସୃଷ୍ଟି ହୋଇଛି। ସୁରକ୍ଷା ବାଡ଼ ନ ଥିବାରୁ ରାତିରେ ଅଧିକାଂଶ ଗାଡ଼ି ଚାଳ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। କିଛି ଗାଡ଼ି ସାଇଡ୍ ଦେବାକୁ ଗଲାବେଳେ ଚକ ଦବି ଫସିଯାଉଛି। ଏ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସାରସ୍ୱତ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଆମେ ଉପରକୁ ଲେଖିକି ଦେଇଛୁ। କାମ ତୁରନ୍ତ ହୋଇଯିବ। ତେବେ ଯଦି ବର୍ଷାରେ ପାଇପ ଲାଇନ କାମ ହେଇପାରୁଛି ତେବେ ଖାଲଗୁଡ଼ିକରେ ପେଭର ବ୍ଲକ କିଭଳି ପଡୁନାହିଁ ଏବଂ ବିନା ସୁରକ୍ଷା ବାଡ଼ରେ କିଭଳି କାର୍ଯ୍ୟ କରାଯାଉଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**● ୩ୟ ଦିନରେ ଡ୍ରାଇଭର ଆନ୍ଦୋଳନ**

## ଯାତ୍ରୀସେବା ସହ କୋଇଲା ପରିବହନ ଠପ୍

**ତାଳଚେରସଦର,୧୦।୭(ସମିସ):** ମଙ୍ଗଳବାରଠାରୁ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବିନେଇ ଆନ୍ଦୋଳନ ଆରମ୍ଭ ହୋଇଛି। ଗୁରୁବାର ତୃତୀୟ ଦିନରେ ଆନ୍ଦୋଳନ ଜାରି ରହିଛି। ଏହାର ପ୍ରଭାବରେ ତାଳଚେର ଅଞ୍ଚଳରେ ଟ୍ରକ, ବସ୍ ସେବା ବନ୍ଦ ହୋଇଯାଇଛି। ଫଳରେ ଯାତ୍ରୀମାନେ ହଇରାଣ ହେଉଥିବା ବେଳେ କୋଇଲା ପରିବହନ ଠପ୍ ହୋଇଯାଇଛି। ଏବେ କଳକାରଖାନାଗୁଡ଼ିକରେ କୋଇଲା ସଙ୍କଟ ଦେଖାଯାଇଥିବା ଜଣାପଡ଼ିଛି। କୋଇଲା ଖଣିଗୁଡ଼ିକରୁ ଟ୍ରକ ଯୋଗେ ବିଭିନ୍ନ କଳକାରଖାନାକୁ କୋଇଲା ପରିବହନ କରାଯାଇଥାଏ। ମାତ୍ର ଆନ୍ଦୋଳନ ଯୋଗୁଁ ଆଜକୁ ତିନିଦିନ ହେବ କୋଇଲା ପରିହବନରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ଜତୀୟ ରାଜପଥର ଉଭୟ ପାର୍ଶ୍ୱରେ ମାଳମାଳ ଟ୍ରକ କୋଇଲା ବୋଝେଇ କରି ଲମ୍ବାଧାଡ଼ିରେ ଠିଆହୋଇ ରହିଛନ୍ତି। ସେହିପରି ବାହାରୁ ଆସୁଥିବା ପେଟ୍ରୋଲ, ଡିଜେଲ, କିରାସିନି ଗାଡ଼ିଗୁଡ଼ିକ ନ ଆସିବା ହେତୁ ଆଗାମୀ ଦିନରେ ସଙ୍କଟ ଦେଖାଦେବା ଆଶଙ୍କା ପ୍ରକାଶ ପାଇଛି। ତାଳଚେର ବସ୍‌ଷ୍ଟାଣ୍ଡରେ ବସଗୁଡ଼ିକ ଠିଆହୋଇ ରହିଛି। ରାଜ୍ୟ ସରକାର ଡ୍ରାଇଭରମାନଙ୍କ ଦାବିଗୁଡ଼ିକୁ ପୂରଣ କରି ଏହି ସମସ୍ୟା ସମାଧାନ କରିବା ସହ ସ୍ଥିତି ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହେଉଛି।

**ଜିନ୍ଦଲ ନଗରରେ ନୀଳାଦ୍ରି ବିଜେ**

## ରତ୍ନବେଦିକୁ ଫେରିଲେ ଚତୁର୍ଦ୍ଧାମୂର୍ତ୍ତି



**ଅନୁଗୋଳ,୧୦।୭(ସମିସ):** ଜିନ୍ଦଲ ନଗର ଦେବଭୂମି ମନ୍ଦିର ପରିସରରେ ପବିତ୍ର ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଛି। ଜିନ୍ଦଲ ନଗର ଏବଂ ନିକଟସ୍ଥ ଗ୍ରାମର ହଜାର ହଜାର ଭକ୍ତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ମନ୍ଦିର ମୁଖ୍ୟ ନୀତି ପରାମର୍ଶଦାତା ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ଦେବଭୂମିର ପ୍ରଥମ ସେବିକା, ସାଂସଦ ନବୀନ ଜିନ୍ଦଲଙ୍କ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ସମସ୍ତ ନୀତିକାନ୍ତି କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା ଗୋଟି ପହଣ୍ଡି। ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରତ୍ନବେଦିକୁ ଫେରିଥିଲେ। ପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ ପାଇଁ ରସଗୋଲା ଦେଇଥିଲେ। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଗୁରୁ ପୂର୍ଣ୍ଣିମା ପାଳିତ



**ଅନୁଗୋଳ,୧୦।୭(ସମିସ):** ପବିତ୍ର ଆଷାଢ଼ ପୂର୍ଣ୍ଣିମାରେ ଗୁରୁ ବ୍ୟାସଦେବଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଏହି ଦିବସର ଆଭିମୁଖ୍ୟ ପ୍ରଦାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁଃଖବନ୍ଧୁ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତବର୍ଷରେ ଗୁରୁଶିଷ୍ୟ ପରମ୍ପରା ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ଉପସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧନାଥ ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ଦିବସ ସମ୍ବନ୍ଧରେ ଶିଶୁଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଆଚାର୍ଯ୍ୟ ନିର୍ମଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ତିନିଟି ନୂତନ ସ୍ମାର୍ଟ ଶ୍ରେଣୀକକ୍ଷ ଉଦଘାଟନ କରାଯାଇଥିଲା।

**କିଶୋରନଗର:** ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ତେନ୍ତୁଲିପଥରସ୍ଥିତ ରାମକୃଷ୍ଣ ଶିକ୍ଷାନୁଷ୍ଠାନରେ ବ୍ୟାସ ଗୁରୁପୂର୍ଣ୍ଣିମା ପାଳନ ହୋଇଛି। ବ୍ୟାସ ଦେବଙ୍କୁ ପୂଜା ପାଠ କରି ସଭା ଆରମ୍ଭ ହୋଇଥିଲା। ରାମକୃଷ୍ଣ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ପିଲାଙ୍କ ପାଇଁ ବିଦ୍ୟାଳୟ ହେଉଛି ଶିକ୍ଷାର ମନ୍ଦିର ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ହେଉଛନ୍ତି ପୂଜାରୀ। ସେଥିପାଇଁ ଗୁରୁଙ୍କୁ ସବୁବେଳେ ସମ୍ମାନ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଆକାଶ ମେହେର, ସତ୍ୟଜିତ ସାହୁ, ସୁଧାକର ସାହୁ, ଶିକ୍ଷୟିତ୍ରୀ ଭାଗ୍ୟବତୀ ଦେବୀ, ସୁଲୋଚନା ପ୍ରଧାନ, ଲିଶିକାନ୍ତି ପ୍ରଧାନ, ସ୍ମୃତିପ୍ରଭା ସାହୁ, ଦୀପାଞ୍ଜଳି ପ୍ରଧାନ, ପୂଜା ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ବଅଁରପାଳ:** ବଅଁରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳନ ହୋଇଛି। ମୁଖ୍ୟଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ଅଖିଳ



କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଓ ସଦସ୍ୟା ପଦ୍ମିନୀ ବେହେରା ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ତନ୍ମୟ କୁମାର ନାଥ ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଉପରେ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ସୁନ୍ଦରୀଖାଲ ସରସ୍ୱତୀ ଶିଶୁ-ବିଦ୍ୟାମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ଓ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସଭାପତି ବାବୁଚାନ୍ଦ ମାହାଳିକଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ଆର୍‌ଏସ୍‌ଏସ୍‌ର ଜିଲ୍ଲା ପ୍ରଚାରକ ବାସୁଦେବ ସାହୁ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ର ଗଠନରେ ଶିଶୁର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଚିନ୍ତାମଣି ନାଥ ଧ୍ୱଜାରୋହଣ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଜିଲ୍ଲା ସହ ପ୍ରମୁଖ ମନମୋହନ ତ୍ରିପାଠୀ, ଆଚାର୍ଯ୍ୟ ବିଭୂତି ଭୂଷଣ ମିଶ୍ର, ସ୍କାଉଟ ଶିକ୍ଷକ ଶେଷଭୂଷଣ ନନ୍ଦ, ଗାଇଡ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ମିଶ୍ର, ଏନସିସି ପ୍ରମୁଖ ସ୍ମୃତିଲିପା ମିଶ୍ର ଓ ସୁନିତା ବରାଳଙ୍କ ତତ୍ତ୍ୱାବଧାନରେ ଉଭୟ ଗ୍ରୁପର ଶିଶୁଙ୍କ ସହାୟତାରେ ଚାରାରୋପଣ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ନଗେନ କୁମାର ଦାସ, ସହ ପ୍ରଧାନଆଚାର୍ଯ୍ୟା




ଅରୁନ୍ଧତୀ ମହାପାତ୍ର ଉପସ୍ଥିତ ରହି ଚାରାରୋପଣ କରିଥିଲେ। ପର୍ଯ୍ୟାୟ ପ୍ରମୁଖ ସୁମିତା ପାଲ, ମଧୁସ୍ମିତା ମହାନ୍ତି, ପ୍ରୀତିମୟୀ ଆଚାର୍ଯ୍ୟ, ଗାୟତ୍ରୀ ସାହୁ ଓ ସାଂସ୍କୃତିକ ପ୍ରମୁଖ ପ୍ରଦୀପ ଦାଶଙ୍କ ସହ ସମସ୍ତ ଗୁରୁଜୀଗୁରୁମା ସହଯୋଗ କରିଥିଲେ।

**ଢେଙ୍କାନାଳ:** ସହର ଉପକଣ୍ଠ ଗୋବିନ୍ଦପୁରସ୍ଥିତ ମହର୍ଷି ବେଦ ବିଜ୍ଞାନ ବିଦ୍ୟାପୀଠ ପରିସରରେ ଗୁରୁବାର ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ପ୍ରତ୍ୟୁଷରେ ପଣ୍ଡିତ ମାନସ ରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ଛାତ୍ରମାନଙ୍କ ଦ୍ୱାରା ବେଦମନ୍ତ୍ର ପାଠ ସହ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାପୀଠର ତତ୍ତ୍ୱାବଧାରକ ପ୍ରଭାରୀ ବ୍ରଜସୁନ୍ଦର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ବ୍ରହ୍ମାନନ୍ଦ ସାମଲ ଯୋଗଦେଇ ଗୁରୁପୂର୍ଣ୍ଣିମା ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଶିକ୍ଷାବିତ୍ ପଣ୍ଡିତ ପରେଶ ମିଶ୍ର ମୁଖବକ୍ତା ଭାବେ ଯୋଗଦେଇ ମହର୍ଷି ମହେଶ ଯୋଗୀଙ୍କ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଥିବା ବିଭିନ୍ନ ଯୋଜନାର ପ୍ରଶଂସା କରିଥିଲେ। ପ୍ରଭାରୀ ନାୟକ ତାଙ୍କ ଭାଷଣରେ ମହର୍ଷିଙ୍କ ବୈଦିକ ସଭ୍ୟତା ଉତ୍ଥାନ ସମ୍ପର୍କରେ ଥିବା ପ୍ରଚେଷ୍ଟାର ପ୍ରଶଂସା କରିଥିଲେ। ବିଦ୍ୟାପୀଠର ଅନ୍ୟତମ ପ୍ରଭାରୀ ସନ୍ତୋଷ ସାକ୍‌ସେନା ଧନ୍ୟବାଦ ଅର୍ପଣ କରିଥିଲେ।



**ଢେଙ୍କାନାଳ:** ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ରରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଛି। ସାଇବାବାଙ୍କ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସାଇ ପାରାୟଣ ଓ ସାଇ ସତ୍ୟନାରାୟଣ ପୂଜା ସହ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ



ସାଇବାବାଙ୍କ ପାଲିଙ୍କି ଶୋଭାଯାତ୍ରାରେ ବାହାରି ନଗର ଭ୍ରମଣ କରିଥିଲେ। ସଭାପତି ଅକ୍ଷୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:** ପବିତ୍ର ଗୁରୁ ପୂର୍ଣ୍ଣମୀରେ ପ୍ରାୟ ୧୫ଜଣ ସାଇଭକ୍ତ ବ୍ରାହ୍ମଣୀ





ନଦୀର କମଗରା ଘାଟରୁ ପାଣି କଳସ ଆଣି ବୈଦିକ ଉପଚାରରେ ପୂଜା କରି ଖାଲି ପାଦରେ ଡିଜେ ସାଉଣ୍ଡର ତାଳେ ତାଳେ ଚାଲିଚାଲି ସକାଳ ସାଢ଼େ ୯ଟାରେ ଢେଙ୍କାନାଳ ମୀନା ବଜାରସ୍ଥିତ ସାଇ ଦରବାର ପ୍ରାଙ୍ଗଣରେ ସାଇବାବାଙ୍କୁ ଲାଗି କରିଥିଲେ। ପ୍ରମୋଦ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଢେଙ୍କାନାଳର ଅଗ୍ରଣୀ ଅନୁଷ୍ଠାନ ସାଇ ସେବା ଦଳର ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଜ୍ଞାନ ନବସୃଜନକୁ, ନବସୃଜନ ଉତ୍ପାଦନକୁ ଏବଂ ଉତ୍ପାଦନ ଅର୍ଥନୀତିକୁ ଗତିଶୀଳ କରେ।
-ୱିଲିୟମ ବ୍ରୋଡି

## ପୁନଷ୍ଟ ପରୀକ୍ଷା ବୋଝ

ରାଜ୍ୟର ପ୍ରାଥମିକ ଓ ନିମ୍ନମାଧ୍ୟମିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ମନସ୍କ କରିବା ପାଇଁ ଓଡ଼ିଶା ସରକାର ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପୁଣି ଥରେ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିଛନ୍ତି। ବାର୍ଷିକ ପରୀକ୍ଷାରେ ଯେଉଁ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହେବେ ସେମାନଙ୍କୁ ଦୁଇ ମାସ ପରେ ପୁଣି ଥରେ ପରୀକ୍ଷା ଦେବାକୁ ପଡ଼ିବ। ସେଥିରେ ମଧ୍ୟ ଫେଲ୍ ହେଲେ ଉପର ଶ୍ରେଣୀକୁ ଉନ୍ନୀତ ହୋଇପାରିବେ ନାହିଁ। ପାସ୍‌ଫେଲ ବ୍ୟବସ୍ଥା ପୁନଃପ୍ରଚଳନ ପାଇଁ ଗତ ଜାନୁଆରୀ ମାସରେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜୱାହାର ନବୋଦୟ ବିଦ୍ୟାଳୟକୁ ନିର୍ଦ୍ଦେଶାବଳୀ ଜାରି କରିବା ପରେ ଓଡ଼ିଶା ସରକାର ଚଳିତ ଶିକ୍ଷାବର୍ଷଠାରୁ ଏହାକୁ କାର୍ଯ୍ୟକାରୀ କରିଛନ୍ତି।

ବାର୍ଷିକ ପରୀକ୍ଷାରେ ଫେଲ୍ ହେଲେ ତଳ ଶ୍ରେଣୀର ପିଲାମାନଙ୍କ ସହିତ ବସି ପାଠ ପଢ଼ିବାର ହୀନମନ୍ୟତା ଯୋଗୁଁ ପିଲାମାନେ ଆଉ ସ୍କୁଲ୍ ଆସୁ ନ ଥିଲେ। ଏହାଛଡ଼ା ପରିବାରର ଆର୍ଥିକ ସ୍ଥିତି ମଧ୍ୟ ଏ ଦିଗରେ ପ୍ରତିବନ୍ଧକ ଥିଲା। ଏଣୁ କ୍ରମଶଃ ସେମାନେ ପାଠପଢ଼ାର ମୁଖ୍ୟଧାରାରୁ ଦୂରେଇ ଯାଇ ପାରିବାରିକ ରୋଜଗାର ପନ୍ଥା କିମ୍ବା କୌଳିକ ବୃତ୍ତିକୁ ଆପଣେଇ ନେଉଥିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ପିଲାମାନେ ପରିସ୍ଥିତିର ଚାପରେ ଶିଶୁଶ୍ରମିକ ହେବାକୁ ବାଧ୍ୟ ହେଉଥିଲେ। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟା ଉଦ୍‌ବେଗଜନକ ହେଉଥିବା ପରିଲକ୍ଷିତ ହୋଇଥିଲା। ଉଦ୍‌ବେଗଜନ ଭାବେ ବୃଦ୍ଧି ପାଉଥିବା ଏଭଳି ଡ୍ରପ୍ ଆଉଟ୍(ଅଧାରୁ ପାଠ ଛାଡ଼ିବା) ହାରକୁ ନିୟନ୍ତ୍ରଣ କରିବା ପାଇଁ ଶିକ୍ଷା ଅଧିକାର ଆଇନ୍(ଶିଶୁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ବା ଆରଟିଇ) ୨୦୦୯ ର ଧାରା ୧୬ରେ ୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ବା ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉନ୍ନୀତ ହେବା ପାଇଁ ପରୀକ୍ଷା ଦେବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଥିଲା। ଅର୍ଥାଭାବରୁ କୌଣସି ଶିଶୁ ଯେପରି ପ୍ରାଥମିକ ଓ ମୌଳିକ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ତାହା ଥିଲା ଶିକ୍ଷା ଅଧିକାର ଆଇନର ମୂଳ ଲକ୍ଷ୍ୟ।

ସମ୍ପ୍ରତି ରାଜ୍ୟରେ ପାସ୍‌ଫେଲ୍ ବ୍ୟବସ୍ଥା ପୁନଃପ୍ରଚଳନ ନିଷ୍ପତ୍ତିକୁ କେତେକ ଶିକ୍ଷାବିତ୍ ସ୍ୱାଗତ କରିଥିବା ଆଉ କେତେକ ମହଲ ନାପସନ୍ଦ କରିଛନ୍ତି। ସପକ୍ଷବାଦୀଙ୍କ ଯୁକ୍ତି ହେଲା ପରୀକ୍ଷା ବ୍ୟବସ୍ଥା ଉଠିଯାଇଥିବାରୁ ପିଲାମାନେ ପାଠ ପଢ଼ା ପ୍ରତି ବିମୁଖ ହେଉଛନ୍ତି ଏବଂ ତଳ ଶ୍ରେଣୀର ପାଠ ଉପର ଶ୍ରେଣୀର ପିଲାମାନେ ପଢ଼ିବାରେ ଅକ୍ଷମ ହେଉଛନ୍ତି। ପରୀକ୍ଷାରେ ଫେଲ୍ ହେବାର ଭୟ ରହିଲେ ପିଲାମାନେ ପାଠ୍ୟକ୍ରମ ପ୍ରତି ଗୁରୁତ୍ୱ ଦେବା ସହିତ ସେମାନଙ୍କ ମେଧାଶକ୍ତି ବୃଦ୍ଧି ପାଇବ ଏବଂ ସେମାନେ ବିଭିନ୍ନ ପ୍ରତିଯୋଗିତାପୂର୍ଣ୍ଣ ପରୀକ୍ଷାରେ ସଫଳ ହେବେ। ଅପରପକ୍ଷରେ ରାଜ୍ୟ ସରକାରଙ୍କ ସଦ୍ୟତମ ନିଷ୍ପତ୍ତିକୁ ବିରୋଧ କରୁଥିବା ମହଲର ଯୁକ୍ତି ହେଉଛି ଏହାଦ୍ୱାରା ପୁଣି ଡ୍ରପ୍‌ଆଉଟ୍ ସଂଖ୍ୟା ବଢ଼ିବ ଏବଂ ସରକାରଙ୍କ ମୂଳଲକ୍ଷ୍ୟ ସୁଦୂର ପରାହତ ହେବ। ବର୍ତ୍ତମାନର ଆହ୍ୱାନ ହେଉଛି ପିଲାମାନଙ୍କୁ ସ୍କୁଲ୍‌ମନସ୍କ କରିବା, ପରୀକ୍ଷାମନସ୍କ ନୁହେଁ।

ଏହି ଦୁଇ ପକ୍ଷର ଯୁକ୍ତିରୁ ଊର୍ଦ୍ଧ୍ୱରେ ଆମ ମତରେ ସରକାରଙ୍କ ଉଚ୍ଚାକାଂକ୍ଷା ସ୍ୱାଗତଯୋଗ୍ୟ। କିନ୍ତୁ ରାଜ୍ୟର ଶିକ୍ଷା ଭିତ୍ତିଭୂମି ଆଧାରରେ ପାସ୍‌ଫେଲ୍ ବ୍ୟବସ୍ଥାର ପୁନଃପ୍ରଚଳନକୁ ତର୍ଜମା କଲେ ଭବିଷ୍ୟତରେ ଶୈକ୍ଷିକ ପରିବେଶରେ ଘୋର ସଙ୍କଟ ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇ ହେଉନାହିଁ। ଓଡ଼ିଶାର ସ୍ଥିତି ଅନ୍ୟ ବିକଶିତ ରାଜ୍ୟ ଭଳି ନୁହେଁ। ଉପକୂଳ ଓଡ଼ିଶାରେ ଏବେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ବର୍ଷାଦିନେ ଭରା ନଦୀ ନାଳ ପାର ହୋଇ ସ୍କୁଲ୍ ଆସିବାକୁ ପଡୁଥିବା ବେଳେ ଦୁର୍ଗମ ଅଞ୍ଚଳରେ ମାଇଲ୍ ମାଇଲ୍ ବାଟ ଚାଲିବା ପରେ ଶ୍ରେଣୀ ଗୃହ ପାଠ କିମ୍ବା ମଧ୍ୟାହ୍ନ ଭୋଜନ ଭାଗ୍ୟରେ ଜୁଟୁଛି। ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳର ପିଲାମାନଙ୍କ ମେଧାସ୍ତର ଯାହା ସେଥିରେ ହଠାତ୍ ବାର୍ଷିକ ପରୀକ୍ଷା କଲେ ପାସ୍ ତୁଳନାରେ ଫେଲ୍ ହାର ଢେର ଅଧିକ ହେବାର ଆଶଙ୍କା ଅଧିକ। ତେଣୁ ଫେଲ୍ ହେବା ପରେ ପୁଣି ଥରେ ସେମାନେ ଯେ ସ୍କୁଲ୍ ବାରଣ୍ଡା ମାଡ଼ିବେ ସେ ବିଶ୍ୱାସ ଆସୁନାହିଁ। ଏହାଛଡ଼ା ଆମ ଶୈକ୍ଷିକ ଭିତ୍ତିଭୂମି ଅବସ୍ଥା ଯାହା ସେଥିରେ ଗୋଟିଏ କକ୍ଷରେ ଏକାଧିକ ଶ୍ରେଣୀ ଏବଂ ଏକାଧିକ ଶ୍ରେଣୀ ପାଇଁ ଜଣେ ମାତ୍ର ଶିକ୍ଷକ/ଶିକ୍ଷୟିତ୍ରୀରେ ପାଠପଢ଼ା ଯେନତେନପ୍ରକାରେ ଚାଲୁଛି। ଯଦି କୌଣସି ସ୍କୁଲ୍‌ରେ ଅତିକମ୍‌ରେ ୫୦ ପ୍ରତିଶତରୁ ଅଧିକ ପିଲା ଫେଲ୍ ହୁଅନ୍ତି ତେବେ ତଳ ଶ୍ରେଣୀ ସହିତ ସେମାନଙ୍କୁ ମିଶାଇ ପାଠପଢ଼ାଇବା ପାଇଁ ଶ୍ରେଣୀଗୃହର ଗୁରୁତର ଅଭାବ ସୃଷ୍ଟି ହେବ। ଏହାଦ୍ୱାରା ମଧ୍ୟାହ୍ନଭୋଜନ ବୋଝ ମଧ୍ୟ ବଢ଼ିବ। ଏବେ ମଧ୍ୟାହ୍ନଭୋଜନ ପାଇଁ ବଜେଟ୍ ବ୍ୟବସ୍ଥା ନୈରାଶ୍ୟଜନକ। ସେଥିରେ ପୁଣି ପିଲା ସଂଖ୍ୟା ବଢ଼ିଲେ ଖାଦ୍ୟର ମାନରେ ନିଶ୍ଚିତ ଭାବେ ସାଲିସ୍ କରିବାକୁ ପଡ଼ିବ।

ବର୍ତ୍ତମାନର ବିଜେପି ସରକାର କେବଳ ଯଦି ରାଜନୈତିକ ଉଦେଶ୍ୟପ୍ରଣୋଦିତ ଭାବେ ପୂର୍ବ ସରକାରଙ୍କ ଅମଳରେ ପ୍ରଣୀତ ନିଷ୍ପତ୍ତିମାନଙ୍କୁ ବଦଳାଇବା ମାନସିକତାରେ ଏଭଳି ପଦକ୍ଷେପ ନେଇଥା'ନ୍ତି ତେବେ ସେଥିରେ କାହାର କିଛି କହିବାର ନାହିଁ। କିନ୍ତୁ ପାସ୍‌ଫେଲ୍ ବ୍ୟବସ୍ଥା ସହିତ ଯେଉଁ ଆନୁଷଙ୍ଗିକ ସମସ୍ୟାମାନ ଜଡ଼ିତ ଅଛି ସେଗୁଡ଼ିକର କିପରି ଯଥାଯଥ ସମାଧାନ ହୋଇପାରିବ ସେ ଦିଗରେ ମଧ୍ୟ ଚିନ୍ତା କରିବା ଆବଶ୍ୟକ। ଯେଉଁମାନେ ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ କରିଥିଲେ ସେମାନେ ସମସ୍ତେ ଅବୋଧ ନଥିଲେ। କିନ୍ତୁ ଏହା ଭିତରେ ଶିକ୍ଷା କ୍ଷେତ୍ରରେ ଏଭଳି କ'ଣ ଉନ୍ନତି ହୋଇଥିବା ସରକାର ହୃଦ୍‌ବୋଧ କଲେ ଯେ ତାହାକୁ ତରବରିଆ ଭାବେ ଉଚ୍ଛେଦ କରିଦେଲେ ସେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଜନକଲ୍ୟାଣ ସହିତ ଜଡ଼ିତ କୌଣସି ଯୋଜନା ପ୍ରଣୟନ କିମ୍ବା ସଂଶୋଧନ କରିବା ପୂର୍ବରୁ ବିଧାନସଭାରେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇପାରିଥା'ନ୍ତା। ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ସରକାରଙ୍କ ନିଷ୍ପତ୍ତି ହିଁ କାଏମ୍ ରହିବ। କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଲୋଚନା ଓ ସମାଲୋଚନାକୁ ଗୁରୁତ୍ୱ ଦେବା ବିଧେୟ। ଏବେ ମଧ୍ୟ ବିଶେଷ ବିଳମ୍ବ ହୋଇନାହିଁ। ବର୍ତ୍ତମାନର ରାଜ୍ୟ ସରକାର ବିଜ୍ଞପ୍ତି ଜାରି କରି ପ୍ରତ୍ୟାହାର କରିବାର କେତେକ ଉଦାହରଣ ଆମେ ଅତୀତରେ ଦେଖିଛୁ। ତେଣୁ ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପାଇଁ ପଥ ପ୍ରସ୍ତୁତ କରିବା ଉଚିତ ହେବ। ଏଥିସହିତ ଶିକ୍ଷାବିତ୍‌ମାନଙ୍କୁ ନେଇ ରାଜ୍ୟସ୍ତରୀୟ ବିଚାରବିମର୍ଶ ହୋଇ ସେ ନିଷ୍କର୍ଷ ଆଧାରରେ ଯଦି ସରକାର ପାସ୍‌ଫେଲ୍ ବ୍ୟବସ୍ଥା ସମ୍ପର୍କରେ ନିଷ୍ପତ୍ତି ନିଅନ୍ତେ ତେବେ ଅପରିଣାମଦର୍ଶୀର କଳଙ୍କ ମୁଣ୍ଡାଇବାକୁ ପଡ଼ନ୍ତା ନାହିଁ। ଆଶା ସରକାର ଏହାକୁ ସକାରାତ୍ମକ ଦୃଷ୍ଟିରେ ଗ୍ରହଣ କରିବେ।

## ସର୍ଜନଶୀଳ ଓଡ଼ିଶା

ଡ. ପ୍ରଫୁଲ୍ଲ କୁମାର ସାହୁ

ସ୍ଥାପତ୍ୟ କଳା ପାଇଁ ଓଡ଼ିଆ ଜାତି ବିଶ୍ୱବିଖ୍ୟାତ। ଦ୍ୱାଦଶ ଶତାବ୍ଦୀ ବେଳକୁ ମନ୍ଦିର ସ୍ଥାପତ୍ୟ କଳାରେ ତା'ର ଉତ୍କର୍ଷ ଚରମ ସୀମାରେ ପହଞ୍ଚି ସାରିଥିଲା, ଯା'ର ନିଦର୍ଶନ ହେଉଛି କୋଣାର୍କ ମନ୍ଦିର। ଶିଳ୍ପକଳା ଦୃଷ୍ଟିରୁ ଏହା ପୃଥିବୀ ପ୍ରସିଦ୍ଧ। କୋଣାର୍କ କେବଳ ଧର୍ମ, ଅର୍ଥ ଓ ପରମାର୍ଥର ତୀର୍ଥସ୍ଥଳୀ ନୁହେଁ, ଏହା ଅମ୍ଳାନ ସୌନ୍ଦର୍ଯ୍ୟର ଏକ ନନ୍ଦନବନ। ରମ୍ୟ କଳାର ଚାରୁ ଚିତ୍ରଶାଳା। କବି ଦୃଷ୍ଟିରେ ଏହା ପ୍ରସ୍ତର ଗାତ୍ରରେ ଲିଖିତ ଏକ ମହାକାବ୍ୟ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ ପଥର ଏଠି ମଣିଷଠାରୁ ଅଧିକ ମୁଖର। କୋଣାର୍କକୁ ଯିଏ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, କଳିଙ୍ଗର ସ୍ଥାପତ୍ୟ ଧାରାରେ ତା'ର ସ୍ଥାନ କେବଳ ଶୀର୍ଷରେ ନୁହେଁ, ତାହା ବିଶ୍ୱରେ ବିସ୍ମୟ। ତା'ର ଯୁଗୋତୀର୍ଣ୍ଣ କଳା ନୈପୁଣ୍ୟ ନେଇ ଲେଖାଯାଇଛି ଅନେକ କାବ୍ୟ କବିତା। 'ଧର୍ମପଦ'କାବ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସ କିମ୍ବଦନ୍ତୀକୁ ଆଧାର କରି ତ୍ୟାଗର ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି, ତାରି ଭିତରେ ନିହିତ ସୂକ୍ଷ୍ମ ସର୍ଜନଶୀଳତାର ନିଦର୍ଶନ। ଧର୍ମପଦ ଇତିହାସ ନୁହେଁ, କିମ୍ବଦନ୍ତୀ। ମାତ୍ର କବି ଗୋପବନ୍ଧୁଙ୍କ ଲେଖନୀ ସ୍ପର୍ଶ ପାଇ ସେ ପାଲଟି ଯାଇଛି ଇତିହାସଠାରୁ ବୃହତ୍ତର ସତ୍ୟ। ଓଡ଼ିଆ ଜନଜୀବନ ସହିତ ସେ ପୂର୍ଣ୍ଣମାତ୍ରାରେ ଯୋଡ଼ି ହୋଇଯାଇଛି, ଯାହା ସମ୍ଭବ ହୋଇନାହିଁ କୋଣାର୍କ ମନ୍ଦିରର ନିର୍ମାତା ଲାଙ୍ଗୁଳା ନରସିଂହଦେବଙ୍କ ଭାଗ୍ୟରେ।

ଓଡ଼ିଆ କବି ଶବ୍ଦ କୋଣାର୍କର ଶିଳ୍ପୀ। ସେ ଲେଖିପାରେ 'ଗୀତ ଗୋବିନ୍ଦ' ଭଳି ଅନନ୍ୟ, ଅନୁପମ ଓ ଅମଳିନ କାବ୍ୟ। ଗୀତଗୋବିନ୍ଦର କାନ୍ତକୋମଳ ଓ ମଧୁର ପଦାବଳୀ ଦ୍ୱାରା ପ୍ରଭାବିତ ସମଗ୍ର ଭାରତୀୟ କାବ୍ୟ ବାଙ୍ମୟ। ଏହା ପୃଥିବୀର ବହୁ ଭାଷାରେ ଅନୂଦିତ ଓ ଆଦୃତ। ସମଗ୍ର ବିଶ୍ୱରେ ଏହା ଏକ ଅନନ୍ୟ, ଅନୁପମ ଓ ଅମଳିନ କୃତି। ଗୀତଗୋବିନ୍ଦ ଭଳି ଗୋଟିଏ ଛୋଟିଆ କାବ୍ୟ ରଚନା କରି ଜୟଦେବ ଯେଭଳି ଖ୍ୟାତି ଓ ଅମରତ୍ୱ ଲାଭ କରିଛନ୍ତି, ତାହା ସମ୍ଭବ ହୋଇପାରିନି ପୃଥିବୀର ଅନ୍ୟ କୌଣସି କବିଙ୍କ ଭାଗ୍ୟରେ। ବାଉଁଶ ନଳୀ ସାହାଯ୍ୟରେ ଆକାଶକୁ ଚାହିଁ ବହୁ ଜଟିଳ ତତ୍ତ୍ୱର ସରଳ ସୂତ୍ର ଆବିଷ୍କାର କରିପାରେ ଏହି ମାଟିର ଖଗୋଳ ବିଜ୍ଞାନୀ। ଏହି ମାଟିରେ ଜନ୍ମ ନେଇଛି ଦଶମିକ ଭଗ୍ନାଂଶ, ଯାହା ଗଣିତ ଶାସ୍ତ୍ରକୁ ଏକ ଯୁଗାନ୍ତକାରୀ ଅବଦାନ ବୋଲି ସ୍ୱୀକାର କରିଛି ସାରା ବିଶ୍ୱ। ଏହି ଆଧ୍ୟାତ୍ମିକ ଭୂଇଁରୁ ଆତ୍ମପ୍ରକାଶ କରିଛି ଅଭିନବ ଧର୍ମଧାରା ମହିମାଧର୍ମ। ଜାତିସଂଘର ଲଲାଟପଟରେ ଲିପିବଦ୍ଧ ହୋଇ ରହିଛି ଓଡ଼ିଆ କବିର ମହାନ ବାଣୀ -'ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।'

ଏକଦା ଲେଖନୀ ସାହାଯ୍ୟରେ ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧ ସାହିତ୍ୟ, ବୌଦ୍ଧ ସାହିତ୍ୟ, ତନ୍ତ୍ର ସାହିତ୍ୟ, ଲୋକ ସାହିତ୍ୟ ଏବଂ ରାମାୟଣ ଓ ମହାଭାରତ ଭଳି ପ୍ରାଚୀନ ପୋଥି। ତାଳପତ୍ରରେ ଅକ୍ଷର ଲେଖିବା, ଚିତ୍ର ଆଙ୍କିବା ଏବଂ ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଖୁବ ଉଚ୍ଚକୋଟୀର। ପୋଥିର ନିମପତ୍ର ଓ ହଳଦୀ ଲେପଦେଇ ଏବଂ ନିୟମିତ ବ୍ୟବଧାନରେ ଖରାରେ ଶୁଖାଇ ରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥିଆସ୍ଥାନ, ପୋଥି ଖଟୁଲି, ପୋଥି ବିମାନ, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି।

ଶିଳ୍ପକଳା ଓଡ଼ିଆ ଜାତିର ଅସ୍ଥି ମଜ୍ଜାଗତ। ଯେଉଁଠି ପଥରର ପ୍ରାଚୁର୍ଯ୍ୟ, ସେହି ଏକାମ୍ରରେ ଓଡ଼ିଆ ଶିଳ୍ପୀ ଶତାବ୍ଦୀରେ ଗଢ଼ିଥିଲା ହଜାର ହଜାର ମନ୍ଦିର। ପ୍ରତିଟି ପଥର ଖଣ୍ଡରେ ଲେଖିଥିଲା କଳାର କବିତା। ଭୁବନେଶ୍ୱରର ଦେଉଳ ପରି ଶିଳ୍ପୋନ୍ନତ ଓ ଦେବୋପମ ସ୍ଥାପତ୍ୟର ଦୃଷ୍ଟାନ୍ତ ବିରଳ। ଏ ଜାତି ସୁନାରୁପାରେ କରେ ତାରକସି କାମ। ରୁପା ତାରକସି ପାଇଁ ରୁପେଲି ସହର କଟକ ବିଶ୍ୱବିଖ୍ୟାତ। ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବିଶ୍ୱ ଦେଖିଛି ଓଡ଼ିଆ ତାରକସି କାମର ଝଲକ। ପଥର ଖୋଦନ ଓଡ଼ିଆ ଜାତିର ଏକ ପୁରାତନ ଶିଳ୍ପ। ଧଉଳି ପାହାଡ଼ରେ ଥିବା ଅଶୋକଙ୍କ ସ୍ୱତନ୍ତ୍ର କଳିଙ୍ଗ ଅନୁଶାସନ ନିକଟରେ ପଥର କାନ୍ଥରେ ଖୋଦିତ ହାତୀର ସମ୍ମୁଖ ଭାଗ ଓଡ଼ିଶାର ସର୍ବପୁରାତନ ପ୍ରସ୍ତର କଳାକୃତି ମଧ୍ୟରେ ଅନ୍ୟତମ। କଂସା ଓ ପିତଳ ହାଣ୍ଡି ଉପରେ ସୁନ୍ଦର ଖୋଦନ ଓଡ଼ିଆ ସୂକ୍ଷ୍ମକଳାର ଏକ ମହତ୍ତ୍ୱପୂର୍ଣ୍ଣ ଦିଗ। ସେଥିପାଇଁ ଓଡ଼ିଶାର ଘରେ ଘରେ ଦେଖିବାକୁ ମିଳେ ଧାତୁ ନିର୍ମିତ କଳାକୃତି।

ଓଡ଼ିଶାରେ ଏପରି କାରିଗର ମଧ୍ୟ ଅଛନ୍ତି, ଯେଉଁମାନେ ଗୋରୁର ଶିଙ୍ଗରୁ ତିଆରି କରିପାରନ୍ତି ପାନିଆ, ଫୁଲ ଓ କଲମ ଷ୍ଟାଣ୍ଡ ଆଦି ବିଭିନ୍ନ ଜିନିଷ। ଓଡ଼ିଶାରେ କାଠ ଖୋଦେଇ କାମ ମଧ୍ୟ ବହୁଳ ଲୋକପ୍ରିୟ। ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱ ସମ୍ପର୍କରେ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ବର୍ଦ୍ଧକୀକୁ ଜଣା କାଠରେ ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନକୌଶଳ। ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମ ଆଧାରରେ ସେ ଏକାଧିକ ବୋଇତକୁ ଯୋଡ଼ି ନିର୍ମାଣ କରିପାରୁଥିଲା ବିଶାଳକାୟ ଓ ସୁଦୃଶ୍ୟ ବୋଇତ।

ଓଡ଼ିଆଙ୍କ ଜୀବନଦର୍ଶନ, ଚିନ୍ତାଚେତନା, ଭାବଭାବନା ଆଦି ସବୁଠି ରହିଛି ଅନନ୍ୟ କଳାତ୍ମକ ପରିପ୍ରକାଶ। ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସାରିତ ହୋଇଛି ଓଡ଼ିଶାର ସୂକ୍ଷ୍ମ କଳାରୂପ। ସମ୍ବଲପୁର ବୟନକଳାର ଗୁଣବତ୍ତା ଓ କାରୁକାର୍ଯ୍ୟ ସମ୍ପୂର୍ଣ୍ଣ ପାରମ୍ପରିକ। ସମ୍ବଲପୁରୀ ବାନ୍ଧକଳା ବିଶ୍ୱପ୍ରସିଦ୍ଧ, ଯାହା ଲୋକରୁଚି, ଲୋକଚଳଣିର ଓ ଲୋକ ଅଭିବ୍ୟକ୍ତିକୁ ନେଇ ସମୃଦ୍ଧ ଓ ଋଦ୍ଧିମନ୍ତ। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ଉପକୂଳ ଓଡ଼ିଶାରେ ମାଣିଆବନ୍ଧ, ନୂଆପାଟଣା ଅଞ୍ଚଳରେ ଖଣ୍ଡୁଆ, ପିପିଲିର ଚାନ୍ଦୁଆ ଶିଳ୍ପରେ ରହିଛି ଓଡ଼ିଆ ଜାତିର ସର୍ଜନାତ୍ମକ ଭାବନା। ପଟ୍ଟଚିତ୍ର ଓଡ଼ିଶାର ଏକ ସ୍ୱତନ୍ତ୍ର ଓ ମର୍ଯ୍ୟାଦାବନ୍ତ କଳା। ଏହାର ଇତିହାସ ଅତ୍ୟନ୍ତ ପ୍ରାଚୀନ ଏବଂ ଅଦ୍ୟାବଧି ମୌଳିକ ଭାବରେ ଭାସ୍ୱର। ପଟ୍ଟଚିତ୍ରରେ ଓଡ଼ିଶାର ସାଂସ୍କୃତିକ ଚିତ୍ରାବଳୀର ମହିମାନ୍ୱିତ ରୂପ ଅନ୍ତରାଳରେ ରହିଛି ତା'ର ଶୈଳୀଗତ ଅବବୋଧ। ପଟ୍ଟଚିତ୍ର ନିମନ୍ତେ ରଙ୍ଗ ପ୍ରସ୍ତୁତି ଓ ତା'ର ପ୍ରୟୋଗ ମଧ୍ୟ ଭିନ୍ନ ଏକ କଳାତ୍ମକ ଦିଗ। ମହାପ୍ରଭୁ ଶ୍ରୀଜଗନ୍ନାଥ ହିଁ ପଟ୍ଟଚିତ୍ରର ମୁଖ୍ୟ ଉପଜୀବ୍ୟ। ତେଣୁ ଜଗନ୍ନାଥ ସଂସ୍କୃତି ସହିତ ପଟ୍ଟଚିତ୍ର ପରମ୍ପରା ଓତପ୍ରୋତ ଭାବରେ ଜଡ଼ିତ।

ଓଡ଼ିଆ ଜାତି ଭକ୍ତି ଭିତରେ ଏମିତି ଶକ୍ତି ଖଞ୍ଜି ଦେଇ ପାରେ ଯେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥକୁ ଅଟକାଇ ଦେଇ ପାରେ ସାଲବେଗ ଓ ବଳରାମ ଦାସଙ୍କ ପରି ଭକ୍ତଙ୍କ ଭାବ ବିହ୍ୱଳିତ ଆବେଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି କେଉଁ ସ୍ମରଣାତୀତ କାଳରୁ ଓଡ଼ିଆ ଜନଜୀବନରେ ପ୍ରବାହିତ ହୋଇଛି ଏକ ସମନ୍ୱୟାତ୍ମକ ସାଂସ୍କୃତିକ ସ୍ରୋତ। ଏହା ଯେତିକି ଭକ୍ତି ଭାବାପନ୍ନ, ସେତିକି କଳାତ୍ମକ ଚେତନାରେ ରସାଣିତ। ତେଣୁ ଓଡ଼ିଆ ଜାତି 'ଜଗନ୍ନାଥ କ୍ଷେତ୍ର'କୁ 'କ୍ଷେତ୍ର' ନକହି କହିଲା 'ଶ୍ରୀକ୍ଷେତ୍ର'। ମନ୍ଦିରକୁ କହିଲା 'ଶ୍ରୀମନ୍ଦିର'। ପ୍ରସାଦକୁ କହିଲା 'ମହାପ୍ରସାଦ'। ମହାପ୍ରଭୁଙ୍କ ମହାତ୍ମ୍ୟ ଓ ମହନୀୟତାକୁ ମର୍ମେ ମର୍ମେ ଅନୁଭବ କରିଥିବା ଓଡ଼ିଆ ଜାତିର ମଗଜରୁ ଉତୁରି ଆସିଲା ନୀଳକନ୍ଦର, ନିର୍ମାଲ୍ୟ, କୈବଲ୍ୟ କଣିକା, ଶରଧାବାଲି ଓ କଳ୍ପବଟ ଆଦି ସୁନ୍ଦର ଶବ୍ଦ।

କେବଳ ଆଧ୍ୟାତ୍ମିକ ଭାବ ଓ ଭାବନାରେ ନୁହେଁ, ନଦୀଠାରୁ ନକ୍ଷତ୍ର ଓ ଭୂମିଠାରୁ ଭୂଧର ଆଦି ପ୍ରତ୍ୟେକ କ୍ଷେତ୍ରରେ ଚୟନ କରିଛି କଳା ବିଭୂଷିତ ନାମ। ସର୍ଜନଶୀଳତାର ତୁଙ୍ଗିମା ଆରୋହଣ କରି ନଦୀକୁ କହିଲା ମହାନଦୀ ଓ ସମୁଦ୍ରକୁ କହିଲା ମହୋଦଧି। ନଦୀର ନାମ ଦେଲା ସୁବର୍ଣ୍ଣରେଖା, ସାଳନ୍ଦୀ, ତମସା, ଋଷିକୂଲ୍ୟା, ଚିତ୍ରୋତ୍ପଳା, ମହେନ୍ଦ୍ରତନୟା ଇତ୍ୟାଦି। ଉଭୟ ଗୁଣାତ୍ମକ ଓ କଳାତ୍ମକ ଦିଗକୁ ଦୃଷ୍ଟିରେ ରଖି ପାହାଡ଼ର ନାଆଁ ଦେଲା ମେଘାସନ, ସ୍ୱର୍ଣ୍ଣଚୂଡ଼, ଦେଓମାଳି, ମହେନ୍ଦ୍ରଗିରି, ମଣିକର୍ଣ୍ଣିକା, ଗୋନାସିକା ଓ ଗୋକର୍ଣ୍ଣିକା ଏବଂ ଏମିତି ଆହୁରି ଅନେକେ ସୁନ୍ଦର ନାମ। ଗ୍ରାମ ଓ ନଗର ନାମକରଣରେ ମଧ୍ୟ ବୋଳି ହୋଇଗଲା ସମ୍ଭ୍ରାନ୍ତୀୟ ଛାପ। ଜନପଦର ନାମ ଦେଲା ଅସ୍ତରଙ୍ଗ, ନିଶ୍ଚିନ୍ତକୋଇଲି, ମଧୁବନ, ଚନ୍ଦ୍ରାବାଲି, ଚାନ୍ଦବାଲି ଇତ୍ୟାଦି। କଳାତ୍ମକ ନାମ ଚୟନରେ ଓଡ଼ିଆ ଜାତି ଯେ ସବା ଆଗରେ ତା'ର ଅନ୍ୟ ଏକ ଦୃଷ୍ଟାନ୍ତ ହେଉଛି ଓଡ଼ିଆ କାବ୍ୟର ନାନ୍ଦନିକ ନାମକରଣ। ଯେଉଁ ମାଟିରେ ଉପେନ୍ଦ୍ର ଭଞ୍ଜଙ୍କ ଭଳି କବି ସମ୍ରାଟ, ସଙ୍ଗୀତ ସମ୍ରାଟ ଓ ଶବ୍ଦ ସମ୍ରାଟ ଜନ୍ମ ନିଅନ୍ତି, ସେହି ଜାତି କେବଳ ତା'ର କାବ୍ୟର ନାମକରଣ କରିବାକୁ ଯାଇ ରଖିପାରେ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ରହସ୍ୟ ମଞ୍ଜରୀ, ଚନ୍ଦ୍ରଭାଗା, ହେମଶସ୍ୟ ଆଦି ନାମ।

ଅତୀତରେ ଓଡ଼ିଶା କେବେ କଳିଙ୍ଗ ତ କେବେ କଙ୍ଗୋଦ, କେବେ ଉଡ୍ର ତ କେବେ ଉତ୍କଳ ଓ ମହାକାନ୍ତାର ଆଦି ନାମରେ ପରିଚିତ ହୋଇଥିଲେ ମଧ୍ୟ ଶେଷରେ ଭାଷାକୁ ଭିତ୍ତି କରି ସ୍ୱତନ୍ତ୍ର ମାନ୍ୟତା ପାଇଛି, ଯାହା ତା'ର ନାନ୍ଦନିକ ଦିଶା ଓ ଦର୍ଶନର ଦର୍ପଣ।

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ପ୍ଲାଷ୍ଟିକ ବିନା ଜୀବନ

ଡ. ବିଜୟକେତନ ପଟ୍ଟନାୟକ

ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ଲାଷ୍ଟିକ୍ ଓ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି। ପ୍ଲାଷ୍ଟିକ ଏକ ପେଟ୍ରୋଲଜାତ ଜୈବ ବିଘଟନ ଅକ୍ଷମ ପଦାର୍ଥ, ପ୍ରାକୃତିକ ପ୍ରକ୍ରିୟାରେ ଯାହାର ସଂପୂର୍ଣ୍ଣ ବିଘଟନ ନିମନ୍ତେ ୭୦୦ ରୁ ୧୦୦୦ ବର୍ଷ ଲାଗିଯାଏ। ସଂପୂର୍ଣ୍ଣ ବିଘଟନ ପୂର୍ବରୁ ନାନୋପ୍ଲାଷ୍ଟିକ୍ ବା ପ୍ଲାଷ୍ଟିକ୍ କଣିକା ରୂପରେ ଭିନ୍ନ ଭିନ୍ନ ମାଧ୍ୟମରେ ଏହା ଆମର ଖାଦ୍ୟଶୃଙ୍ଖଳରେ ମଧ୍ୟ ପହଞ୍ଚିଯାଏ। ହାଲ୍‌କା, ନମନୀୟ, ସୁଲଭ, ଦୀର୍ଘସ୍ଥାୟୀ, ଗନ୍ଧହୀନ, ସ୍ୱାଦହୀନ, ସ୍ୱଚ୍ଛ ଓ ବର୍ଷା ଜଳରେ ଭିଜି ଯାଉ ନଥିବା ହେତୁ ପ୍ଲାଷ୍ଟିକ୍‌ଜାତ ସାମଗ୍ରୀର ଆଦୃତି ବଢ଼ିବାରେ ଲାଗିଛି। ପ୍ଲାଷ୍ଟିକର ଉଦ୍ଭାବନ ୧୮୬୨ ମସିହାରୁ ହେଲାଣି। କିନ୍ତୁ ୧୯୯୦ ପରେ ହିଁ ପ୍ଲାଷ୍ଟିକ ପଲିଥିନ ମୁଣାର ବ୍ୟବହାର ଆମ ଦେଶ ଓ ରାଜ୍ୟର ସହର, ବଜାର, ଗାଁ ଗଣ୍ଡା ଚାରିଆଡ଼େ ବ୍ୟାପିଗଲା। ୧୯୯୦ ରେ ଆମ ଦେଶରେ ଯେତିକି ପରିମାଣରେ ପ୍ଲାଷ୍ଟିକ ପ୍ରସ୍ତୁତ ହେଉଥିଲା, ଏବେ ତା'ର ୨୦ ରୁ ୨୫ ଗୁଣ ଅଧିକ ଉତ୍ପାଦନ ଓ ବିକ୍ରୟ ହେଉଛି।

ଦେଖାଯାଇଛି ବର୍ଷ ବର୍ଷ ଧରି ବିଘଟନ ନ ହୋଇ ଦୃଶ୍ୟକଟୁ ଭାବେ ରାସ୍ତାକଡ଼ରେ ଗଦା ହୋଇଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପ୍ରମୁଖ ଭାଗ ହେଉଛି ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହାକୁ ଥରେମାତ୍ର ବ୍ୟବହାର କରି ଫିଙ୍ଗି ଦିଆଯାଏ। ଏହାର ପରିମାଣ ମୋଟ ବର୍ଜ୍ୟର ୭୫ ପ୍ରତିଶତ। ଆମ ଦୈନନ୍ଦିନ ଜୀବନଚର୍ଯ୍ୟାର କେତୋଟି ଛୋଟ ଉଦାହରଣ ଦିଆଯାଇପାରେ। ପ୍ରାତଃଭ୍ରମଣରେ ପ୍ଲାଷ୍ଟିକ କପରେ ଚା' ପିଇ କପକୁ ଫୋପାଡ଼ି ଦିଅ। ଅଥବା ଜଳଖିଆ ଖାଇ ପ୍ଲାଷ୍ଟିକ ପ୍ଲେଟ୍‌କୁ ଫିଙ୍ଗି ଦିଅ। ପ୍ରାତଃଭ୍ରମଣରୁ ଫେରିବା ସମୟରେ ଅନେକ ବରିଷ୍ଠ ନାଗରିକ ରାସ୍ତାକଡ଼ରେ ବସୁଥିବା ବେପାରୀମାନଙ୍କଠାରୁ କିଛି ବିଫା ଶାଗ, କଖାରୁ ଫୁଲ, ପନିପରିବା ଜରି ମୁଣାରେ ଧରି ଘରକୁ ଫେରନ୍ତି। ବେଳେ ବେଳେ ଠେଲା ଜଳଖିଆ ଗାଡ଼ିରୁ ଗରମ ବରା, ପିଆଜି, ମଟର ତରକାରୀ ଦୋକାନୀ ଦେଉଥିବା କଳାଜରିରେ ନେଇ ଆସନ୍ତି। କଳା ଜରିମୁଣାରେ ଗରମ ଖାଦ୍ୟ ଆଣିଲେ ସେଥିରେ ରଙ୍ଗରୁ ଉଦ୍‌ବୃତ ବିଷ ସଞ୍ଚରି ଯାଏ। ବଜାରକୁ ଗଲା ବେଳେ ସାଙ୍ଗରେ କ'ଣ କନା ବ୍ୟାଗଟିଏ ବା ଛୋଟ ଟିଫିନ କ୍ୟାରିୟରଟିଏ ନିଆଯାଇ ପାରନ୍ତନି!

ବରିଷ୍ଠ ନାଗରିକମାନେ ସେମାନଙ୍କର ପିଲାଦିନ ଓ ସ୍କୁଲ ଜୀବନ କଥା ମନେ ପକାଇଲେ ନିଶ୍ଚିତ ଭାବେ ହୃଦୟଙ୍ଗମ କରିପାରିବେ ଯେ ସେ ସମୟରେ ପ୍ଲାଷ୍ଟିକର ପ୍ରଚଳନ ଆଦୌ ନଥିଲା। ଗାଁ ଗହଳିରେ ଆମେ ମାନେ କଂସା ପିତ୍ତଳ ବାସନରେ ବା କଦଳୀ ପତ୍ରରେ ଖାଉଥିଲୁ। କାଚ ବା ପିତ୍ତଳ ଗ୍ଲାସରେ ପାଣି ପିଉଥିଲୁ। ମାଟି ହାଣ୍ଡିରେ ଭାତ, ଡାଲି ରାନ୍ଧୁଥିଲୁ। ଏବେ ବି ସେହି ପରମ୍ପରାକୁ ବଜାଇ ରଖି ପ୍ରଭୁ ଜଗନ୍ନାଥଙ୍କର ଅନ୍ନ, ବ୍ୟଞ୍ଜନ ମାଟି କୁଡୁଆରେ ପ୍ରସ୍ତୁତ କରାଯାଉଛି। ଭୋଜିଭାତରେ ଶାଳପତ୍ର କିମ୍ବା ଶିଆଳି ପତ୍ରରୁ ପ୍ରସ୍ତୁତ ଖଲିରେ ଖାଦ୍ୟ ପରଷି ଦିଆଯାଉଥିଲା। ମାଟି ସରାରେ କ୍ଷୀରି, ଦୋକାନରୁ ସଉଦାପତ୍ର, ପନିପରିବା କିମ୍ବା ମାଛ, ମାଂସ ଆଣିବାକୁ ଗଲା ବେଳେ ଆମେ ସାଙ୍ଗରେ ଝୋଟରୁ ପ୍ରସ୍ତୁତ ଅଖାବ୍ୟାଗ ବା କନାବ୍ୟାଗ ନେଇ ଯାଉଥିଲୁ। ଦୋକାନୀ କାଗଜ ଠୁଙ୍ଗାରେ ନଚେତ୍ ପୁରୁଣା ଖବର କାଗଜରେ ଗୁଡ଼ାଇ ତେଜେରାତି ସଉଦା ଦିଏ। ତେଲ ଆଣିବା ପାଇଁ ସାଙ୍ଗରେ କାଚ ବୋତଲଟିଏ ନେଉଥିଲୁ। ଦୋକାନୀ କାହାଳି ଓ ପଳାରେ ମାପି କରି ତେଲ ଦେଉଥିଲା। କିରୋସିନି ପାଇଁ ଟିଣଡବା। ସଞ୍ଜବେଳେ ସ୍ତ୍ରୀ ଲୋକମାନେ ପତ୍ର ଠୋଲାରେ ବିଲରୁ ଧରିଥିବା ଚୂନାମାଛ ଆଣି ବିକୁଥିଲେ। ଦିନରେ ଗଉଡୁଣୀ ମଧ୍ୟ ପତ୍ର ଠୋଲାରେ ଦହି ବିକୁଥିଲା କିମ୍ବା କାଚପାତ୍ରରେ ଅଜାଡ଼ି ଦେଉଥିଲା। କୂଅରୁ ପାଣି କାଢ଼ିବା ପାଇଁ କତାରୁ ପ୍ରସ୍ତୁତ ଦଉଡ଼ି ବ୍ୟବହାର ହେଉଥିଲା। ଯାନିଯାତ୍ରାରୁ ବା ମେଳଣ ପଡ଼ିଆରୁ ପିଲାମାନେ କାଠକଣ୍ଢେଇ କିମ୍ବା ମାଟି କଣ୍ଢେଇ କିଣୁଥିଲେ। ପଇସା ସଞ୍ଚିବା ନିମନ୍ତେ ମାଟିର ସରାଗାତ ଆଣୁଥିଲେ। ଦାନ୍ତ ଘସିଲାବେଳେ ନିମ, ମୁତୁରୀ ବା କରଞ୍ଜ ଗଛର ଦାନ୍ତ କାଠି ବ୍ୟବହାର କରଉଥିଲେ। ଶିଙ୍ଗ ପାନିଆରେ ମୁଣ୍ଡ କୁଣ୍ଡଉଥିଲେ। ଶୋଇବା ପାଇଁ ହେଂସ, ଖଜୁରୀ ପଟି ବା ସପ ମସିଣା ବ୍ୟବହାର କରୁଥିଲୁ। ତାଳପତ୍ର ବିଞ୍ଚଣାରେ ବିଞ୍ଚି ହେଉଥିଲୁ। ବିଛେଇ ଶୋଇବା ପାଇଁ ବୋଉ ଶାଢ଼ିକୁ ସିଲେଇ କରି କନ୍ଥା ତିଆରି କରୁଥିଲା। ସେହିପରି ପୁରୁଣା ପ୍ୟାଣ୍ଟକୁ କାଟି କନାବ୍ୟାଗ୍ ତିଆରି କରୁଥିଲା। ଖଡ଼ିକା ଝାଡୁ ବା ଫୁଲ ଝାଡୁରେ ଘର ଓଳା ଯାଉଥିଲା। କୁଲା, ବାଉଁଶିଆ, ଡାଲା ଗାଣ୍ଡୁଆ ଆଦି ବେତରାମାନେ ବାଉଁଶରୁ ପ୍ରସ୍ତୁତ କରି ବିକୁଥିଲେ। ଚମଡ଼ା ଚପଲ ପିନ୍ଧି ସ୍କୁଲକୁ ଯାଉଥିଲୁ। କଲମ, କାଳିରେ ଲେଖୁଥିଲୁ। ଖଟ, ପଲଙ୍କ, ଟେବୁଲ, ଚୌକି, ଆଲମିରା ଆଦି ଘରର ଆସବାବପତ୍ର କାଠରେ ନିର୍ମିତ ହେଉଥିଲା। ବାଉଁଶ ଓ ନଡ଼ାରେ ଘର ଛପର ହେଉଥିଲା। ସେ ସମୟର ପ୍ଲାଷ୍ଟିକ ବିନା ଜୀବନ ଚଳୁଥିଲା ନା ଅଚଳ ହୋଇ ପାଇଥିଲା। ଏବେ ସବୁ ବଦଳି ଗଲାଣି। ପ୍ଲାଷ୍ଟିକ ବ୍ରସ, ପ୍ଲାଷ୍ଟିକ ପାନିଆ, ପ୍ଲାଷ୍ଟିକ ଝାଡୁ, ପ୍ଲାଷ୍ଟିକ ଫର୍ଣ୍ଣିଚର, ପ୍ଲାଷ୍ଟିକ ଡବା, ଯୋତା, ଛତା, ଫୁଲ ସବୁକିଛି ପ୍ଲାଷ୍ଟିକ ପ୍ରସ୍ତୁତ ଏବଂ ସହଜରେ ଉପଲବ୍ଧ।

ପଲିଥିନ୍‌ର ଦୁର୍ଗୁଣ ସମସ୍ତ ଶିକ୍ଷିତ ବ୍ୟକ୍ତିଙ୍କୁ ଊଣାଅଧିକେ ଜଣା। କିନ୍ତୁ ଅଭାବ ରହିଛି ଦୃଢ଼ ଇଚ୍ଛାଶକ୍ତି ଓ ସୁସ୍ଥ ମାନସିକତାର। ଏଇ ଲୋକମାନେ ଯେତେବେଳେ ବିଦେଶ ଯା'ନ୍ତି, ସେଠାରେ ରାସ୍ତାଘାଟରେ ଅଳିଆ, ଆବର୍ଜନା ଫିଙ୍ଗନ୍ତି ନାହିଁ। କାରଣ ସେଠାରେ ଦଣ୍ଡବିଧାନର ବ୍ୟବସ୍ଥା ଅଛି। ଆମ ଦେଶରେ ପୁଲିସ୍ ଓ ଦଣ୍ଡବିଧାନ ଅଧିକାରୀଙ୍କୁ ଚକ୍କର ଦେଇ ଖସିଯିବା ବ୍ୟକ୍ତି ହିରୋ ହୋଇଯାଏ। ମୋ ମତରେ ଆମ ଲୋକମାନଙ୍କର ମାନସିକତାରେ ସୁଧାର ଆଣିବା ପାଇଁ ଦଣ୍ଡ ସହିତ ପୁରସ୍କାର ବା ପ୍ରୋତ୍ସାହନର ବ୍ୟବସ୍ଥା ମଧ୍ୟ ରହିବା ଆବଶ୍ୟକ। ଏକକ ବ୍ୟବହୃତ ପ୍ଲାଷ୍ଟିକ, ଯାହା ପ୍ଲାଷ୍ଟିକ ପ୍ରଦୂଷଣର ପ୍ରମୁଖ ଉତ୍ସ, ତା'କୁ କିପରି ନା କରାଯାଇ ପାରିବ, ସେଥିପାଇଁ ଚାରୋଟି 'ଆର' ଯଥା - (୧) କମ୍ ବ୍ୟବହାର ବା ହ୍ରାସକରଣ (ରେଡ୍ୟୁସ୍) (୨) ପୁନରୁଦ୍ଧାର (ରିକଭର) (୩) ପୁନଃ ଚକ୍ରୀକରଣ (ରିସାଇକଲ) ଏବଂ ପୁନଃବ୍ୟବହାର (ରିୟୁଜ୍) ଉପରେ ଗୁରୁତ୍ୱ ଦିଆଯିବା ଉଚିତ୍।

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଶରୀରକୁ ବଜ୍ର କରନ୍ତି ମା' ବ୍ରଜେଶ୍ୱରୀ

ଓଜସ୍ୱିନୀ

ବର୍ତ୍ତମାନ ଅନିୟମିତ ଖାଦ୍ୟ ପ୍ରଣାଳୀ, ଫାଷ୍ଟଫୁଡ୍ ଓ ମୃଦୁପାନୀୟର ଆଧିକ୍ୟ ଯୋଗୁଁ ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ଆଣ୍ଠୁଗଣ୍ଠି ସମସ୍ୟାରେ ପୀଡ଼ିତ। ଏହା ବ୍ୟତୀତ ବୟସାଧିକ୍ୟ କାରଣରୁ ବୟୋଜ୍ୟେଷ୍ଠଙ୍କଠାରେ ସ୍ୱାଭାବିକ ଭାବେ ଆଣ୍ଠୁଗଣ୍ଠି ସମସ୍ୟା ବା ବାତ ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟାରୁ ମୁକ୍ତି ପାଇଁ ପୀଡ଼ିତମାନେ ବିଭିନ୍ନ ଉପାୟ ଅବଲମ୍ବନ କରିଥା'ନ୍ତି। ବର୍ତ୍ତମାନର ଆଧୁନିକ ଚିକିତ୍ସା ପଦ୍ଧତିରେ ବେରିଏଟ୍ରିକ୍ ସର୍ଜରୀ ନାମକ ଏକ ପଦ୍ଧତିରେ ଆଣ୍ଠୁଗଣ୍ଠି ଦରଜ ସମସ୍ୟାର ସମାଧାନ କରାଯାଉଛି। ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଏସବୁ ବିକାଶର ଧାରା ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ ମନୁଷ୍ୟ ତା'ର ଶାରୀରିକ କଷ୍ଟ ଦୂର କରିବା ପାଇଁ ଭଗବତ୍ ଶକ୍ତି ଆଗରେ ଗୁହାରୀ କରି ଆସିଛି। ଏହି ଅତୁଟ ବିଶ୍ୱାସ ଦୈବୀକୃପାର ଚମତ୍କାରିତା ଭାବେ ମନୁଷ୍ୟକୁ କାଳେ କାଳେ ରୋଗମୁକ୍ତ କରିଛି ଏବଂ କରୁଥିବ ମଧ୍ୟ। ଭାରତରେ ଏମିତି ଗୋଟିଏ ମନ୍ଦିର ଅଛି, ଯେଉଁଠି ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଭୋଗୁଥିବା ଲୋକମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥା'ନ୍ତି।

ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ ମାତା ବ୍ରଜେଶ୍ୱରୀ ଦେବୀଙ୍କ ମନ୍ଦିର ଅଛି। ଏଠାରେ ସତୀଙ୍କର ବାମ ବକ୍ଷ ପତିତ ହୋଇଥିବାରୁ ଶକ୍ତିପୀଠ ଭାବେ ମାନ୍ୟତା ଲାଭ କରିଛି। ମା' ବ୍ରଜେଶ୍ୱରୀ ଏଠାରେ ଶକ୍ତିପିଣ୍ଡ ସ୍ୱରୂପରେ ପୂଜା ପାଉଛନ୍ତି। ଅଞ୍ଚଳର ନାମାନୁସାରେ ମା' ବ୍ରଜେଶ୍ୱରୀଙ୍କୁ କାଙ୍ଗଡ଼ା ଦେବୀ ବା ନଗରକୋଟ ଦେବୀ ବୋଲି ସମ୍ବୋଧନ କରାଯାଉଛି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ଏଠାରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ହୋଇ ଘୃତ ଓ ଲହୁଣୀ ଭୋଗ ହୋଇଥାଏ। ଏହାକୁ ଘୃତମଣ୍ଡଳ ପର୍ବ ବୋଲି ମଧ୍ୟ କୁହାଯାଏ। ବିଶ୍ୱାସ ରହିଛି ଯେ ମା'ଙ୍କର ଏହି ପ୍ରସାଦକୁ ଆଣ୍ଠୁଗଣ୍ଠିରେ ଲେପ ଦେବା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରେ। ତେଣୁ ପ୍ରତିବର୍ଷ ଏହି ବିଶେଷପର୍ବ ସମୟରେ ରୋଗୀମାନେ ମା'ଙ୍କ କୃପା ଲାଭ ପାଇଁ ଆସିଥା'ନ୍ତି। କିମ୍ବଦନ୍ତୀ ଅନୁଯାୟୀ, କାଙ୍ଗଡ଼ାରେ ଦୈତ୍ୟ ଜଳନ୍ଧରଙ୍କ ଦୁର୍ଗ ରହିଥିଲା। ଜଳନ୍ଧରଙ୍କ ପ୍ରକୋପରେ ତ୍ରୈଲୋକ୍ୟବାସୀ ତ୍ରାହି ତ୍ରାହି ଡାକିବା ପରେ ମା' ବ୍ରଜେଶ୍ୱରୀ ଏଠାରେ ବଜ୍ର ପ୍ରହାର ଦ୍ୱାରା ଦୈତ୍ୟକୁ ବଧ କରିଥିଲେ। ତେଣୁ ବଜ୍ରହସ୍ତା ମା'ଙ୍କ ନାମ ବ୍ରଜେଶ୍ୱରୀ ହୋଇଛି। ଜଳନ୍ଧର ସହିତ ଯୁଦ୍ଧ ପରେ ମା'ଙ୍କ ଅଙ୍ଗରେ ଅଧିକ କ୍ଷତ ହୋଇଥିଲା ଏବଂ ଶରୀର ପୀଡ଼ା ହେଉଥିଲା। ଶାରୀରିକ ପୀଡ଼ାରୁ ଦେବୀଙ୍କୁ ମୁକ୍ତି କରିବା ପାଇଁ ଏବଂ କ୍ଷତର ଶୀଘ୍ର ଉପଶମ ପାଇଁ ଦେବଦେବୀ ମା'ଙ୍କ ଶରୀରରେ ଘୃତ ଓ ଲହୁଣୀ ପ୍ରଲେପିତ କରିଥିଲେ।

### ବିଶ୍ୱାସ ଓ ବିଜ୍ଞାନ

ଏହି କିମ୍ବଦନ୍ତୀକୁ ଅନୁସରଣ କରି ବର୍ତ୍ତମାନ ମକର ସଂକ୍ରାନ୍ତିରେ ମା'ଙ୍କର ବିଶେଷ ପୂଜାର୍ଚ୍ଚନା କରାଯାଇ ୧୦୧ କେଜି ଘୃତକୁ ୧୦୧ ଥର ଶୀତଳ ଜଳରେ ଧୋଇବା ପରେ ଏକ ପ୍ରକାର ଲହୁଣୀ ପ୍ରସ୍ତୁତ କରି ମା'ଙ୍କ ପିଣ୍ଡି ଉପରେ ସମର୍ପଣ କରାଯାଏ। ଘୃତ ମଣ୍ଡଳ ପର୍ବ ଆରମ୍ଭ ହେବାର ପ୍ରାୟ ୧୦-୧୫ ଦିନ ପୂର୍ବରୁ ଭକ୍ତମାନେ ଲହୁଣୀ ପ୍ରସ୍ତୁତ କରିବାରେ ବ୍ୟସ୍ତ ହୋଇଯା'ନ୍ତି। ଘୃତରୁ ଲହୁଣୀ ପ୍ରସ୍ତୁତ କରିବା କାର୍ଯ୍ୟ ଶକ୍ତିପୀଠର ପୂଜାରୀ ଓ ମନ୍ଦିର ପ୍ରଶାସନ ପକ୍ଷରୁ କରାଯାଏ। ହିମାଚଳ ପ୍ରଦେଶର ଅତ୍ୟଧିକ ଥଣ୍ଡା ପରିବେଶରେ ଘୃତକୁ୧୦୧ ଥର ଥଣ୍ଡା ଜଳରେ ଧୋଇ ଲହୁଣୀ ପ୍ରସ୍ତୁତ କରିବା ଅତ୍ୟନ୍ତ କଷ୍ଟକର ଥିଲେ ମଧ୍ୟ ମା'ଙ୍କ କୃପାରୁ ଏହା ସମ୍ଭବ ହୋଇଥାଏ। ମନ୍ଦିରର ପୂଜାରୀଙ୍କ କହିବା ଅନୁଯାୟୀ ଘୃତମଣ୍ଡଳ ପର୍ବରେ ବ୍ରଜେଶ୍ୱରୀ ଶକ୍ତି ପିଣ୍ଡ ଉପରେ ଲହୁଣୀ ସମର୍ପଣ ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି। ମାତାଙ୍କୁ ୩୦ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଲହୁଣୀ ଅର୍ପଣ କରିବାର ରେକର୍ଡ଼ ଅଛି। ମା'ଙ୍କୁ ଲହୁଣୀ ସହିତ ବିଭିନ୍ନ ପ୍ରକାର ଫଳଫୁଲ ଓ ମେବାରେ ସଜ୍ଜିତ କରାଯାଏ। ଏହି ପର୍ବ ୭ ଦିନ ପର୍ଯ୍ୟନ୍ତ ଚାଲେ। ସପ୍ତମ ଦିନ ଶକ୍ତିପିଣ୍ଡ ଉପରୁ ଲହୁଣୀକୁ ବାହାର କରିବା ପ୍ରକ୍ରିୟା ଆରମ୍ଭ ହୁଏ। ଏହାକୁ ମା'ଙ୍କ ପ୍ରସାଦ ଭାବେ ଭକ୍ତ ଓ ରୋଗୀଙ୍କୁ ଦିଆଯାଏ। ଏହି ପ୍ରସାଦର ପ୍ରଲେପ ଦ୍ୱାରା କିଛିଦିନ ମଧ୍ୟରେ ହିଁ ଆଣ୍ଠୁଗଣ୍ଠି ଦରଜ ସମ୍ପୂର୍ଣ୍ଣ ଦୂର ହୋଇଯାଏ ବୋଲି ଭକ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ।

ଅନ୍ୟ ଏକ ମାନ୍ୟତା ଅନୁସାରେ ମା' ମହିଷାସୁରକୁ ମାରିବା ପରେ ତାଙ୍କ ଶରୀରରେ ଥିବା କ୍ଷତର ଉପଶମ ପାଇଁ ନଗରକୋଟ ବା କାଙ୍ଗଡ଼ାଠାରେ ଲହୁଣୀ ଲେପନ କରିଥିଲେ। ତେଣୁ ଏଠାରେ ଶକ୍ତିପିଣ୍ଡ ବ୍ରଜେଶ୍ୱରୀଙ୍କୁ ଲହୁଣୀରେ ଆଚ୍ଛାଦନ କରାଯାଏ।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୁତୁରାକୁ କୋଦାଳରେ ହାଣି ହତ୍ୟା

ଜଗତସିଂହପୁର, ୧୦।୭ (ସମିସ): ପାରିବାରିକ ଶତ୍ରୁତାରୁ ପୁତୁରାକୁ କୋଦାଳରେ ହାଣି ହତ୍ୟା। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଜାହାନପୁର ଗାଁରେ ଆଜି ସକାଳେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗାଁର ସଞ୍ଜୟ ଦାସ। ସୂଚନା ମୁତାବକ, ଜାହାନପୁର ଗ୍ରାମର ଦୁର୍ଗାଚରଣ ଦାସ ଓ ତାଙ୍କ ସାନଭାଇ ସଞ୍ଜୟଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଆଜି ସକାଳ ପ୍ରାୟ ୬ଟାରେ ଦୁର୍ଗା ଦାସଙ୍କ ପୁଅ ସୁମନ ଘର ପାଖ ନଳକୂପରେ ଗାଧୋଉଥିବା ସମୟରେ ହଠାତ ସଞ୍ଜୟ ସେଠାରେ ପହଞ୍ଚି ଏକ କୋଦାଳରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସୁମନଙ୍କୁ ନିକଟସ୍ଥ ମଣ୍ଡାସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗ୍ରାମବାସୀ ସଞ୍ଜୟଙ୍କୁ କାବୁ କରି ମାଡ଼ ମାରିଥିଲେ। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସଞ୍ଜୟଙ୍କୁ ଆହତ ଅବସ୍ଥାରେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ ସଞ୍ଜୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ କରାଇଛି। ସଞ୍ଜୟ ଜଣେ ମାନସିକ ରୋଗୀ ବୋଲି ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

### ବିଦ୍ୟୁତ୍ ଆଘାତରେ କୃଷ୍ଣସାର ମୃତ

## କାର୍ଯ୍ୟରେ ଅବହେଳା ପାଇଁ ବନପାଳ ନିଲମ୍ବିତ



**ଜଗନ୍ନାଥପ୍ରସାଦ,୧୦।୭ (ସମିସ):** ଦକ୍ଷିଣ ଘୁମୁସର ବନଖଣ୍ଡ ଅଧୀନ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚଭୂତି ବିଟ୍ ହାଉସ୍ ଯାତ୍ରାକୁମୁଟି ଗ୍ରାମ ନିକଟ କାଜୁତୋଟାରେ ଗତ ୭ ତାରିଖ ରାତିରେ ଏକ କୃଷ୍ଣସାର ମୃଗର ମୃତ୍ୟୁ ଘଟିଥିଲା। ମୃଗର ମୃତ୍ୟୁ ସ୍ୱାଭାବିକ ନଥିବା ଜଣାପଡ଼ିବା ପରେ ପଞ୍ଚଭୂତି ବନପାଳ ପଲ୍ଲବୀ ନନ୍ଦଙ୍କୁ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବିତ କରିଛନ୍ତି।

ଗତ ୭ତାରିଖ ରାତିରେ ଯାତ୍ରାକୁମୁଟି କାଜୁତୋଟାରେ ଶିକାରୀ ବିଦ୍ୟୁତ ତାର ବିଛାଇ ବିରଳ କୃଷ୍ଣସାର ମୃଗ ଶିକାର କରିଥିଲେ। ମୃଗଟି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ପରେ ଅଞ୍ଚଳରେ ବିଦ୍ୟୁତ କଟି ଯାଇଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ଖୋଜାଖୋଜି ପରେ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ତାରଗୁଡ଼ିକୁ ସଂଗ୍ରହ କରିବା ସହ ବନପାଳଙ୍କୁ ଡାକି ବିଦ୍ୟୁତ ଉପକରଣ ଓ ମୃତ କୃଷ୍ଣସାର ମୃଗ ହସ୍ତାନ୍ତର କରି ଚାଲି ଯାଇଥିଲେ। ତେବେ ବନପାଳ ପଲ୍ଲବୀ ନନ୍ଦ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ନଦେଇ ତରବରିଆ ଭାବେ କର୍ମଚାରଙ୍କୁ ଲଗାଇ ଗାତ ଖୋଳି ମୃତ ମୃଗଟିକୁ ପୋତି ଦେଇଥିଲେ। ସକାଳ ପାଇବା ପରେ ଖବର ଚାରିଆଡ଼େ ବ୍ୟାପିବା ହେବା ସହ ଭିଡ଼ିଓ ଭାଇରଲ ହୋଇଥିଲା। ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ବନବିଭାଗ ଅଧିକାରୀ ପଞ୍ଚଭୂତିରର ବନପାଳଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ପୋତା ଯାଇଥିବା ମୃଗର ମୃତଦେହକୁ ଖୋଳି ବାହାର କରିବା ସହ ବ୍ୟବଚ୍ଛେଦ କରାଇଥିଲେ। ମୃଗଟିର ବୟସ ୪/୫ବର୍ଷ ଓ ସେ ଗର୍ଭବତୀ ଥିବା ଡାକ୍ତର ସୂଚନା ଦେଇଥିଲେ। ଏନେଇ ବୁଗୁଡ଼ା ବନାଞ୍ଚଳ କାର୍ଯ୍ୟାଳୟରେ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶିକାରୀଙ୍କୁ ଚିହ୍ନଟ କରି ଗିରଫ କରାଯିବାକୁ ପ୍ରଚେଷ୍ଟା ଜାରି ରହିଛି। ଅପରପକ୍ଷେ, କାର୍ଯ୍ୟରେ ଅବହେଳା ଓ ସୁରକ୍ଷାରେ ଢିଲାପଣ ଯୋଗୁଁ ବନଖଣ୍ଡ ଅଧିକାରୀ ବିପାଶା ପାରୁଲ ପଞ୍ଚଭୂତିରେ କାର୍ଯ୍ୟରତ ବନପାଳ ପଲ୍ଲବୀ ନନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି।

## ୬୦୪କୁ ଖସିଲା ହୀରାକୁଦ ଜଳସ୍ତର

**ସମ୍ବଲପୁର,୧୦।୭ (ସମିସ):** ବନ୍ୟାଜଳ ନିଷ୍କାସନ ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ଖସିବାରେ ଲାଗିଛି। ଗୁରୁବାର ଜଳସ୍ତର ୬୦୪.୮୯ ଫୁଟ୍‌ରେ ପହଞ୍ଚିଥିବା ବେଳେ ଏବେ ବି ୧୬ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ଗତ ୬ ତାରିଖ ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୧୦ ଫୁଟ୍‌ରେ ପହଞ୍ଚିବାରୁ ସେଦିନ ପୂର୍ବାହ୍ନ ୧୦ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ପ୍ରଥମେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଥିବା ବେଳେ ପରେ ୪ଟି ଗେଟ୍‌କୁ ବନ୍ଦ କରି ଦିଆଯାଇଛି। ବର୍ତ୍ତମାନ ନଦୀବନ୍ଧର ବାମପଟର ୧୧ଟି ଓ ଡାହାଣ ପଟର ୫ଟି ଏହିଭଳି ମୋଟ ୧୬ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସିତ ହେଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଓଡ଼ିଶା ଆସୁଛନ୍ତି...

ରାହୁଲଙ୍କ ଗସ୍ତ ପୂର୍ବରୁ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁରୁବାର ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅନ୍ୟ ବରିଷ୍ଠ କଂଗ୍ରେସ ନେତା ପ୍ରସ୍ତୁତି ପର୍ଯ୍ୟାୟର ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି। ଭୁବନେଶ୍ୱର ଡିସିପି ମଧ୍ୟ ସଭାସ୍ଥଳ ବୁଲି ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିବା ସହ କାର୍‌କେଡ୍ ରିହରସେଲ୍ କରିଛନ୍ତି।

### ସଂଘ ଅଟଳ...

ଆନ୍ଦୋଳନକୁ ପ୍ରଶମିତ କରିବାକୁ ସରକାରଙ୍କ ପକ୍ଷରୁ ସେଭଳି କୌଣସି ଉଦ୍ୟମ କରାଯାଉ ନ ଥିବା ଅଭିଯୋଗ ହେଉଛି। ଡ୍ରାଇଭର ସଂଘ ସହ କୌଣସି ପ୍ରକାର ଆଲୋଚନା କରା ନ ଯିବା ଓ ସରକାରୀ ଭାବେ ଆନ୍ଦୋଳନରତ ଡ୍ରାଇଭରମାନଙ୍କ ପାଖକୁ କୌଣସି ପ୍ରତିନିଧି ଦଳ ନ ଯାଉଥିବାରୁ ଆନ୍ଦୋଳନ କେବେ ଶେଷ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆନ୍ଦୋଳନର ପ୍ରଥମ ଦିନ ଅର୍ଥାତ ୮ ତାରିଖ ରାତିରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଡ୍ରାଇଭର ସଂଘର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଦାବି ପୂରଣର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା କେବେ ପୂରଣ ହେବ ତାହା ଡ୍ରାଇଭରମାନଙ୍କୁ ସୁନିଶ୍ଚିତ କରାଇବାରେ ମନ୍ତ୍ରୀ ବିଫଳ ହୋଇଥିଲେ। ଡ୍ରାଇଭର ମହାସଂଘ ସେମାନଙ୍କ ଦାବି ପୂରଣ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା କିମ୍ବା ଲିଖିତ ପ୍ରତିଶ୍ରୁତି ଦାବିରେ ଅଟଳ ରହିଛି। ୩ ଦିନ ହେବ ଡ୍ରାଇଭରମାନେ ରାଜରାସ୍ତାରେ ବସିଛନ୍ତି। ଏସବୁ ସତ୍ତ୍ୱେ ସରକାର କାହିଁକି ଏହି ପ୍ରସଙ୍ଗରେ ଉଦାସୀନ ରହିଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ଖୋଦ୍ ବିଭାଗୀୟ ମନ୍ତ୍ରୀ ମଧ୍ୟ ଏହି ପ୍ରସଙ୍ଗରେ ବିଶେଷ ତତ୍‌ପରତା ଦେଖାଉ ନ ଥିବା ପରିଲକ୍ଷିତ ହୋଇଛି। ସାରା ରାଜ୍ୟରେ ଡ୍ରାଇଭରଙ୍କ ଆନ୍ଦୋଳନ ଜାରି ରହିଥିବା ବେଳେ ଗୁରୁବାର ମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସୂଚନା ମିଳିଛି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରବଳ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗୋଟିଏ ପଟେ ଗାଡ଼ି ଚଳାଚଳ ବନ୍ଦ ଯୋଗୁଁ ସାଧାରଣ ପରିବହନ ସେବା ଠପ୍ ହୋଇ ଯାଇଛି। ଯେଉଁ କେତେକ ସ୍ଥାନରେ ସରକାରୀ ବସ୍ ଗଡ଼ୁଛି, ତାକୁ ମଧ୍ୟ ଆନ୍ଦୋଳନରତ ଡ୍ରାଇଭରମାନେ ଅଟକାଇବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଅନେକ ସ୍ଥାନରେ ଡ୍ରାଇଭର ଡ୍ରାଇଭରମାନଙ୍କ ମଧ୍ୟରେ ଯୁକ୍ତି ତର୍କ ସ୍ଥିତି ସୃଷ୍ଟି ହେଉଥିବାକୁ ଆଗକୁ ଏହା ବଡ଼ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। କିଛି କିଛି ସ୍ଥାନରେ ଡ୍ରାଇଭର ସଂଘର ଆକ୍ରମଣାତ୍ମକ ପନ୍ଥା ଗ୍ରହଣ କରୁଥିବା ନେଇ ମଧ୍ୟ ସ୍ଥିତି ସୃଷ୍ଟି ହୋଇଛି। ଏଭଳି ଅଭିଯୋଗମାନ ବଢ଼ୁଥିବାରୁ ରାଜ୍ୟରେ ଆଗକୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ନେଇ ଆଶଙ୍କା ଦେଖା ଦେଇଛି।

### ତେଲ ପରେ...

ଗ୍ୟାସ ଅଭାବ ଦେଖାଦେଇଛି । ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ରାଜ୍ୟର ଭୁବନେଶ୍ୱର, କଟକ,ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ଏବଂ ସମ୍ବଲପୁର ଭଳି ବଡ ସହରଗୁଡିକରେ ପେଟ୍ରୋଲ ଓ ଡିଜେଲର ଘୋର ସଙ୍କଟ ଦେଖାଦେଇଛି। ରାଜ୍ୟରେ ଦୁଇ ଦିନ ପାଇଁ ରହୁଥିବା ତେଲ ଷ୍ଟକ୍ ଏବେ ଶେଷ ହେବା ସ୍ଥିତିରେ ପହଞ୍ଚିଛି। ପାରାଦୀପ ଏବଂ ଜଟଣୀ ଡିପୋର ଟ୍ୟାଙ୍କର ଆସୁଥିଲେ ମଧ୍ୟ ତାହା ଟାଙ୍କିକୁ ଯିବାକୁ ଦିଆଯାଉ ନାହିଁ। ଭାରତ ଗ୍ୟାସ୍‌ର ଫିଲ୍ଡ ଅଫିସର ଅମିତ୍ କୁମାରଙ୍କ ସୂଚନା ଅନୁସାରେ ଆନ୍ଦୋଳନ ଆରମ୍ଭ ହେବାଠାରୁ ତିନି ଦିନ ହେବ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଭାରତ ଗ୍ୟାସ୍‌ର ଅନ୍ୟତମ ଡିଲର ବର୍ଷା ଏଣ୍ଟରପ୍ରାଇଜେସ୍‌ର କର୍ତ୍ତୃପକ୍ଷ ଅବିନାଶ ମହାନନ୍ଦ କହିଛନ୍ତି ଯେ ଯୋଗାଣ ବନ୍ଦ ଥିବାରୁ ଆମ ପାଖରେ ବର୍ତ୍ତମାନ ସିଲିଣ୍ଡର ଷ୍ଟକ ନାହିଁ, ଯାହା ଫଳରେ ଆମେ ଗ୍ରାହକଙ୍କୁ ଗ୍ୟାସ୍ ଡେଲିଭରୀ କରିପାରୁନାହୁଁ।

ଅପରପକ୍ଷେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, ଆଜି ପାରାଦୀପ ସମେତ ବିଭିନ୍ନ ତୈଳ ଡିପୋରୁ ପ୍ରାୟ ୫୦୦ ତେଲ ଟ୍ୟାଙ୍କର ଲୋଡ୍ ହୋଇ ଗନ୍ତବ୍ୟ ସ୍ଥଳଗୁଡିକୁ ଯାଇଛି। କଟକ, ଭୁବନେଶ୍ୱର ଏବଂ ପୁରୀରେ ଏହା ଆଜି ରାତି ଓଅନ୍ୟ ଅଞ୍ଚଳଗୁଡିକରେ ଆସନ୍ତାକାଲି ସୁଦ୍ଧା ପହଞ୍ଚିଯିବ। ଯେଉଁଠାରେ ସମସ୍ୟା ହେଉଛି ସେଠାରେ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସରଙ୍କ ସହାୟତାରେ ଗାଡି ପାସ୍ କରାଯାଉଛି। ଏଥିରେ ବର୍ତ୍ତମାନର ସ୍ଥିତି ନିୟନ୍ତ୍ରଣ ହୋଇଯିବ, ହେଲେ ତା ପରେ କ'ଣ ହେବେ କହିହେବ ନାହିଁ ବୋଲି ସେ କହିଛନ୍ତି।

### ବିହାର ନିର୍ବାଚନ...

ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସୁଧାଂଶୁ ଧୁଲିଆ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି। ବିହାର ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ଏଭଳି ପ୍ରକ୍ରିୟା ଆରମ୍ଭ କରିବା ପାଇଁ କମିସନଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଥିଲେ ବେଞ୍ଚ। ବେଞ୍ଚ କହିଥିଲେ ଯେ ବିହାରରେ ଯଦି ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାର ଥିଲା, ତାହାହେଲେ ଯଥେଷ୍ଟ ପୂର୍ବରୁ ଆରମ୍ଭ କରାଯିବାର ଥିଲା। କମିସନ ବହୁତ ବିଳମ୍ବରେ ଆରମ୍ଭ କରିଛନ୍ତି। ଯେଉଁମାନଙ୍କର ନାମ ତାଲିକାରୁ ବାଦ୍ ପଡ଼ିଯିବ, ସେମାନଙ୍କର ଆପତ୍ତି ଶୁଣିବାକୁ ସମୟ ରହିବ ନାହିଁ। ନିର୍ବାଚନ ଉପରେ ଏହା ଗଭୀର ପ୍ରଭାବ ପକାଇବ। ଏହି ସମୟରେ କମିସନରଙ୍କର ଆଡଭୋକେଟ୍ ଆଶ୍ୱାସନା ଦେଇ କହିଥିଲେ ।।ଯେ ତାଲିକାରୁ ନାମ କାଟିବା ପୂର୍ବରୁ ଭୋଟରଙ୍କୁ ସେମାନଙ୍କର ପକ୍ଷ ରଖିବା ଲାଗି ସୁଯୋଗ ଦିଆଯିବ।

ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ପ୍ରକ୍ରିୟାରୁ ଆଧାର କାର୍ଡକୁ ଅଲଗା କରିବାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ପ୍ରମାଣ ପାଇଁ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶ୍ନ କରି କୋର୍ଟ କହିଥିଲେ ଯେ ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି। ନିର୍ବାଚନ କମିସନ ଏହା ଉପରେ ନିଷ୍ପତ୍ତି ନେଇପାରିବ ନାହିଁ। କୋର୍ଟ କହିଲେ ଯେ ଭାରତର ନାଗରିକ କିଏ? ତାହା ଉପରେ କେବଳ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ହିଁ ବିଚାର କରିପାରିବ। ଯେଉଁମାନେ ଭାରତର ନାଗରିକ ନୁହନ୍ତି, ସେମାନଙ୍କ ନାମ ଭୋଟର ତାଲିକାରୁ କେବଳ ସ୍ୱରାଷ୍ଟ୍ର ବିଭାଗ ହିଁ କାଟିପାରିବ। ଏହି କ୍ଷମତା ନିର୍ବାଚନ କମିସନଙ୍କୁ ଦିଆଯାଇ ନାହିଁ। ତେଣୁ ଭୋଟର ତାଲିକାରୁ କମିସନ ସେମାନଙ୍କର ନାମ କାଟିପାରିବ ନାହିଁ। ଭୋଟର ତାଲିକା ସଂଶୋଧନ ବେଳେ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ପ୍ରମାଣ ରୂପେ ଗ୍ରହଣ କରିବା ଲାଗି କମିସନଙ୍କୁ ପରାମର୍ଶ ଦେଇଥିଲେ କୋର୍ଟ।

ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ନିର୍ବାଚନ କମିସନଙ୍କୁ ତିନିଟି ପ୍ରଶ୍ନ ପଚାରିବା ସହିତ ଏହାର ଉତ୍ତର ଦେବାକୁ କହିଛନ୍ତି। କୋର୍ଟ କହିଥିଲେ ଯେ ଲୋକ ପ୍ରତିନିଧି ଆଇନରେ ସମରି ରିଭିଜନ ଏବଂ ସ୍ପେଶାଲ ରିଭିଜନର ବ୍ୟବସ୍ଥା ରହିଛି। ସ୍ପେଶାଲ ଇଣ୍ଟେନସିଭ ରିଭିଜନ୍ ବ୍ୟବସ୍ଥା କେଉଁଠୁ ଆସିଲା ଏବଂ କମିସନଙ୍କ ଏହି କ୍ଷମତା ଦେଲା କିଏ? ଏହାକୁ ବିହାର ନିର୍ବାଚନ ସହିତ କାହିଁକି ଯୋଡ଼ାଯାଇଛି? ବିହାର ନିର୍ବାଚନ ନଭେମ୍ବର ମାସରେ ହେବାକୁ ଯାଉଥିବା ବେଳେ ଏହାର ଖୁବ କମ୍ ସମୟ ପୂର୍ବରୁ ଏହି ପ୍ରକ୍ରିୟା କାହିଁକି ଆରମ୍ଭ କରାଯାଇଛି? କୋର୍ଟ କହିଲେ ଯେ ଥରେ ଭୋଟର ତାଲିକା ପ୍ରସ୍ତୁତ ହୋଇଗଲେ ଏଥିରେ କୋର୍ଟ ଆଉ ହସ୍ତକ୍ଷେପ କରିପାରିବେ ନାହିଁ। କିନ୍ତୁ ଚୂଡ଼ାନ୍ତ ତାଲିକାରୁ ନାମ କଟିଲେ ନାଗରିକ ସେମାନଙ୍କର ଆପତ୍ତି ଜଣାଇବାକୁ ସମୟ ପାଇବେ ନାହିଁ। ଏତେ କମ୍ ସମୟ କାହିଁକି ରଖାଗଲା ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି।

### ଦୁର୍ଘଟଣାରେ ଗଲା...

ସମସ୍ତଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ଦଉଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ପାଇ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ ଓ ତହସିଲଦାର ଅଶୋକ ପଟ୍ଟନାୟକ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

ଅନ୍ୟପକ୍ଷରେ ଗୋଟିଏ ଗାଡ଼ିରେ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବାରୁ ଏହାକୁ ନେଇ ସଂପର୍କୀୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏପରି କରି ହସ୍ପିଟାଲ କର୍ତ୍ତୃପକ୍ଷ ଶବକୁ ଅସମ୍ମାନ କରିଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ସେହିପରି ଜଗତସିଂହପୁର ଜିଲ୍ଲାର ବିରିଡ଼ି ଥାନା ଅନ୍ତର୍ଗତ ବସନ୍ତପୁର ପେଟ୍ରୋଲ ପମ୍ପ ନିକଟ ୫୫ନଂ ଜାତୀୟ ରାଜପଥରେ ଗତକାଲି ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ମୃତକଦ୍ୱୟ ହେଲେ, ସଦର ଥାନା ତୁମ୍ବା ଅଣ୍ଡେଇସାହି ଗ୍ରାମର ଦୀପକ ମହାନ୍ତି ଓ ନାଉଗାଁ ଥାନା ଅରଖକୁଦ ଗ୍ରାମର ପ୍ରଭାସ ନାୟକ।

ଦୀପକ ଓ ପ୍ରଭାସ ବାଇକ୍‌ରେ ଯାଉଥିବା ବେଳେ ଜଗତସିଂହପୁରରୁ କଟକ ଅଭିମୁଖେ ଯାଉଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ଧକ୍କା ଦେଇଥିଲା। ଭ୍ୟାନ୍‌ଟି ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏଥିରେ ଦୁହେଁ ଗୁରୁତର ଆହତ ହୋଇଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଜଗତସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ବିରିଡି ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ସବ୍ୟସାଚୀ ରାଉତ ସୂଚନା ଦେଇଛନ୍ତି। ଦୁର୍ଘଟଣାଗ୍ରସ୍ତ ପିକଅପ୍ ଓ ବାଇକ୍‌କୁ ପୁଲିସ୍ ଜବତ କରିଛି।

### ୧୩ରୁ ବଢ଼ିବ...

ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବର୍ତ୍ତମାନ ରାଜ୍ୟରେ ବର୍ଷା କମିଯାଇଛି। କାଁଭାଁ ସ୍ଥାନକୁ ଛାଡ଼ି ଉପକୂଳରେ ୭ ତାରିଖରୁ ପ୍ରାୟ ବର୍ଷା ନାହିଁ। ଆସନ୍ତା ୨ଦିନ ରାଜ୍ୟରେ କାଁଭାଁ ସ୍ୱଳ୍ପ ବର୍ଷା ହେବ। ତେବେ ୧୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହୋଇ ଉତ୍ତର ସୀମାନ୍ତବର୍ତ୍ତୀ ଜିଲ୍ଲା କେନ୍ଦୁଝର ଓ ଭଦ୍ରକରେ ଅପେକ୍ଷାକୃତ ଅଧିକ ବର୍ଷା କରାଇବ। ୧୩ ଓ ୧୪ ତାରିଖରେ ରାଜ୍ୟରେ ମଧ୍ୟମଧରଣର ଏବଂ ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ୧୫ରୁ ବର୍ଷା କ୍ରମଶଃ କମିବ। ପୁଣି ୨୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ବର୍ଷା ପରିମାଣ ବଢ଼ିପାରେ। ଆଜିଠାରୁ ୨୨ ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବଜ୍ରପାତର ସମ୍ଭାବନା ଅଧିକ ରହିଛି। ଆସନ୍ତା ୨୨ ପର୍ଯ୍ୟନ୍ତ ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, ନୂଆପଡ଼ା ଓ କଳାହାଣ୍ଡିରେ ଯାହା ବର୍ଷା ହେବ, ତାହା କୃଷି ପାଇଁ କମିବ ନାହିଁ। ତେବେ ଅନ୍ୟାନ୍ୟ ସ୍ଥାନରେ ବିଶେଷକରି ଦକ୍ଷିଣ ଉପକୂଳରେ ବର୍ଷା ଚାଷ ପାଇଁ ନିଅଁଟିଆ ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି।

ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ବନ୍ୟାଜଳ ମହାନଦୀରେ ପ୍ରବାହିତ ହେଉଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା କଟକର ମୁଣ୍ଡଳୀଠାରେ ୩ଲକ୍ଷ ୭୮ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

### କୋଟିଏ ଟଙ୍କାର...

ଓ ସଞ୍ଜୟ ପଟେଲ(୫୧)। ଜିଏସ୍‌ଟି ଫାଙ୍କି ଏହି ରୁପା ମହାରାଷ୍ଟ୍ରରୁ ରାଞ୍ଚି ଚାଲାଣ ହେଉଥିଲା ବୋଲି କୁହାଯାଉଛି। ଅଧିକ ତଦନ୍ତ ଲାଗି ମାମଲାକୁ ଜିଲ୍ଲା ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଥିବା ସମ୍ବଲପୁର ଅବକାରୀ ଥାନା ଅଧିକାରୀ କହିଛନ୍ତି। ସମସ୍ତ ରୁପା ଜିନିଷ ଟ୍ରେଜେରିରେ ରଖାଯାଇଛି। ତଦନ୍ତ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ସମସ୍ତ ଘଟଣା ସାମ୍ନାକୁ ଆସିବ ବୋଲି ଜଣାପଡ଼ିଛି।

ସୂଚନାନୁସାରେ, ଏକ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତେଣୁ ବିଭାଗ ପକ୍ଷରୁ ଝୁରିପଡ଼ା ଛକ ନିକଟରେ ନାକାବନ୍ଦୀ କରି ଗାଡ଼ି ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ଧଳା ରଙ୍ଗର ସ୍କର୍ପିଓକୁ ଅଧିକାରୀମାନେ ଅଟକାଇ ତନ୍ନତନ୍ନ ଯାଞ୍ଚ କରିଥିଲେ। ବହୁ ଚେଷ୍ଟା ପରେ ବି ଗାଡ଼ିରେ ଗଞ୍ଜେଇର ବିନ୍ଦୁବିସର୍ଗ ପାଇନଥିଲେ। କିନ୍ତୁ ପଛସିଟ୍‌ର ଗୁପ୍ତ ଚାମ୍ବର ଖୋଲିବାରୁ ସେଥିରେ ବିପୁଳ ରୁପା ସାମଗ୍ରୀ ଦେଖି ଅବକାରୀ ଅଧିକାରୀମାନେ ଜଲକା ହୋଇଯାଇଥିଲେ। ସେଥିରେ ବିଭିନ୍ନ ଆକାରର ରୁପା ବିସ୍କୁଟ, ରୁପା କଏନ୍ ରହିଥିଲା।


**IN THE COURT OF THE SENIOR CIVIL JUDGE**
**Bissam Cuttack, District: Rayagada, Odisha**
Civil Suit No. 12 of 2023 & I.A. No. 01 of 2023

**Sri Arabinda Ranasingh** — Plaintiff/Petitioner
Vs.
**Smt. Aruna Sahu & 14 Others** — Defendants/Respondents

**NOTICE**
**(Under Order V, Rule-20 of C.P.C.)**

To,
**1.Sri Bhrusaketu Sahoo,** aged about 34 years, S/o Late Kamadeba Sahoo, Caste: Sundhi, Resident of Muniguda, P.O. & P.S.: Muniguda, Dist.: Rayagada, Odisha.
**2. Tupilal Sahoo,** aged about 72 years, S/o Late Damburdhar Sahu, Caste: Sundhi, resident of Boxi Siripur, P.O.: Hata Muniguda, P.S.: Muniguda, Dist.: Rayagada, Odisha.
**3. Baidahi Sahu,** aged about 62 years, W/o Tupilal Sahu, Caste: Sundhi, resident of Muniguda, P.O. & P.S.: Muniguda, Dist.: Rayagada, Odisha.
**4. Smt. Nirupama Mohanty,** aged about 30 years, W/o Debasis Panda, Resident of New Colony, Rayagada, Rayagada, P.O. & P.S.: Rayagada, Odisha - 765001.

**Defendants Nos: 4, 5, 6 & 14 / Respondent Nos. 4, 5, 6 & 14**

Take notice that the above-named Plaintiff/Petitioner instituted a **Civil Suit No. 12 of 2023 along with I.A. No. 1 of 2023 before the Hon'ble Court of SENIOR CIVIL JUDGE, BISSAM CUTTACK**. It is further informed that service of summons could not be effected upon **Defendants / Respondents Nos. 4, 5, 6, and 14** as you all are keeping out of the way to avoiding service. Hence this notice is issued through publication.

You all are hereby directed to appear in this Hon'ble Court in person or through a pleader on the **11th day of August, 2025 at 10:30 A.M./P.M.** to answer the claims made against you. Failing which, the aforesaid Civil Suit & I.A. will be heard and determined in your absence and without any further notice to you.

Given under my hand and seal of this Court on this 4th day of July, 2025.

**Sd/-Senior Civil Judge,**
**Bissam Cuttack**
**Dist.: Rayagada, Odisha**



**ୟୁକୋ ବ୍ୟାଙ୍କ**

**ଆଞ୍ଚଳିକ କାର୍ଯ୍ୟାଳୟ : ଛତିଶଗଡ**
ଛତିଶଗଡ ଆଇ ହସ୍ପିଟାଲ କ୍ୟାମ୍ପସ, ୧ମ ମହଲା, ତେଲିବନ୍ଧା, ରାୟପୁର (ସି.ଜି.)-୪୯୨୦୦୬

**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍ ୮(୧)]
ସ୍ଥାବର ସମ୍ପତ୍ତି ନିମନ୍ତେ

**(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପରବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବୈଲାଡିଲା ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଉପଲବ୍ଧ ସମୟସୀମା ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି।**

| ବୈଲାଡିଲା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକ ଏବଂ **ସହ-ଋଣଗ୍ରହୀତା: ଶ୍ରୀମତୀ ଇନ୍ଦୁ ନାୟକ,** ସ୍ୱାମୀ: ଶ୍ରୀ ମଦନ ନାୟକ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୬୬୬/ ୪୨୭୨, ଗ୍ରାମ: ଶଶାହାଣ୍ଡି, ତହସିଲ: କୋଟପାଡ, ପୋ.: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା-୭୬୪୦୫୬ | ୨୮.୦୨.୨୦୨୫ ସୁଦ୍ଧା ଟ.୫,୯୨,୬୧୩.୪୫ + ସେବାବଦ ଭବିଷ୍ୟତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି | ୧୩.୦୩.୨୦୨୫ / ୦୫.୦୭.୨୦୨୫ | **ଶ୍ରୀ ମଦନ ନାୟକ,** ପିତା: ଶ୍ରୀ ମହାଦେବ ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ଶଶାହାଣ୍ଡି, ଥାନା: କୋଟପାଡ, ପରିମିତ କ୍ଷେତ୍ର: ୨୧୬୦ ବର୍ଗଫୁଟ, ଖାତା ନଂ.: ୮୮୯/୨୪୩, ପ୍ଲଟ୍ ନଂ.: ୬୬୬/୪୨୭୨, ବୁକ୍ ନଂ. ୧, ଭଲ୍ୟୁମ୍ ନଂ.: ୨୭୮, ପୃଷ୍ଠା ନଂ. ୭୩ ରୁ ୭୬, ପଞ୍ଜିକୃତ ତାରିଖ: ୧୩.୦୧.୧୯୯୮, ସବ୍ ରେଜିଷ୍ଟ୍ରାର ଅଫିସ୍: କୋଟପାଡ, ଜିଲ୍ଲା: କୋରାପୁଟ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସୁନାଧର ପୂଜାରୀ ଏବଂ ବଳରାମ ପୂଜାରୀଙ୍କ ଜମି, ପୂର୍ବ: ପ୍ଲଟ୍ ନ.: ୬୬୬ର ଅବଶିଷ୍ଟ ଜମି, ପଶ୍ଚିମ: ସୁନାଧର ପୂଜାରୀଙ୍କ ଘର |

**ସ୍ଥାନ: ଛତିଶଗଡ, ତାରିଖ : ୧୦.୦୭.୨୦୨୫** — **କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ**



**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 16/06/2025 I Sri Kamulu Khemundu, S/o- Sama Khemundu, Village- Bhitarchenda, Post- Peta, Ps.- Nandapur, Dist.- KORAPUT declare that I have changed my daughters name from **Parbati Khemundu** to **Basanti Khemundu**. Henceforth, My Daughters shall be known as **Basanti Khemundu** for all purpose.

Sd/- Kamulu Khemundu

**AFFIDAVIT**

By virtue of an affidavit before the Executive Magistrate, Padampur, I, Dhruba Raut, S/o- Karttik Raut, resident of At- Jhankarpali, Po.- Rajborasambar, Dist.- Bargarh, Pin- 768036, Odisha vide affidavit no. 03 dated 27.2.2025 state that, I have changed the name of my minor daughter from **Neha Raut** to **Baishnabi Raut**. Henceforth she will be known as **Baishnabi Raut** for all purposes.

**AFFIDAVIT**

I, Krian Pal, aged about 57 years, W/o- Gobinda Pal, resident of At- Balikbad, Po- Bajitpur, Ps- Marine Talsari, Dist- Balasore, Odisha, PIN- 756085 declare by this affidavit No.1341, dtd. 07/07/2025, that now onwards I shall be known as **CHHABI RANI PAL** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 01/07/2025 I Sri Subarao Mallick S/o Jayasen Mallick, Village- Khilua, Post- Hikimput, PS - Nandapur, Dist.- Koraput declare that I have changed my name from **Subas Mallick** to **Subarao Mallick**. Henceforth, I shall be known as **Subarao Mallick** for all purpose.

Sd/- Subarao Mallick

**NOTICE (for Minor)**

By virtue of an affidavit sworn before Executive Magistrate, Bhubaneswar dated 10.03.2025, I Kanaklata Patra, at- Haladia, Jhadeswarpur, Mahanga, Po.- Haladia, Ps.- Jhadeswarpur, Cuttack, Dist.- Cuttack, Odisha, Pin- 754207 declare that I have changed the name of my son from **Tanmay Kumar Mohapatra** to **Tanmaya Kumar Patra**. Henceforth, he shall be known as **Tanmaya Kumar Patra** for all purposes.



**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ସଂ. 18-SBP-TRD-OT-2025-26, ତା.07.07.2025ରିଖ

**କାର୍ଯ୍ୟର ନାମ :** 2 ବର୍ଷର ସମୟାବଧି ନିମନ୍ତେ ଟାୱାର କାର୍ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତି।

**ଆନୁମାନିକ ମୂଲ୍ୟ :** ₹ 6,54,05,542.06, EMD : ₹ 4,77,000/-, ଶେଷ ହେବା ଅବଧି: 24 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.07.2025ରିଖ 1530 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-343/Q/25-26



**AFFIDAVIT**

I, Narayanasinthi Deenabandhu Choudhury, aged about 67 years, S/o- Narayansinti Laxman Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1302, dtd- 09/07/2025 that now onwards I shall be known as **N DINABANDHU CHOUDHURY** for all future purposes.

**AFFIDAVIT**

I, Jhuli Majhi, aged about 50 years, W/o-Kauri Majhi, resident of At/Po- Bijayanagar, Ps- Mahakalpada, Dist- Kendrapara, PIN- 754224, Odisha declared by this affidavit No- 552, dtd- 09/07/2025 that now onwards I shall be known as **SHANTILATA MAJHI** for all future purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 10/07/2025 I, Sri Kusuma Sisa D/o- Sitaram Sisa, Village- Hatibari, Post- Hatibari, PS- Padua, Dist.- Koraput declare that, I have changed my name from **Krushana Sisa** to **Kusuma Sisa**. Henceforth, I shall be known as **Kusuma Sisa** for all purpose.

Sd/- Kusuma Sisa

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda dated 01/07/2025 I, Sri J D Samuel, S/o- Bhisma Pani, Village - Nauda, Post- Regeda, PS.- Puttasing, Dist.- Rayagada declare that, I have changed my name from **Samuel Pani** to **J D Samuel Pani**. Henceforth, I shall be known as **J D Samuel Pani** for all purpose.

Sd/- J D Samuel Pani

**AFFIDAVIT**

I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps- Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYAN CHOUDHURY** for all future purposes.

**AFFIDAVIT**

I, Musatakin Shaikh, aged about 37 years, S/o- Sk Muntaj, resident of At/Po-Neulpur, Dharmasala, Dist- Jajpur, PIN- 755024, Odisha declared by this affidavit No- 550, dtd- 09/07/2025 that now onwards I shall be known as **SK MUSATAKIN** for all future purposes.

**AFFIDAVIT**

I, Ranjita Behera, W/o- Jajnabarah Mohanty, resident of At- Qtr No- VR/28, UNIT-6, PO- GPO Post Office, PS- Capital, Tehsil- Bhubaneswar, Dist- Khurda, PIN-751001, Odisha, declare by this affidavit No. 66, dated- 14/05/2025 that now onwards I shall be known as **RANJITA MOHANTY** for all future purposes.

**AFFIDAVIT**

I, Sibasis Biswal, S/o- Babunath Biswal, resident of Plot No- 137, Suryanagar, Unit-7, Bhubaneswar, PO/PS- Capital, P.S, Dist- Khurda, Pin-751003, Odisha declare by this affidavit No- 76AA900997, dtd- 09/07/2025 that now onwards I shall be known as **SIBASISH BISWAL** for all future purposes.

# ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ସାହିତ୍ୟ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୧୦।୭ (ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ସାହିତ୍ୟ ସମ୍ପର୍କିତ ପ୍ରତିଯୋଗିତା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସଦର ମହକୁମାସ୍ଥ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅୟୋଜିତ ହୋଇଯାଇଛି। ୪ଟି ବିଭାଗ ବକ୍ତୃତା, ପ୍ରବନ୍ଧ ଲିଖନ, କବିତା ଆବୃତ୍ତି ଓ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ କନିଷ୍ଠ ଓ ବରିଷ୍ଠ ବର୍ଗରେ ଉକ୍ତ ପ୍ରତିଯୋଗିତା ସମ୍ପାଦନ ହୋଇଥିଲା। ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ କୃତକାର୍ଯ୍ୟ ହୋଇ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଭାଗ ନେଇ ନିଜର



ସାହିତ୍ୟ ପ୍ରତିଭାକୁ ପ୍ରଦର୍ଶନ କରାଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ମାନ୍ୟଗଣ୍ୟ ସାହିତ୍ୟିକ ତଥା କବିଙ୍କ ମଧ୍ୟରୁ ସର୍ବେଶ୍ୱର ସେଣ, ନୃସିଂହ ତ୍ରିପାଠୀ, ରବିନାରାୟଣ ପତି, ଅକ୍ଷୟ ନାୟକ, ହୃଷିକେଶ ପଣ୍ଡା, ଅକ୍ଷୟ ପାଣି, ଶୈଳଜା ସାମଲ, ଅମର ରାଉତ ପ୍ରମୁଖ ବିଚାରକ ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ଚୟନ କରିବା ସହିତ ଭବିଷ୍ୟତରେ କିପରି ନିଜର ସୃଜନଶୀଳତାକୁ ଆହୁରି ଦୃଢ଼ କରିପାରିବେ, ସେ ଉପରେ ବକ୍ତବ୍ୟ ରଖିଥିଲେ। ୮ଟି ବର୍ଗରେ ୨୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ସମସ୍ତ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ୧୩ ଓ ୨୦ ତାରିଖରେ ଭୁବନେଶ୍ୱରସ୍ଥ ସଙ୍ଗୀତ ମହାବିଦ୍ୟାଳୟରେ ଅୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସେଠାରେ କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୨୫ ତାରିଖରେ ଅୟୋଜିତ ହେବାକୁ ଥିବା ଓଡିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସରେ ପୁରସ୍କୃତ କରାଯିବ।

# ଅରଡ଼ପଲ୍ଲୀ ବିଦ୍ୟାଳୟରେ ବନ ମହୋତ୍ସବ



ପଟ୍ଟାମୁଣ୍ଡାଇ, ୧୦।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅର୍ନ୍ତଗତ ଅରଡପଲ୍ଲୀ ପଞ୍ଚାୟତର ଆଞ୍ଚଳିକ ସରକାରୀ ଉଚ୍ଚବିଦ୍ୟାଳୟ ଇକୋ କ୍ଲବ ପକ୍ଷରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଦ୍ୟାଳୟ ପଞ୍ଚଶାଖୀ ଶିକ୍ଷା ସେତୁ ସଭାପତି ସତ୍ୟବ୍ରତ ରାୟ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବନ ମହୋତ୍ସବର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମମତା ଘଡ଼ାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ସହକାରୀ ଶିକ୍ଷକ ପ୍ରଶାନ୍ତ ସାହୁ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ସହଦେବ ଘଡାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ରୋଜାଲିନ ରାଉତ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ଇକୋ କ୍ଲବ ଶିକ୍ଷୟିତ୍ରୀ ଶୈଳବାଳା ଲେଙ୍କାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ବଣ୍ଟନ କରାଯାଇଥିଲା। ପ୍ରୀତିପଦ୍ମା ଦାଶ, ସୋନମ ଦାସ, ବିଶାଖା ରାଉତରାୟ, ମଞ୍ଜୁଲତା ଧଳ, ମମତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଜ୍ଞାଜ୍ୟୋତି ପ୍ରଧାନ, ଲଳିତା ରାଉତ, ସଂଯୁକ୍ତ ଦାସ ଓ ରାଖାଲ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପୁରୀ ଘୋଷଯାତ୍ରାରେ ଇଫ୍‌କୋର ସେବା

ପାରାଦୀପ, ୧୦।୭ (ସମିସ): ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ଇଫକୋ ପାରାଦୀପ ୟୁନିଟ୍ ଓ ପୁରୀର ସେଣ୍ଟର ଫର ଆକ୍ସନ ମିଳିତ ସହଯୋଗରେ ସେବା କାର୍ଯ୍ୟ କରାଯାଇଛି। ଭକ୍ତଙ୍କୁ ଶୁଖିଲା ଖାଦ୍ୟ, ପାଣି ବୋତଲ ଯୋଗାଣ ଓ ଦର୍ଶନ ପାଇଁ ହୁଇଲଚେୟାର ବ୍ୟବସ୍ଥା କରାଯାଇଥିଲା। ସେହିପରି ଇଫ୍‌କୋ ପକ୍ଷରୁ ଠାକୁରଙ୍କ ସୁଗମ ଦର୍ଶନ ପାଇଁ ବୟସ୍କ ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ହୁଇଲଚେୟାରର ବ୍ୟବସ୍ଥା କରାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଇଫ୍‌କୋ ପକ୍ଷରୁ ପୁରୀ ପ୍ରଶାସନକୁ ରୋଡ୍ ବାରିକେଡ ଯୋଗାଇ ଦିଆଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ଇଫକୋ ପାରାଦୀପ ୟୁନିଟ୍‌ର ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ପୁରୀର ବିଶ୍ୱବସୁ ଦଇତାପତି ବିନାୟକ ଦାସମହାପାତ୍ର, ଦଇତାପତି ଅନାଥ ଦାସମହାପାତ୍ର, ସଂଗ୍ରାମ ମିଶ୍ର, ମାଧବ ସାହୁ, ମନୋଜ ସାହାଣୀ, ମନୋଜ ମହାପାତ୍ର ସଫଳତାର ସହ ପରିଚାଳନା କରିଥିଲେ। ଇଫ୍‌କୋର ଏଭଳି ସେବା କାର୍ଯ୍ୟ ପାଇଁ ପୁରୀ ସେବାୟତ ସମାଜ ଇଫକୋ ପରିଚାଳନା ନିର୍ଦ୍ଦେଶକ ଡଃ ୟୁଏସ. ଅଗସ୍ତି, ବୈଷୟିକ ନିର୍ଦ୍ଦେଶକ କେ.ଜେ. ପଟେଲ, ପାରାଦୀପ ୟୁନିଟ ମୁଖ୍ୟ ପି.କେ. ମହାପାତ୍ର ଓ ଏଚଆର ଉପମହାପ୍ରବନ୍ଧକ ବି.କେ. ପରିଡାଙ୍କ ନିରବଚ୍ଛିନ୍ନ ସହଯୋଗକୁ ଉଚ୍ଚପ୍ରଶଂସା କରିଛନ୍ତି।

# ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ

ବାଲିକୁଦା, ୧୦।୭ (ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। ଶିଶୁ ବିଦ୍ୟାମନ୍ଦିରର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କବିତା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ



କରାଯାଇଥିଲା। ସମସ୍ତେ ବିଭିନ୍ନ ପ୍ରକାର ବୃକ୍ଷ ଆଣି ବିଦ୍ୟାଳୟ ବଗିଚାରେ ରୋପଣ କରିବା ସହ ବୃକ୍ଷର ଯତ୍ନ ନେବାକୁ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ସସ୍ମିନ ସାହୁ, କାର୍ତ୍ତିକ ସାହୁ, ବିଜୟ ବେହେରା, ସୁବାସ ବିଶ୍ୱାଳ, ଗୁରୁମା ଅନୁପମା ମହାନ୍ତି, ମମତାରାଣୀ ପରିଜା, ମଧୁବୀଣା ବରାଳ ପ୍ରମୁଖ ସହଯୋଗ କରିଥିଲେ।

## ଦୁଇ ଜଣ ସରପଞ୍ଚଙ୍କ କାର୍ଯ୍ୟକାଳ ସରିବା ପରେ ବି ହସ୍ତାନ୍ତର ହେଲାନି ଓଭରହେଡ୍ ଟାଙ୍କି

# ତରଡ଼ିପାଳ ପଞ୍ଚାୟତରେ ଲାଗିରହିଛି ପାନୀୟଜଳ ସମସ୍ୟା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୦।୭ (ସମିସ):

ପାନୀୟଜଳ ଯୋଗାଣ ପାଇଁ ପୂର୍ବ ସରକାର ଓ ବର୍ତ୍ତମାନର ସରକାର ଗୁରୁତ୍ୱ ଦେଉଥିବାବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚାଳର ତରଡ଼ିପାଳ ପଞ୍ଚାୟତର ଚିତ୍ର ଭିନ୍ନ। ୨୦୧୮ରେ ପଞ୍ଚାୟତର ପାନୀୟଜଳ ସମସ୍ୟା ଦୂର କରିବାକୁ ତରଡ଼ିପାଳ ପଞ୍ଚାୟତରେ ଏକଲକ୍ଷ ଲିଟର ବିଶିଷ୍ଟ ଓଭର୍‌ହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା। ଏହାକୁ ନିର୍ମାଣ କରିଥିବା ଠିକାଦାର ୨୬ ଲକ୍ଷ ଟଙ୍କା ନେଇ ଛୁ ମାରିଥିବାବେଳେ ଏହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ନ ଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ତତ୍କାଳୀନ ସରପଞ୍ଚଙ୍କ ସହିତ ଭିତିରି ବୁଝାବଣା ହୋଇଥିବା କାରଣରୁ ଏଭଳି ସମସ୍ୟା ଉପୁଜିଛି ଥିବା ତରଡିପାଳ ପଞ୍ଚାୟତବସୀ ଅଭିଯୋଗ କରିଛନ୍ତି।

ପାନୀୟଜଳ ସମସ୍ୟା ଥିବା ରାମନାୟକଡିଆ, ପୋଖରୀକୂଳ, ତୁଳସୀଡିଆ ଓ ଘାଗରାଡିଆ ଜନସାଧାରଣଙ୍କ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ଏହି ଓଭରହେଡ ଟାଙ୍କିର ମୁଖ୍ୟ ଭୂମିକା ଥିବାବେଳେ ଏହି ପ୍ରକଳ୍ପ ବାବଦକୁ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପଞ୍ଚାୟତକୁ ଏହା ହସ୍ତାନ୍ତର

- ଠିକାଦାର ୨୬ ଲକ୍ଷ ନେଇ ଛୁ'
- ସୂଚନା ଅଧିକାର ଆଇନ୍ ତଥ୍ୟ ଅନୁଯାୟୀ ୨୦୨୨ରୁ କାର୍ଯ୍ୟକ୍ଷମ ଅଛି ଟାଙ୍କି

ହୋଇପାରିଲା ନାହିଁ। ବିଗତ ଦଶନ୍ଧି ମଧ୍ୟରେ ଦୁଇଜଣ ସରପଞ୍ଚଙ୍କ କାର୍ଯ୍ୟକାଳ ମଧ୍ୟରେ ଏହି ଓଭରହେଡ ଟାଙ୍କି ହସ୍ତାନ୍ତର ହୋଇପାରିନାହିଁ। ତରଡିପାଳ ସରପଞ୍ଚ ଦେବବ୍ରତ ନାୟକଙ୍କୁ ପଚାରିବାରୁ ପଞ୍ଚାୟତକୁ ଉକ୍ତ ପାଣି ଟାଙ୍କି ପ୍ରକଳ୍ପ ହସ୍ତାନ୍ତର ହୋଇ ନ ଥିବା କହିଛନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଓଭରହେଡ୍ ଟାଙ୍କି ଯଦି ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁନାହିଁ, ତେବେ ଏହି ପ୍ରକଳ୍ପ କାହା ସ୍ୱାର୍ଥରେ ନିର୍ମାଣ କରାଯାଇଥିଲା ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ଏହି ପ୍ରକଳ୍ପ ୨୦୨୨ରୁ କାର୍ଯ୍ୟକ୍ଷମ ଅଛି। ଯାହାକି ପଟ୍ଟାମୁଣ୍ଡାଇ ପାନୀୟଜଳ ଯୋଗାଣ ବିଭାଗ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତରଡିପାଳ ପଞ୍ଚାୟତର ଅର୍ଦ୍ଧାଧିକ ଗ୍ରାମ ପାନୀୟଜଳରୁ ବଞ୍ଚିତ ହେଉଥିବାବେଳେ ବିଭାଗ କେମିତି ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିଲା ତଥ୍ୟ ଭୁଲ ଭାବେ ପ୍ରଦାନ କରିଛିଲ ତାହା ପଞ୍ଚାୟତବାସୀଙ୍କୁ ଚକିତ କରିଛି। ଆଗାମୀ ଦିନରେ ଯଦି ଏହାର ସମାଧାନ କରାଯାଇ ଓଭରହେଡ୍ ଟାଙ୍କି କାର୍ଯ୍ୟକ୍ଷମ ନ ହୁଏ, ତେବେ ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିବାକୁ ବାଧ ହେବେ ବୋଲି ଅଭିଷେକ ବିଶ୍ୱାଳ, ପ୍ରତାପ ରାଉତ, ଅର୍ଜୁନ ସୂତାର, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।



# ଭତ୍ତା ପାଇଁ ଦ୍ରୌପଦୀ ବାରଦୁଆର

ମାଳିପୁର, ୧୦।୭ (ସମିସ): ଷାଠିଏ ବର୍ଷରେ ପଦାର୍ପଣ କରିବା ପରେ ନିଃସହାୟ ବୃଦ୍ଧବୃଦ୍ଧାଙ୍କ ନିକଟରେ ଯେପରି ସହଜରେ ସରକାରୀ ସହାୟତା ଭତ୍ତା ରାଶି ପହଞ୍ଚିପାରିବ, ସେଥିପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। କିନ୍ତୁ ପ୍ରଶାସନିକ ଅବହେଳା କାରଣରୁ ଅନେକ ସମୟରେ ଚରମ ଦାରିଦ୍ର୍ୟତା ମଧ୍ୟରେ ଜୀବନଯାପନ କରୁଥିବା ବୃଦ୍ଧବୃଦ୍ଧାଙ୍କ ନିକଟରେ ସରକାରୀ ସୁବିଧା ପହଞ୍ଚିବାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଦ୍ରୌପଦୀ ପଲାଇଙ୍କ କ୍ଷେତ୍ରରେ ଏହା ଦେଖିବାକୁ ମିଳିଛି। ସେ ଭତ୍ତା ପାଇଁ ବାରଦୁଆର ହେଉଛନ୍ତି।

ଦ୍ରୌପଦୀ ପଲାଇ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତର ବାଲିପାଟଣା ଗ୍ରାମରେ ବାସ କରନ୍ତି। ସ୍ୱାମୀ କୁଶନାଥଙ୍କୁ ନେଇ ତାଙ୍କର ଦୁଇପ୍ରାଣୀ କୁଟୁମ୍ବ। ୧୪ ବର୍ଷ ପୂର୍ବେ ଏକମାତ୍ର ଝିଅ ବାହା ହୋଇଗଲା ପରେ ପରିଣତ ବୟସରେ ସାହାରା ଦେବାକୁ ସେମାନଙ୍କ ନିକଟରେ କୌଣସି ସନ୍ତାନସନ୍ତତି ନାହାନ୍ତି। ପୈତୃକ ସମ୍ପତ୍ତି ହରାଇ ସାରିବା ପରେ ରହିବାକୁ ଘର ଖଣ୍ଡେ ପାଇଁ ଜାଗା ଖଣ୍ଡେ ନ ଥିବାରୁ ରାସ୍ତା କଡରେ ସରକାରୀ



ଜାଗାରେ କୁଡ଼ିଆ ଖଣ୍ଡେ କରି ମୁଣ୍ଡ ଗୁଞ୍ଜିଛନ୍ତି। ସ୍ୱାମୀ ପାଉଥିବା ଏକ ହଜାର ଟଙ୍କା ଭତ୍ତା ରାଶିରେ ଦୁଇ ପ୍ରାଣୀଙ୍କ ଗୁଜୁରାଣ ମେଣ୍ଟାଉଛନ୍ତି। ଅର୍ଥ ଅଭାବରୁ ଘର ଛପର କରି ନ ପାରି ଛିଣ୍ଡା ପାଲ ଖଣ୍ଡେ ଚାଳରେ ପକାଇ ଚଳୁଛନ୍ତି। ବର୍ଷା ହେଲେ ଘର ପାଣିରେ ଭାସୁଛି। ଚୁଲିକୁ ଜାଳ ନାହିଁ କି ହାଣ୍ଡିକୁ ଖାଇବା ପାଇଁ ପଖାଳ ନାହିଁ। ସକାଳେ ଖାଇଲେ ସଞ୍ଜକୁ ଉପାସରେ କଟୁଛି। ବହୁଥର ଭତ୍ତା ପାଇଁ ଦ୍ରୌପଦୀ ବଳଭଦ୍ରପୁର ସରପଞ୍ଚଙ୍କୁ ଗୁହାରି କରି ନିରାଶ ହୋଇଛନ୍ତି। ଏ କଥା ଜାଣିବା ପରେ ପୂର୍ବତନ ସରପଞ୍ଚ ଶାରଦା ପରିଡା ଓ ସ୍ଥାନୀୟ କିଛି ସ୍ୱେଚ୍ଛାସେବୀ ଦ୍ରୌପଦୀଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଶାରଦା ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଯାଇ ଅନୁସନ୍ଧାନ କରିବାରୁ ଦୁଇବର୍ଷ ତଳୁ ଦ୍ରୌପଦୀଙ୍କ ଭତ୍ତା ମଞ୍ଜୁର କରାଯାଇଥିବା ଜାଣିବାକୁ ପାଇଛନ୍ତି। କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଦ୍ରୌପଦୀ ପଲାଇଙ୍କୁ ଭତ୍ତା ପ୍ରଦାନ କରିବାକୁ ପଟ୍ଟାମୁଣ୍ଡାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ନଜରକୁ ଆସିଛି। ଦୁଇବର୍ଷ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଦ୍ରୌପଦୀଙ୍କ ନିକଟରେ ଭତ୍ତା ପହଞ୍ଚିପାରିନାହିଁ। ଭତ୍ତା ରାଶି ହଡ଼ପ କରାଯାଇଛି ନା, ପ୍ରଶାସନିକ ଅବହେଳା କାରଣରୁ ଏଭଳି ହୋଇଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର ଦ୍ରୌପଦୀଙ୍କୁ ଭତ୍ତା ରାଶି ଯୋଗାଇ ଦେବାକୁ ଶାରଦା ପରିଡା, ସ୍ୱେଚ୍ଛାସେବୀ ଦିବାକର ବେହେରା, ବାସୁଦେବ ମଲ୍ଲିକ, ମହେଶ୍ୱର ପରିଡା, ଦୁଃଶାସନ ବେହେରା ପ୍ରମୁଖ ଦାବି କରିଛନ୍ତି।

# ବାୟାବାବାଙ୍କ ଆଶ୍ରମରେ ଗୁରୁପୂର୍ଣ୍ଣିମା

ରାଜନଗର, ୧୦।୭ (ସମିସ): ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି ରାଜନଗର ବ୍ଲକ କେରେଡାଗଡ଼ସ୍ଥ ବାୟାବାବାଙ୍କ ଆଶ୍ରମରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବା ଭାରତୀୟ ସଂସ୍କୃତି ପରମ୍ପରା ଓ ସନାତନ ଧର୍ମକୁ ସମଗ୍ର ଭାରତ ବର୍ଷରେ ନାମ ସଂକୀର୍ତ୍ତନ



ମାଧ୍ୟମରେ ପ୍ରଚାର ପ୍ରସାର କରି ଅମର ହୋଇ ରହିଛନ୍ତି। ଆଜି ପବିତ୍ର ଗୁରୁପୂର୍ଣ୍ଣିମା ତିଥିରେ ଆଶ୍ରମରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟୁଷରେ ମଙ୍ଗଳ ଆଳତି, ବାଲଧୂପ, ଆଶ୍ରମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ୧୦୮ କଳସ ଜଳ ଦ୍ୱାରା ଶ୍ରୀମଦ୍ ବାୟାବାବାଙ୍କ ମହାଭିଷେକ କରାଯାଇଥିଲା। ପରେ ଶ୍ରୀମଦ୍ ବାୟାବାବାଙ୍କ ଜୀବନ ଆଦର୍ଶ ଓ ଦିଗ୍‌ଦର୍ଶନ ମୁଖନିସୃତ ଭଜନ ଓ କଥାମୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ପ୍ରଦୀପ ବିଶ୍ୱାଳ, ସୁଧାକର ପଣ୍ଡା, ରାଧାକୃଷ୍ଣ ପାତ୍ର, ମେଘଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, କେଦାର ଦାସ, ଅନନ୍ତ ରାଉତ, ଦୀନବନ୍ଧୁ ବେହେରା, ନଟବର ରାଉତ ପ୍ରମୁଖ ପରିଚାଳନା କରିଥିଲେ। କେରେଡାଗଡ଼, ବାଲିସାହିପାଟଣା, ରାଜପୁର, ବାଲିଚନ୍ଦନପୁର, ରାଜନଗର, ମହିଁଷାସୁର, ଗୁଲୁଦିଆ ସମେତ ଆଖପାଖ ଅଞ୍ଚଳରେ ଶ୍ରଦ୍ଧାଳୁ ଓ ଗୁରୁଭାଇ ଏହି ଉତ୍ସବରେ ଯୋଗଦେଇଥିଲେ।

# ବିଭୂତି ମହାପାତ୍ର ପିସିସି ମୁଖପାତ୍ର ନିଯୁକ୍ତ

କେନ୍ଦ୍ରାପଡ଼ା, ୧୦।୭ (ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସର ମୁଖପାତ୍ର ତାଲିକା ପ୍ରକାଶ ପାଇଛି। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ବରିଷ୍ଠ କଂଗ୍ରେସ ନେତା ଅମୀୟ ପାଣ୍ଡବ ଓ ପୂର୍ବତନ ଛାତ୍ର କଂଗ୍ରେସ ସାଧାରଣ ସଂପାଦକ ବିଭୂତି ଭୂଷଣ ମହାପାତ୍ର ସ୍ଥାନ ପାଇଛନ୍ତି। ସେ ଛାତ୍ର କଂଗ୍ରେସରୁ ରାଜନୀତି ଆରମ୍ଭ



କରି ଏକ ସ୍ୱତନ୍ତ୍ର ସ୍ଥାନ ନେଇଛନ୍ତି। ସେ କହ୍ନେୟା କୁମାରଙ୍କ ସହ ବିହାର ନିର୍ବାଚନ ପାଇଁ ୨ ମାସ କାମ କରିଥିବାବେଳେ ହିମାଚଳ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଛାତ୍ର ଓ ଯୁବକଙ୍କ ନିଯୁକ୍ତି କ୍ଷେତ୍ରରେ ପାତରଅନ୍ତର ଓ ମେଧାବୀଙ୍କୁ ବାଦ୍ କରି ଚାକିରି ବିକ୍ରି ହେବାରୁ ସେ ଷ୍ଟୁଡେଣ୍ଟ ଏଗନେଷ୍ଟ କରପ୍‌ସନ ନାମରେ ସ୍ୱତନ୍ତ୍ର ସଂଗଠନର ଆବାହକ ହୋଇ ସରକାରର ନିଦ ହଜାଇ ଦେଇଛନ୍ତି ଶ୍ରୀ ମହାପାତ୍ର। ବିଭୂତି କେନ୍ଦ୍ରାପଡ଼ାର ବରିଷ୍ଠ ଆଇନଜୀବୀ ଓ କଂଗ୍ରେସ ନେତା ବିଧୁଭୂଷଣ ମହାପାତ୍ରଙ୍କ ପୁତ୍ର ଅଟନ୍ତି। ଶ୍ରୀ ମହାପାତ୍ର ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଷ୍ଟ୍ରୀୟ ଗଣମାଧ୍ୟମ ମୁଖ୍ୟ ପବନ ବେହେରା, ପିସିସି ସଭାପତି ଭକ୍ତଚରଣ ଦାସ, ଏଆଇସିସି ମିଡିଆ ସେଲ ସଂଯୋଜକ ଅରୋ ପ୍ରସାଦ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାର୍‌ହା ଆକ୍ରମଣରେ ଯୁବକ ଆହତ

ଆଳି, ୧୦।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ସଂସିଧା ପଞ୍ଚାୟତର ସଂସିଧା ମଙ୍ଗରାଜପୁର ଗ୍ରାମରେ ଆଜି ଜଣେ ବ୍ୟକ୍ତିଙ୍କୁ ବାର୍‌ହା ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି।



ମଙ୍ଗରାଜପୁର ଗ୍ରାମର ରାମଚନ୍ଦ୍ର ଦାସ (୪୦) ଘର ପଛ ବାଡ଼ିକୁ କାର୍ଯ୍ୟ କରିବାକୁ ଯାଇଥିଲେ। ଅପରାହ୍ନ ପ୍ରାୟ ୩.୩୦ଟା ସମୟରେ ହଠାତ ଏକ ବାରହା ତାଙ୍କୁ ଆକ୍ରମଣ କରିଥିଲା। ଜୀବନ ବଞ୍ଚାଇବାକୁ ଯାଇ ସେ ବାରହାକୁ ଠେଲି ଫୋପାଡ଼ି ଦେବାକୁ ଚେଷ୍ଟା କରୁଥିବା ସମୟରେ ବାରହା ତାଙ୍କ ବାମ ହାତକୁ କାମୁଡି ଧରିଥିଲା। ରାମଚନ୍ଦ୍ରଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକ ଆସି ବାରହାକୁ ଘଉଡ଼ାଇ ତାଙ୍କୁ ବାରହା ନିକଟରୁ ଉଦ୍ଧାର କରିଥିଲେ। ବାରହା ହାତକୁ କାମୁଡି ଦେବା ଫଳରେ ରାମଚନ୍ଦ୍ରଙ୍କ ବାମ ହାତରୁ ମାଂସ ଉଠିଯାଇଥିବା ଦେଖିବାକୁ ମିଳିଛି। ଫଳରେ ତାଙ୍କ ହାତରୁ ରକ୍ତସ୍ରାବ ବନ୍ଦ ହୋଇ ନ ଥିଲା। ରାମଚନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଅଧିକ ଚିକିତ୍ସା ପାଇଁ ରାମଚନ୍ଦ୍ରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

## ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତ ସାମିଲ

# ଥାନା ଅଧିକାରିଣୀଙ୍କୁ ପଞ୍ଚାୟତବାସୀଙ୍କ ସୌଜନ୍ୟମୂଳକ ସାକ୍ଷାତ

ପଟ୍ଟାମୁଣ୍ଡାଇ, ୧୦।୭ (ସମିସ): ରାଜ୍ୟ ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶରେ ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ପୁଣି ସାମିଲ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଓ କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀରେ ଥିବା ଏହି ଦୁଇଟି ପଞ୍ଚାୟତ ପୂର୍ବରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ ଥିଲା। ତେବେ ନୂତନ ଗ୍ରାମାଞ୍ଚଳ ଥାନା ପ୍ରତିଷ୍ଠା ହେବାପରେ ଏହି ଦୁଇ ପଞ୍ଚାୟତକୁ ଆଦର୍ଶ ଥାନାରୁ ପୃଥକ କରାଯାଇ ଗ୍ରାମାଞ୍ଚଳ ଥାନାରେ ସାମିଲ କରାଯାଇଥିଲା। ଉକ୍ତ ଦୁଇ ପଞ୍ଚାୟତ ପୁନର୍ବାର ଆଦର୍ଶ ଥାନାରେ ସାମିଲ



ହୋଇଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ପଞ୍ଚୟତବାସୀଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଆଡଭୋକେଟ୍ ସୁଶାନ୍ତ ସାମଲଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେପି ରାଜ୍ୟ ଦଳିତ ସେଲ୍ ସଦସ୍ୟ ରତ୍ନାକର ସେଠୀ, ସୁବ୍ରତ ଦାସ, ହୃଷିକେଶ ସେଠୀ, ସୁଧୀର ପ୍ରଧାନ, ରମେଶ ଦାସ, ଶିବାନନ୍ଦ ସେନାପତି, ରବୀନ୍ଦ୍ର ପ୍ରଧାନ, ଆଡଭୋକେଟ ବିଶ୍ୱନାଥ ରାଉତ, ରମାରଞ୍ଜନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ। ପ୍ରତିନିଧି ଦଳ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ଅଭିନନ୍ଦନ ଜଣାଇଥିଲେ। ସେହିପରି ନରସିଂହପୁର ଓ ଡିହାପଡ଼ା ପଞ୍ଚାୟତ ଆଦର୍ଶ ଥାନାରେ ସାମିଲ ହୋଇଥିବାରୁ ପଟ୍ଟାମୁଣ୍ଡାଇ ଦଳିତ ଜାତିସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସଂଘ ସଭାପତି କଳ୍ପତରୁ ମଲିକ, ସମ୍ପାଦକ ଉତ୍ତମ ମଲିକ, ଉପସଭାପତି ଦିଲ୍ଲୀପ ମଲିକ, ଦଳିତ ନେତା ସର୍ବେଶ୍ୱର ସେଠୀ, ସନ୍ତୋଷ ମଲିକ, ବାବାଜୀ ମଲିକ, ମନୋଜ ଜେନା, ନାରୀନେତ୍ରୀ ଦ୍ରୌପଦୀ ମଲିକ ପ୍ରମୁଖ କୃତଜ୍ଞତା ଜଣାଇଥିଲେ।

## ପଞ୍ଚୁପାଣ୍ଡବ-ସଦାନନ୍ଦପୁର ରାସ୍ତା ଶୋଚନୀୟ

# ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାବାସୀ ହନ୍ତସନ୍ତ

ପଞ୍ଚୁପାଣ୍ଡବ, ୧୦।୭ (ସମିସ):

ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥରର ପଞ୍ଚୁପାଣ୍ଡବ ଛକଠାରୁ ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ଧରି ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏହି ରାସ୍ତାର ଭାଗ୍ୟ ଏମିତି ବର୍ଷେ ପରେ ବି ରାସ୍ତା କାମ ସରିଲାନାହିଁ। ଏଥିପ୍ରତି ସରକାର ହେଉ କି ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି।



ପ୍ରାୟ ଏକବର୍ଷ ହେବ ପଞ୍ଚୁପାଣ୍ଡବ ଛକଠାରୁ ବଡ଼ଚଣା ବ୍ଲକ ପଣସୁଧା ଗ୍ରାମ ପର୍ଯ୍ୟନ୍ତ ଅଧୁରା ପିଚୁ କାମ ହୋଇ ପଡ଼ିରହିଥିଲା। ପୁଣି କିଛି ମାସ ପରେ ପଣସୁଧାରୁ ବଡ଼ଚଣା ବ୍ଲକ୍ ଭରତପୁର ପଞ୍ଚାୟତ ମାତାମଠ ଛକ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ହୋଇଥିବା ଦେଖିବାକୁ ମିଳୁଛି। କିନ୍ତୁ ମାତାମଠ ଛକଠାରୁ ସଦାନନ୍ଦପୁର ଛକ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିମି ରାସ୍ତା ଶୋଚନୀୟ ହୋଇ ପଡ଼ି ରହିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାଟି ଯାଜପୁର ଓ କେନ୍ଦ୍ରାପଡ଼ା ଦୁଇ ଜିଲ୍ଲା ଅଧୀନରେ ରହିଥିବାରୁ ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ଖରାଦିନ ଗଲା କାମ ସମ୍ପୂର୍ଣ୍ଣ ହୋଇପାରିଲାନାହିଁ। ଏବେ ବର୍ଷାରେ ରାସ୍ତା ମଝିରେ ଥିବା ଖାଲରେ ପାଣି ଜମି ରହିଥିବାରୁ ବିଭିନ୍ନ ପ୍ରକାର ସମସ୍ୟା ଭୋଗିବାକୁ ପଡୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ କଲେଜ, ଡାକ୍ତରଖାନାକୁ ବିଭିନ୍ନ ପ୍ରକାରର ଗାଡ଼ି ଚଳାଚଳ କରୁଥିବାବେଳେ ଏହି ରାସ୍ତାରେ ଦୁଇରୁ ତିନୋଟି ବସ୍ କଟକ ଓ ଭୁବନେଶ୍ୱର ଚଳାଚଳ କରୁଛି। ଏହି ରାସ୍ତାର ଚାରି ଭାଗରୁ ତିନି ଭାଗ ସରିଥିବାବେଳେ ଆଉ ଏକ ଭାଗ କେବେ ସରିବ, ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆରଡି ବିଭାଗ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ରାସ୍ତା କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ମିଳିତରେ ଥିଲା। ଏବେ ଯାଜପୁର ଜିଲ୍ଲା ଅଧୀନରେ ରହିଛି। ଏହି ରାସ୍ତାରେ ଆମର କିଛି ଭୂମିକା ନାହିଁ। ଏହାର ତଦନ୍ତ କରାଯାଇ ଯାଜପୁର ଜିଲ୍ଲା ପ୍ରଶାସନିକ ଅଧିକାରୀ ରାସ୍ତା କାମ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କ୍ୟାପଟେନ ସୁଶାନ୍ତ ବାଗ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ପାରାଦୀପ, ୧୦।୭ (ସମିସ): ପାରାଦୀପ ବନ୍ଦର ଏସ୍‌ସି ଏସଟି ଆସୋସିଏସନ ପକ୍ଷରୁ କ୍ୟାପଟେନ ସୁଶାନ୍ତ କୁମାର ବାଗଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଥରିଟିର ଅଧୀକ୍ଷଣ ଯନ୍ତ୍ରୀ ଇଞ୍ଜିନିୟର ସୁଶାନ୍ତ କୁମାର ସେଠୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବନ୍ଦରର ଉପସଚିବ ପାରାଉ ଟୁଡୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋର୍ଟ ଅଥରିଟିର ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ଏସସି ଏସଟି କର୍ମଚାରୀ କଲ୍ୟାଣ ସଂଘର ସାଧାରଣ ସମ୍ପାଦକ ଧୁନଚନ୍ଦ୍ର ତରାଇ ଓ ଆସୋସେସନ୍‌ର ଯୁଗ୍ମ ସଚିବ ବିପ୍ଳବ ଜେନା ଯୋଗଦେଇ କ୍ୟାପଟେନ ବାଗଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରିବା ସହିତ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଶ୍ରୀ ବାଗ ୨୦୧୧ରୁ ୨୦୨୫ ପର୍ଯ୍ୟନ୍ତ ପୋର୍ଟର ସାମୁଦ୍ରିକ ବିଭାଗରେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ସେ ତାଙ୍କ ୧୧ ବର୍ଷ କାର୍ଯ୍ୟକାଳ ମଧ୍ୟରେ ୫୦୦୦ରୁ ଅଧିକ ଜାହାଜ ପାରାଦୀପକୁ ଆଣିପାରିଥିଲେ। ସେ ବର୍ତ୍ତମାନ ଓଡ଼ିଶା ସାମୁଦ୍ରିକ ବୋର୍ଡରେ ପ୍ରଥମ ମୁଖ୍ୟ ନଟିକାଲ ଅଫିସର ଭାବେ ମନୋନୀତ ହୋଇଛନ୍ତି। ଆସୋସିଏସନର ଯୁଗ୍ମ ସଚିବ ଏହି ସମ୍ବର୍ଦ୍ଧନା ସଭାକୁ ପରିଚାଳନା କରିଥିଲେ। ଏଥିରେ ୨୫୦ରୁ ଅଧିକ ସଦସ୍ୟ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ୟାପକ କ୍ଷୟକ୍ଷତି କଲା ହାତୀ



ପରଜଙ୍ଗ, ୧୦।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିତିରି ଗ୍ରାମର ସୁଦର୍ଶନ ଭୂତିଆଙ୍କ ବାଡ଼ିରେ ଏକ ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଭିନ୍ନ ଗଛ ଭାଙ୍ଗି ନଷ୍ଟ କରିଛି। ଡିହଡୋଳ ଫରେଷ୍ଟ ସେକ୍ସନ ଅଞ୍ଚଳରେ କିଛିଦିନ ଧରି ହାତୀମାନେ ଏ ଗାଁରୁ ସେ ଗାଁକୁ ଯାଇ କ୍ଷୟକ୍ଷତି ଘଟାଇ ଚାଲିଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏକ ହାତୀ ପିତିରି ଗ୍ରାମର ସୁଦର୍ଶନ ଭୂତିଆଙ୍କ ବଗିଚାର ତାରବାଡ଼ ଭାଙ୍ଗି କଦଳୀ, ପଣସ, ଆମ୍ବ ଗଛ ଭାଙ୍ଗି ନଷ୍ଟ କରି ଦେଇଥିବା ବେଳେ ପନିପରିବା ଫସଲ ଦଳିଚକଟି ନଷ୍ଟ କରିଛି। ସକାଳେ ପରିବାର ଲୋକେ ବାଡ଼ିକୁ ଯାଇ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ପାଇଥିଲେ। ହାତୀମାନେ ଗାଁ ପାଖ ଜଙ୍ଗଲରେ ରହୁଥିବାରୁ ସନ୍ଧ୍ୟା ହେଲେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି।

# ଡମୋଳ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

ପରଜଙ୍ଗ, ୧୦।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଡମୋଳ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ସରପଞ୍ଚ ତଥା ଯୁବ ଇଞ୍ଜିନିୟର ସୁନୀଲ କୁମାର ଧଳ ନିଜ ସ୍ୱତନ୍ତ୍ର ଚିନ୍ତାଧାରାରେ ପଞ୍ଚାୟତବାସୀଙ୍କ ବିକାଶ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଦାସର୍ବଦା ପ୍ରୟାସ ଜାରି ରଖିଛନ୍ତି। ତାଙ୍କ ପ୍ରଚେଷ୍ଟା ବଳରେ ଅନେକ କାର୍ଯ୍ୟ ପ୍ରତିଫଳିତ ହୋଇଛି। ଜିଲ୍ଲାପାଳ ଏଠାକୁ ପରିଦର୍ଶନରେ ଆସି ସମସ୍ତ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ପ୍ରଶଂସା କରିଥିଲେ। ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବା ଗାନ୍ଧୀ ନିକେତନ, ପାଠାଗାର, ମହାବୀର ଓପନ ଜିମ୍, ମା ଟୁ ମାଉସ କମ୍ପ୍ୟୁଟର ସେଣ୍ଟର, କନଫରେନ୍ସ ହଲ, ଥଣ୍ଡା ପାନୀୟ ଜଳ ପ୍ରକଳ୍ପ, ବିଶ୍ରାମାଗାର, ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକ ପ୍ରଭୃତି ବୁଲି ଦେଖିଥିଲେ ଜିଲ୍ଲାପାଳ। ପଞ୍ଚାୟତରେ ହାଇସ୍କୁଲ, ସବସେଣ୍ଟର, ପାର୍କ ଭଳି ଅନ୍ୟ କେତେକ ପ୍ରକଳ୍ପ କରିବାକୁ ସରପଞ୍ଚ ଧଳ ଲକ୍ଷ୍ୟ ରଖିଥିବା ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଅନ୍ୟ ସମସ୍ତ ପଞ୍ଚାୟତରେ ଏଭଳି କାର୍ଯ୍ୟ କରିବାକୁ ବିଡିଓ ଓ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

# ରାଜରାସ୍ତା ପାଲଟିଛି ଗୋରୁ ଗୁହାଳ



ପରଜଙ୍ଗ, ୧୦।୭(ସମିସ): ପରଜଙ୍ଗ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥ ଏବେ ଗୋରୁ ଗୁହାଳ ପାଲଟିଛି। ରାଜପଥର ମୁଣ୍ଡେଇଲ, ପରଜଙ୍ଗ, ଡିହଦୋଳ, ବାରିହାପୁର, ବଡ଼ଝରା ଓ ମୁକ୍ତାପଶି ଆଦି ସ୍ଥାନରେ ଗାଈଗୋରୁ ସର୍ବଦା ଶୋଇ ରହୁଛନ୍ତି। ଫଳରେ ଗାଡ଼ିମଟର ଚଳାଚଳ ବ୍ୟାହତ ହେବା ସହ ଦୁର୍ଘଟଣା ଘଟି ଉଭୟ ମଣିଷ ଗାଈଗୋରୁ ମରୁଥିବା ବହୁ ନଜିର ରହିଛି। ନିକଟରେ ବାରିହାପୁରଠାରେ ଅଜଣା ଗାଡ଼ି ଧକ୍କାରେ ପ୍ରାୟ ୧୫ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ବହୁ ବାଇକ୍ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇ ଆହତ ହୋଇଛନ୍ତି। ରାସ୍ତା ଉପରେ ଗାଈଗୋରୁ ଶୋଇ ରହୁଥିବାରୁ ବହୁ ସମୟରେ ରାସ୍ତା ଜାମ୍ ହୋଇ ଘଣ୍ଟା ଘଣ୍ଟା ଧରି ଗାଡ଼ି ଅଟକି ରହୁଛି। ଗୋରୁ ମାଲିକମାନେ ସେମାନଙ୍କ ପାଇଁ ଗୁହାଳ ଘର ନ କରି କେବଳ ସକାଳେ କ୍ଷୀର ସଂଗ୍ରହ ଛାଡ଼ି ଦେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏବିଭିପିର ପ୍ରତିଷ୍ଠା ଦିବସ ପାଳିତ



ଢେଙ୍କାନାଳ, ୧୦।୭(ସମିସ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ, କାମାକ୍ଷାନଗର ଓ ଭୁବନ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିସହ ନିମ୍ନ ଆୟ ବର୍ଗର ଛାତ୍ରଛାତ୍ରୀଙ୍କୁ ଖାତା, କଲମ ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଡିଭିଜନ ସଂଯୋଜକ ଅରୂପ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ଶୁଭେନ୍ଦୁ ବେହେରା, ସହ ସଂଯୋଜକ ବ୍ରହ୍ମା ମଲ୍ଲିକ, କାର୍ଯ୍ୟକର୍ତ୍ତା ବୈଭବ ଆନନ୍ଦ କୌଶିକ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## କଙ୍କଡ଼ାହାଡ଼ ବ୍ଲକର ଅପହଞ୍ଚ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ

# ବିଦ୍ୟାଳୟ ବାସନ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ, ୧୦।୭(ସମିସ)

ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ କଙ୍କଡ଼ାହାଡ଼ ବ୍ଲକର ଅପହଞ୍ଚ ଅଞ୍ଚଳରେ ପହଞ୍ଚି ସେଠାକାର ସ୍ଥିତି ସମୀକ୍ଷା କରିଛନ୍ତି। ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ଓ ଯୋଜନାଗୁଡ଼ିକ ବାସ୍ତବରେ ଅପହଞ୍ଚ ଅଞ୍ଚଳରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିଥିଲେ। ଜିଲ୍ଲାପାଳ ଉପାଧ୍ୟାୟ ପ୍ରଥମେ ବ୍ଲକର କରଗୋଳା ପଞ୍ଚାୟତ ଡଙ୍ଗପାଳ ଗ୍ରାମକୁ ଯାଇଥିଲେ। ସେଠାରେ ସେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ରୋଷେଇ ପାଇଁ ବ୍ୟବହାର ହେଉଥିବା ବାସନ ନିମ୍ନମାନର ଥିବାରୁ ତାହାକୁ ପରିବର୍ତ୍ତନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବିଦ୍ୟାଳୟ ଓ ଛାତ୍ରୀନିବାସ ଚାରିପାଖ ସଫାସୁତୁରା ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟର ମାଟ୍ରନ ଅନୁପସ୍ଥିତ ଥିବାରୁ ସେ ସମ୍ପର୍କରେ ରିପୋର୍ଟ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲ୍ଲାପାଳ ବ୍ଲକର ନୂତନ ବସ୍ଷ୍ଟାଣ୍ଡ ନିର୍ମାଣସ୍ଥଳକୁ ଯାଇ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ନୂତନ ବସ୍ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ସରିବା



ପର୍ଯ୍ୟନ୍ତ ଅସ୍ଥାୟୀ ବସ୍ଷ୍ଟାଣ୍ଡ ପାଇଁ ଜମି ପ୍ରଦାନ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହାର ପରିଚାଳନା କିପରି ସଠିକ ଢଙ୍ଗରେ ହେବ ତାହାର ଦାୟିତ୍ୱ ବିଡିଓଙ୍କ ଉପରେ ନ୍ୟସ୍ତ କରିଥିଲେ। ପରେ ଜିଲ୍ଲାପାଳ କରଗୋଳ ପଞ୍ଚାୟତ ସାସପସି ଗ୍ରାମରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଏହାର ପରିଚାଳନା ସମ୍ପର୍କରେ ଡାକ୍ତର ଓ ନର୍ସଙ୍କ ସହ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତି କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ସାସପସି ଗ୍ରାମରେ ଥିବା ଆକାଂକ୍ଷୀ ବହୁମୁଖୀ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର ଅନୁଧ୍ୟାନ କରି ଯଥାଶୀଘ୍ର ତାହାର ଟେଣ୍ଡର ପ୍ରକ୍ରିୟା ଓ ନିର୍ମାଣ କାର୍ଯ୍ୟ କରିବାକୁ କହିଥିଲେ।

ସେହିଭଳି କାନ୍ତୋଲ ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସମୟରେ ସେଠାରେ ଅଙ୍ଗନବାଡ଼ି କର୍ମୀ ଅନୁପସ୍ଥିତ ଥିବାରୁ ସିଡିପିଓ ଏ ସଂକ୍ରାନ୍ତରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କହିଥିଲେ। କାନ୍ତୋଲ ପଞ୍ଚାୟତ କୋଟେ ଗ୍ରାମକୁ ଯାଇ ସେଠାକାର ଅଧିବାସୀଙ୍କ ସହ ଆଲୋଚନା କରିଥିଲେ। ସରକାରୀ ସୁବିଧା ସୁଯୋଗ ଠିକ ଭାବେ ଲୋକେ ପାଉଛନ୍ତି ନା ନାହିଁ ତାହା ଅନୁଧ୍ୟାନ କରିଥିଲେ। ଏହାସହ ବ୍ଲକ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ଛେଳି ପାଳନ ଯୋଜନାରେ ସ୍ଥାନୀୟ ଲୋକଙ୍କୁ ସହାୟତା କରିବାକୁ କହିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତ ହିତାଧିକାରୀ ଗୃହ ପାଇଛନ୍ତି ନା ନାହିଁ ତାହା ସୁନିଶ୍ଚିତ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ଆଦିବାସୀ ପିଲା ଅଧାରୁ ପାଠ ଛାଡୁଛନ୍ତି ସେମାନଙ୍କୁ ପୁନର୍ବାର ବିଦ୍ୟାଳୟକୁ ଆଣିବା ପାଇଁ ପଦକ୍ଷେପ ନେବାକୁ ବ୍ଲକ ମଙ୍ଗଳ ଅଧିକାରୀଙ୍କୁ କହିଥିଲେ। ପରେ ଜିଲ୍ଲାପାଳ ଏକୁଲ, ସେକୁଲ ଓ ପୁଟିପାଳ ଗ୍ରାମକୁ ଯାଇ ସେଠାକାର ଲୋକଙ୍କ ସହ ଆଲୋଚନା କରିଥିଲେ। ଯଥାଶୀଘ୍ର ସ୍ଥାନୀୟ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାର ଶତପ୍ରତିଶତ ବିଦ୍ୟାଳୟରେ ଯାଦୁପେଡ଼ି

ଢେଙ୍କାନାଳ, ୧୦।୭(ସମିସ): ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନୂଆଦିଲ୍ଲୀ ମୌଳିକ ସ୍ତରଶିକ୍ଷାର୍ଥୀଙ୍କ ଶିକ୍ଷଣ ନିମନ୍ତେ ଯାଦୁପେଡ଼ିର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବିଶେଷତଃ ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାମାନେ ଯାଦୁପେଡ଼ିରେ ଉପଲବ୍ଧ ସାମଗ୍ରୀ ଦ୍ୱାରା ଅଧିକ ଆକର୍ଷିତ ଓ ଅଭିପ୍ରେରିତ ହୁଅନ୍ତି। ସେଥିଲାଗି ପ୍ରାଥମିକ ବିଦ୍ୟାଳୟରେ ଯାଦୁପେଡ଼ିର ଉପଲବ୍ଧତା ଓ

- **ଡାଏଟ ସିଆରସି ଲିଙ୍କେଜର ଅଭିନବ ପ୍ରଚେଷ୍ଟା**
- **ସରକାର ବାଣ୍ଟିବା ପୂର୍ବରୁ ଶିକ୍ଷକ ନିର୍ମାଣ କଲେ ଯାଦୁପେଡ଼ି**

ବ୍ୟବହାର ହେବା ଆବଶ୍ୟକ ବୋଲି ନିପୁଣ ଭାରତ ମାର୍ଗଦର୍ଶିକାରେ କୁହାଯାଇଛି। ଯାଦୁପେଡ଼ିର ଗୁରୁତ୍ୱକୁ ଅନୁଭବ କରି ପ୍ରତି ବିଦ୍ୟାଳୟରେ ଯାଦୁପେଡ଼ି ତିଆରି କରିବା ଲାଗି ଜିଲ୍ଲାସ୍ତରୀୟ ମାସିକ ସମୀକ୍ଷା ବୈଠକରେ ସ୍ଥିରୀକୃତ ହୋଇଥିଲା। ଏହି କାର୍ଯ୍ୟ ଡାଏଟ ସିଆରସି ଲିଙ୍କେଜ ଅଧୀନରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତଦନୁସାରେ ଜିଲ୍ଲା ଓ ବ୍ଲକ ସ୍ତରରେ ସିଆରସିସିମାନଙ୍କୁ




ତାଲିମ ଦିଆଯାଇଥିଲା। ଜିଲ୍ଲାର ୧୩୬ ସିଆରସିସି ନିଜ କ୍ଲଷ୍ଟରରେ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ ଓ ପ୍ରତ୍ୟେକ ଉପକରଣକୁ କିପରି ବ୍ୟବହାର କରାଯିବ ସେ ସମ୍ପର୍କରେ ପ୍ରଦର୍ଶନ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ବ୍ୟବହାରକାରୀଙ୍କ ସୁବିଧା ନିମନ୍ତେ ଭିଡିଓ ମାଧ୍ୟମରେ ପ୍ରତ୍ୟେକ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ତଦନୁଯାୟୀ ପ୍ରତି ବିଦ୍ୟାଳୟରେ ଶିକ୍ଷକମାନେ ନିଜସ୍ୱ ଉଦ୍ୟମରେ ପିଲାଙ୍କ ଶିକ୍ଷଣ ଲାଗି ଯାଦୁପେଡ଼ି ପ୍ରସ୍ତୁତ କରିଥିଲେ। ଏହି ଯାଦୁପେଡ଼ିରେ ସଂଖ୍ୟା କାର୍ଡ, ଅକ୍ଷର କାର୍ଡ, ଚିତ୍ର କାର୍ଡ, ଆବାକସ, ମାଟି ଗୋଲି, କାଚ ଗୋଲି, ବାଉଁଶ କାଠି, ବଲ୍, କଣ୍ଢେଇ, ମୁଖା, ପନିପରିବା ଓ ପଶୁପକ୍ଷୀଙ୍କ ମଡେଲ, ଡାକ୍ତର ସେଟ, ବାସନକୁସନ ସେଟ, ଢୋଲକ, ବଂଶୀ, ଖଞ୍ଜଣୀ, କେନ୍ଦେରା, ନଟୁ, ତାସ ଆଦି ୫୨ଟି ସାମଗ୍ରୀକୁ ସନ୍ନିବେଶିତ କରାଯାଇଛି। କିଛି ସାମଗ୍ରୀ ବଜାରରୁ ସ୍ୱଳ୍ପ ମୂଲ୍ୟରେ କିଣାଯାଇଥିବାବେଳେ ଆଉ କିଛି ସାମଗ୍ରୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ପ୍ରସ୍ତୁତ କରିଛନ୍ତି। ଶିଶୁବାଟିକାରୁ ଆରମ୍ଭ କରି ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଇବା ବେଳେ ଏହି ସାମଗ୍ରୀଗୁଡ଼ିକର ବ୍ୟବହାର ପିଲାଙ୍କ ମନକୁ ଛୁଇଁବା ସହ ଶ୍ରେଣୀ କାର୍ଯ୍ୟ ଆନନ୍ଦମୟ ପରିବେଶରେ ସମ୍ପନ୍ନ ହେଉଛି। ଏହାଦ୍ୱାରା କୁନି କୁନି ପିଲାମାନେ ପାଠ ପ୍ରତି ଅଧିକ ଆଗ୍ରହୀ ହେଉଛନ୍ତି। ବିଦ୍ୟାଳୟ ସ୍ତରରେ ଶିକ୍ଷକମାନଙ୍କ ଏହି ସଫଳ ଉଦ୍ୟମ ପାଇଁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସିଆରସିସି ଓ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ■ କେଉଁ ସ୍ଥାନରେ ନିର୍ମାଣ ହେବ କେନ୍ଦ୍ରୀୟ ବିଦ୍ୟାଳୟ ?

# ୩ ପ୍ରମୁଖ ଅଞ୍ଚଳବାସୀଙ୍କ ମନରେ ବଢ଼ି ଚାଲିଛି ଉତ୍କଣ୍ଠା

ହିନ୍ଦୋଳ, ୧୦।୭(ସମିସ): ହିନ୍ଦୋଳ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଆଶା ସଞ୍ଚାର ହୋଇଥିବା ବେଳେ ବିଦ୍ୟାଳୟ ଆରମ୍ଭ ହେବା ପୂର୍ବରୁ କେଉଁ ଜାଗାରେ ଏହା ସ୍ଥାପନ ହେବ ତାହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। ଉପଖଣ୍ଡର ୩ ପ୍ରମୁଖ ଅଞ୍ଚଳବାସୀ କିପରି ନିଜ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ହୋଇପାରିବ ସେ ନେଇ ରାଜନେତାଙ୍କ ପାଖରେ ଲବି କରୁଥିବା ଦେଖିବାକୁ ମିଳୁଛି। ତେଲିଭୂଇଁ-ସାପୁଆ ରାସ୍ତାରେ କେନ୍ଦ୍ରୀୟ ସ୍ଥାପନ ପାଇଁ ଅନୁଧ୍ୟାନକାରୀ ଟିମ୍ ନିକଟରେ ଅନୁଧ୍ୟାନ କରି ଫେରିଛନ୍ତି। ତେବେ ହିନ୍ଦୋଳ ସଦର ମହକୁମା ହିନ୍ଦୋଳ ଏନଏସି ଭିତରେ ବିଦ୍ୟାଳୟ ସ୍ଥାପନ ହେଉବୋଲି ହିନ୍ଦୋଳ ଏନଏସି ଅଞ୍ଚଳ ଅଧିବାସୀ ଦାବି କରୁଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟିକା, ସାଂସଦଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଛି। ସେହିପରି ଉପଖଣ୍ଡର ମଧ୍ୟସ୍ଥଳ ସାତମାଇଲଠାରୁ ଖଜୁରିଆକଟା ମଧ୍ୟରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବାକୁ ଅଞ୍ଚଳର ୨୫ ପଞ୍ଚାୟତର ଅଧିବାସୀ ଦାବି କରୁଛନ୍ତି। ମଧ୍ୟସ୍ଥଳରେ ବିଦ୍ୟାଳୟ ହୋଇପାରିଲେ ସମଗ୍ର ଉପଖଣ୍ଡବାସୀ ଉପକୃତ ହୋଇପାରିବେ ବୋଲି ସେମାନେ ଜିଲ୍ଲାପାଳ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବିଧାୟିକା ସୀମାରାଣୀ ନାୟକ ଓ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଦାବିପତ୍ର ପ୍ରଦାନ କରିଚନ୍ତି। ସେହିପରି ରାସୋଳ ଅଞ୍ଚଳରେ ବିଦ୍ୟାଳୟ ସ୍ଥାପନ ପାଇଁ ମଧ୍ୟ ସମ୍ପୃକ୍ତ ଅଞ୍ଚଳବାସୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଧାୟିକା ଓ ସାଂସଦଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଦିନକୁ ଦିନ ଉପଖଣ୍ଡରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହେଉଥିବା ବେଳେ ଉପଯୁକ୍ତ ସ୍ଥାନ ଚୟନ କରା ନ ଗଲେ ଆଗାମୀ ନିର୍ବାଚନରେ ଶାସକ ଦଳକୁ ଅଙ୍କଳରେ ପକାଇବା ପାଇଁ ବିରୋଧୀ ସୁଯୋଗ ପାଇଯିବେ ବୋଲି ଆଲୋଚନା ଜୋର୍ ଧରିଛି।

# ବାଇକ ଦୁର୍ଘଟଣାରେ ଯୁବକ ମୃତ

ହିନ୍ଦୋଳ, ୧୦।୭(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ଓ ଏଥିଜନିତ ମୃତାହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାତ୍ର ସଡ଼କ ସୁରକ୍ଷା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ କିମ୍ବା କର୍ତ୍ତୃପକ୍ଷଙ୍କ ତତ୍ପରତା ନାହିଁ। ଉପଖଣ୍ଡର ବାଘଧରିଆ ଛକ ଏବେ ମରଣଯନ୍ତା ପାଲଟିଛି। ବୁଧବାର ସନ୍ଧ୍ୟାରେ ରଞ୍ଜଗୋଳ ପଞ୍ଚାୟତର ରମେଶ ସାମଲଙ୍କ ପୁଅ ସୌଭିକ ସାମଲ (୪୦) କୌଣସି କାର୍ଯ୍ୟରେ ରାସୋଳରୁ ବାଇକଯୋଗେ ଫେରୁଥିବା ସମୟରେ ହିନ୍ଦୋଳ ଥାନା ବାଘଧରିଆ ଗ୍ରାମ ଛକରେ ଭାରସାମ୍ୟ ହରାଇ ଏକ ଗଛରେ ପିଟିହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଘଧରିଆ ଛକରେ ପୂର୍ବରୁ ୧୭ ଦୁର୍ଘଟଣା ଘଟି ୧୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଗୁରୁତର ଆହତ ହୋଇଛନ୍ତି। ପ୍ରତ୍ୟେକ ଦିନ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ନିର୍ମାଣରେ ତ୍ରୁଟି, ହଠାତ ବୁଲାଣି ଓ ଗଛ ଆଦି ଥିବାସହ ରାସ୍ତାରେ ସର୍ବଦା ଗାଈଗୋରୁ ଛିଡ଼ା ହେଉଥିବାରୁ ଏବଂ କୌଣସି ରାସ୍ତା ସୂଚନା ଫଳକ ନଥିବାରୁ ଚାଳକମାନେ ଜାଣି ନ ପାରି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ପ୍ରଶାସନ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଇଭିରେ ଲାଗିଲା ନିଆଁ; ଜଳିଗଲା ୪ ବାଇକ୍

ଢେଙ୍କାନାଳ, ୧୦।୭(ସମିସ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଭାଗୀରଥି ବିହାରରେ ଇଲେକଟ୍ରିକ ସ୍କୁଟିରେ ନିଆଁଲାଗି ୪ଟି ହାଇକ୍ ସହ ୨ଟି ସାଇକଲ ଜଳିଯାଇଛି। ଭାଗୀରଥି ବିହାରରେ ରହୁଥିବା ସନାତନ ରାଉଳଙ୍କ ଘରେ ଥିବା ଏକ ଇ-ସ୍କୁଟରରେ ଗୁରୁବାର ଅପରାହ୍ନ ୧ଟାରେ ହଠାତ ନିଆଁ ଲାଗିଯାଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ପାଖରେ ଥିବା ଅନ୍ୟ ୪ଟି ବାଇକ୍ ଏବଂ ୨ଟି ସାଇକଲ ପୋଡ଼ିଯାଇଥିଲା। ଅତ୍ୟଧିକ ତାପ ଯୋଗୁଁ ଇଭିରେ ନିଆଁ ଲାଗିଥିବା ଅନୁମାନ କରାଯାଇଛି।



## ଅବହେଳିତ ହିନ୍ଦୋଳର ପଥପ୍ରାନ୍ତ ସୁବିଧାକେନ୍ଦ୍ର

# କୋଟି କୋଟି ଟଙ୍କାର ପ୍ରକଳ୍ପ ପାଲଟିଛି ଭୂତକୋଠି

ଖଜୁରିଆକଟା, ୧୦।୭(ସମିସ)

ରାଜପଥରେ ଦୂରଦୂରାନ୍ତକୁ ଯାତାୟାତ କରୁଥିବା ଯାତ୍ରୀଙ୍କ ବିଶ୍ରାମ, ଜଳଯୋଗ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇଁ ପୂର୍ବ ସରକାର ଅମଳରେ ବହୁ ସ୍ଥାନରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ହୋଇଥିଲା। ରାଜ୍ୟ ପୂର୍ତ୍ତ ବିଭାଗକୁ ଏହାର ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ତେବେ କୋଟି କୋଟି ଟଙ୍କା ବ୍ୟୟରେ ପଥଚାରୀଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିବା ଏହି ପଥପ୍ରାନ୍ତ ସୁବିଧାକେନ୍ଦ୍ରଗୁଡ଼ିକ ଏବେ ବନ୍ଦ ହୋଇ ପଡ଼ିଥିବାରୁ ତାହା ଆଦୌ ଲୋକଙ୍କ କାମରେ ଆସୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ପଞ୍ଚାୟତ ପୁରୁଣା କଟକ-ସମ୍ବଲପୁର ରାସ୍ତା ପାର୍ଶ୍ୱରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ର କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ଏବେ ବନ୍ଦ ପଡ଼ିଥିବାରୁ ଭୂତକୋଠିରେ ପରିଣତ ହୋଇଛି। ଦୀର୍ଘ ୧ବର୍ଷ ଧରି ଏହି ସୁବିଧାକେନ୍ଦ୍ରରେ ତାଲା ପଡ଼ିଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏକପ୍ରକାର ଭୂତକୋଠି ପାଲଟିଛି। ଫଳରେ ପଥଚାରୀମାନେ ସେବାରୁ ବଞ୍ଚିତ ହେଉଛନ୍ତି।



ବ୍ଲକ ପ୍ରଶାସନ ଓ ପୂର୍ତ୍ତ ବିଭାଗର ଅପାରଗତା କାରଣରୁ ଜନହିତକର ପ୍ରକଳ୍ପଗୁଡ଼ିକ ଲୋକମାନଙ୍କ ସେବାରେ ଆସିପାରୁନାହିଁ। ରାଜନେତା ଓ ସେମାନଙ୍କ ଚେଲାଚାମୁଣ୍ଡାମାନେ ଟଙ୍କା ରୋଜଗାର ପାଇଁ କୁତ୍ସିତ ରାଜନୀତିରେ ମାତିଥିବାବେଳେ ଜନସାଧାରଣଙ୍କ ସ୍ୱାର୍ଥ ଓ ଅଞ୍ଚଳର ବିକାଶ ଚୁଲିକୁ ଗଲାଣି ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ପଥପ୍ରାନ୍ତ ସୁବିଧାକେନ୍ଦ୍ରରେ କିଏ ଓ କାହିଁକି ତାଲା ପକାଇଛି ତାହା ଜଣାପଡ଼ି ନ ଥିବାବେଳେ ଏହାକୁ ନେଇ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏହି ସୁବିଧାକେନ୍ଦ୍ର ଖୋଲିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ■ ରାଜ୍ୟସ୍ତରୀୟ ୧୧ ବର୍ଷରୁ କମ୍ ଚେସ ପ୍ରତିଯୋଗିତା

# ୨୦ ଜିଲ୍ଲାରୁ ୯୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ଢେଙ୍କାନାଳ, ୧୦।୭(ସମିସ): ଢେଙ୍କାନାଳ ଜିଲ୍ଲା ଚେସ ସଙ୍ଘ ପକ୍ଷରୁ ନିଖିଳ ଓଡ଼ିଶା ଚେସ ସଙ୍ଘ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ ପରିସରରେ ରାଜ୍ୟସ୍ତରୀୟ ଗୁରୁବାରଠାରୁ ୧୧ବର୍ଷରୁ କମ୍ ଚେସ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ୪ ଦିନଧରି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଅଲ ଇଣ୍ଡିଆ ଚେସ ଫେଡେରେସନ ଅଫ ଫିଡେ ଦ୍ୱାରା ସ୍ୱୀକୃତି ଲାଭ କରି ରେଟିଂ ଟୁର୍ଣ୍ଣାମେଣ୍ଟର ମାନ୍ୟତା ଲାଭ କରିଛି। ଉଭୟ ଓପନ ଏବଂ ବାଳିକା ବର୍ଗରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ୨୦ ଜିଲ୍ଲାର ୨୫ ବାଳିକା ପ୍ରତିଯୋଗୀ ସମେତ ମୋଟ ୯୦ଜଣ ଅଂଶଗ୍ରହଣ କରିଛନ୍ତି।



ସେମାନଙ୍କ ମଧ୍ୟରେ ୩୦ଜଣ ଆନ୍ତର୍ଜାତିକ ମାନ୍ୟତାପ୍ରାପ୍ତ ଖେଳାଳି ଅଛନ୍ତି। ପ୍ରତିଯୋଗିତାରେ ମୋଟ ୮ରାଉଣ୍ଡ ଖେଳ ହେବ ବୋଲି ଜଣାପଡ଼ିଛି। ପ୍ରତିଯୋଗିତାରେ ମୋଟ ୨୦ ହଜାର ଟଙ୍କା ନଗଦ ରାଶି ସହ ୫୪ଟି ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଗୁରୁବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡରେ ଓପନ ବର୍ଗରେ ମନୀଷ ମିଶ୍ର, ଚୌଧୁରୀ ଶୁଭମ ନନ୍ଦ, ହୃଦେଶ ପାଣିଗ୍ରାହୀ, ପ୍ରିୟଙ୍କର ମୁଦୁଲି, ଶୁଭାଶିଷ ବାରିକ, ରେୟାଂଶ ସାମଲ, କୁଶାସ ଦୀକ୍ଷିତ, ଅରଟିମମାନ ନାଥ, ସିଦ୍ଧାର୍ଥ ମଲ୍ଲିକ, ସାଇ ଅମ୍ରିତ ପଟ୍ଟଆରୀ, ଶ୍ରେୟାଂଶ ଦାସ, ସତ୍ୟମ ରାଉତ, ସୁଜାଦିତ୍ୟ ସାହୁ, ଶ୍ରୀହନ ପଣ୍ଡା, ତନୁ ଶାଶ୍ୱତ ଭେଲଗା, ରୟାନ ଭରଦ୍ୱାଜ ପାତ୍ରୀ, ଦିବେଶ ମହାପାତ୍ରଙ୍କ ସହ ଅନ୍ୟ ପ୍ରତିଭାଗୀମାନେ ଯୋଗଦେଇଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ଜିଲ୍ଲା ଚେସ ସଙ୍ଘ ସଭାପତି ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ରୋଟାରୀ କ୍ଲବ ସଭାପତି ରୋଟାରିଆନ ସାଗରିକା ମିଶ୍ର, ସମ୍ମାନିତ ଅତିଥି ଭାବେ ରିଲାଏନ୍ସ ଫାଇଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ରମଣି ରଞ୍ଜନ ସେନ, ରିଲାଏନ୍ସ ପ୍ଲାଣ୍ଟ ମୁଖ୍ୟ କଲ୍ଲୋଳ ବେହେରା, ମୁଖ୍ୟ ଆରବିଟର ଭାବେ ସୁରେଶ ଚନ୍ଦ୍ର ସାହୁ, ଆନ୍ତର୍ଜାତିକ ଚେସ ଖେଳାଳି ଏସ ସତ୍ୟମ ପ୍ରମୁଖ ଯୋଗଦେଇଥିଲେ। ସଙ୍ଘ ସମ୍ପାଦକ ଇଂ ଦେବବ୍ରତ ଭଞ୍ଜଙ୍କ ସହ ସଦସ୍ୟ ସୁଶାନ୍ତ କୁମାର ସ୍ୱାଇଁ, ଅଶୋକ ମିଶ୍ର, ସୁଶାନ୍ତ ଦାସ, ରାଜେନ୍ଦ୍ର ନାରାୟଣ ସାମଲ, ପ୍ରିୟଙ୍କା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ କର ମଞ୍ଚ ପରିଚାଳନା କରିଥିଲେ।

## ମାସକରେ ରାଜଧାନୀର ୩୦୦ ଲୋକଙ୍କୁ 'ଡକ୍ଟରେଟ୍'

# ଡିଗ୍ରୀ ଗୋଟାକୁ ୮ ହଜାର!

- ଗାଉନ୍ ପିନ୍ଧି ଫଟୋ ଉଠାଇଲେ ଲାଗୁଛି ଦୁଇଗୁଣା ଫି'
- ସମାଜ ସେବା କ୍ଷେତ୍ର ପାଇଁ ମାସକରେ ମିଳୁଛି ଉପାଧି
- ୧୦୦ ଡ଼ଲାର ଦେଲେ ଦଶମ ଫେଲ୍ ବି 'ଡକ୍ଟରେଟ୍'

**ଭୁବନେଶ୍ୱର,୧୦।୭ (ସମିସ):** ବଜାରରେ ବିକ୍ରି ହେଉଛି 'ଡକ୍ଟରେଟ୍' ଡ଼ିଗ୍ରୀ। ମୂଲ୍ୟ ବି ବେଶୀ ନୁହେଁ, ମାତ୍ର ୧୦୦ ଡ଼ଲାର। ହିସାବ କଲେ ୮୦୦୦ରୁ ୮୫୦୦ ଟଙ୍କା। ଏତିକି ଟଙ୍କା ଦେଲେ ଘରେ ଆସି ପହଞ୍ଚିବ ଡ଼କ୍ଟରେଟ୍ ଡ଼ିଗ୍ରୀ। ଏଥିପାଇଁ ପାଠଶାଠ ଲୋଡ଼ା ନାହିଁ, ଗବେଷଣା ବି ଦରକାର ନାହିଁ। ଶିକ୍ଷାଗତ ଯୋଗ୍ୟତା ନ ଥିଲେ ବି ଚଳିବ, ଦଶମ ପାସ୍ କରି ନଥିଲେ ମଧ୍ୟ ମିଳିଯିବ 'ଡକ୍ଟରେଟ୍' ଉପାଧି; ପୁଣି ଦେଶ ବିଦେଶର ବହୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ। ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ବେଶ୍ ପ୍ରଚାର ହେଉଛି, ବିଜ୍ଞାପନ ପ୍ରକାଶ ପାଉଛି । ମାତ୍ର କେହି ଏହାର ପ୍ରତିବାଦ କରୁନାହାନ୍ତି, ଓଲଟି ବିନା ପରିଶ୍ରମ ଓ ବିନା ପାଠରେ ନାମ ଆଗରେ ଡ଼କ୍ଟରେଟ୍ ଲଗାଇବାକୁ ଲୋକ ଧାଡ଼ି ଲଗାଇଛନ୍ତି। ଗତ ମାସେ ମଧ୍ୟରେ ରାଜଧାନୀର ପାଖାପାଖି ୩୦୦ ଲୋକଙ୍କ ସହ ରାଜ୍ୟର ପ୍ରାୟ ୫୦୦ ଲୋକ ଏପରି ଡ଼କ୍ଟରେଟ୍ ଡ଼ିଗ୍ରୀ କିଣିଥିବା ସୂଚନା ମିଳିଛି ।

ସାମାଜିକ ଗଣମାଧ୍ୟମରେ ଦେଶ ବିଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଡକ୍ଟରେଟ୍' ଉପାଧି ପାଇଁ ମାଳମାଳ ବିଜ୍ଞାପନ ଆସୁଛି। କିଏ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଅନୁମୋଦନପ୍ରାପ୍ତ ବୋଲି ଉଲ୍ଲେଖ କରିଛି ତ ଆଉ କିଏ ଗ୍ଲୋବାଲ୍ ମାନ୍ୟତାପ୍ରାପ୍ତ ଲେଖିଛନ୍ତି। ଏଥିପାଇଁ ଯେକେହି ଆବେଦନ କରିପାରିବେ ବୋଲି କୁହାଯାଉଛି। ନାମ ଆଗରେ ଶ୍ରୀଯୁକ୍ତ, ଶ୍ରୀମତୀ ବଦଳରେ ଡ. ଲଗାଇବାକୁ ସୁବର୍ଣ୍ଣ ସୁଯୋଗ ବୋଲି ଉଲ୍ଲେଖ କରୁଛନ୍ତି। ଆମେରିକୀୟ ସଂସ୍ଥା ଏମ୍‌ଲି ଓ ଆମେରିକାନ୍ ମେରିଟ୍ କାଉନ୍‌ସିଲ ନିଜକୁ ୟୁଜିସି ମାନ୍ୟତାପ୍ରାପ୍ତ ଦର୍ଶାଇଛନ୍ତି। 'ଡକ୍ଟରେଟ୍' ପାଇଁ ମାତ୍ର ଶହେ ଡଲାର୍ ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୮୫୦୦ ଟଙ୍କା ରଖିଛନ୍ତି। ସେହିପରି ଲର୍ଣ୍ଣ ସେଣ୍ଟ ଏଜୁକେସନ୍‌ସ ମାତ୍ର ମାସେ ମଧ୍ୟରେ 'ଡକ୍ଟରେଟ୍' ଉପାଧି ପ୍ରଦାନ କରିବ ବୋଲି ଉଲ୍ଲେଖ କରିଛି। ବରିଷ୍ଠ ନାଗରିକ, ମହିଳା, କଳାକାର ଓ ଶିକ୍ଷାବିତ୍‌ଙ୍କ ପାଇଁ ସ୍ପେଶାଲ୍ ଅଫର୍ ମଧ୍ୟ ରହିଛି। ୧୪,୯୯୯ ଟଙ୍କା ଦେଇ ସେମାନେ ଉପାଧି ନେଇ ପାରିବେ। ଆଉ ଏକ ସଂସ୍ଥା ଗ୍ଲୋବାଲ୍ ହ୍ୟୁମାନ୍ ରାଇଟ୍ ଟ୍ରଷ୍ଟ ପକ୍ଷରୁ ଦୁଇ ପ୍ରକାର ଦର ଧାର୍ଯ୍ୟ କରାଯାଇଛି। 'ଡକ୍ଟରେଟ୍' ଉପାଧି କୋରିଅର୍‌ରେ ନେବାପାଇଁ ହେଲେ ୧୨,୫୦୦ ଟଙ୍କା ଧାର୍ଯ୍ୟ କରିଥିବାବେଳେ ଜୋତା, ମୋଜା, କୋର୍ଟ ଓ ଗାଉନ୍ ପିନ୍ଧି ଫଟୋ ଉଠାଇ ଉପାଧି ନେଲେ ୨୮,୫୦୦ ଟଙ୍କା ପଡ଼ିବ ବୋଲି କୁହାଯାଇଛି। ସେହିପରି ଅନରାରି ଡକ୍ଟରେଟ୍ ଆୱାର୍ଡେଡ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ଉଷା ମାର୍ଟିନ୍ ୟୁନିଭର୍ସିଟି, ବିଦ୍ୟା ବାଚସ୍ପତି, ଏମ୍‌କେ ୟୁନିଭର୍ସିଟି, କଲେଜ୍ ବିଦ୍ୟା, ଲର୍ଣ୍ଣ ସେଣ୍ଟ ଏଜୁକେସନ୍, ଏଡ୍‌ଜେୱେଡ୍ କଲେଜ ପରି ମାଳମାଳ ବିଶ୍ୱବିଦ୍ୟାଳୟ ସେମାନଙ୍କ ଠାରୁ 'ଡକ୍ଟରେଟ୍' ଉପାଧି ନେବାପାଇଁ ଅଫର୍ ଦେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେବା କ୍ଷେତ୍ରରେ ହିଁ ଏସବୁ ଉପାଧି ଦିଆଯାଉଛି।

'ଡକ୍ଟରେଟ୍' ଏକ ସମ୍ମାନଜନକ ଓ ମର୍ଯ୍ୟାଦାପୂର୍ଣ୍ଣ ଉପାଧି ଭାବେ ବିବେଚନା କରାଯାଏ। ନାମ ପୂର୍ବରୁ ଡ. ଲାଗିଲେ ମନରେ ସମ୍ମାନ ଭାବ ଜାଗ୍ରତ ହୁଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ମାନଜନକ ପିଏଚ୍‌ଡ଼ି ଡିଗ୍ରୀ ପ୍ରଦାନ କରିଥାଆନ୍ତି; ସେହିପରି ବିଭିନ୍ନ ଗବେଷଣାରେ ଉତ୍ତୀର୍ଣ୍ଣ ପରେ ଗବେଷକମାନଙ୍କୁ ପିଏଚ୍‌ଡ଼ି ଡ଼ିଗ୍ରୀ ପ୍ରଦାନ କରାଯାଇଥାଏ। ମାତ୍ର ଏବେ ସାମାଜିକ ଗଣମାଧ୍ୟମରେ ଖୋଲାଖୋଲି "ଡକ୍ଟରେଟ୍' ଡିଗ୍ରୀ ବିକ୍ରି ହେଉଛି ଓ କିଣିବାକୁ ଗ୍ରାହକ ମଧ୍ୟ ପ୍ରବଳ। ବିଶେଷ କରି ରାଜନୈତିକ ରୁଚି ରଖିଥିବା ବ୍ୟକ୍ତିମାନେ ଏହାର ପ୍ରମୁଖ ଗ୍ରାହକ ପାଲଟିଛନ୍ତି। ଫେସବୁକ୍‌ରେ ବ୍ଲୁ ଟିକ୍ ସହ ଡ. ଲେଖି ନିଜର ପତିଆରା ବଢ଼ାଇବାକୁ ପ୍ରୟାସ କରୁଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ମଧ୍ୟ ଏସବୁ ଉପାଧି ଦେବାକୁ ସ୍ୱତନ୍ତ୍ର ଉତ୍ସବ ଆୟୋଜନ ହେଉଛି। ନିକଟରେ ଇଣ୍ଟିଗ୍ରେଟେଡ୍ ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ଭୁବନେଶ୍ୱରରେ ପ୍ରାୟ ୩ଶହ ଲୋକଙ୍କୁ ଉପାଧି ପ୍ରଦାନ କରାଯାଇଥିବାବେଳେ ରାଉର୍‌କେଲାରେ ଏକ ସମାରୋହ କରିବାକୁ ବିଜ୍ଞାପନ ଜାରି କରିଛି। ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ। ଫଳରେ ଡକ୍ଟରେଟ୍ ଉପାଧିର ମାନ ମାଟିରେ ମିଶିବା ସହ ମାଳମାଳ ଡକ୍ଟରେଟ୍‌ଧାରୀ କାୟାବିସ୍ତାର କଲେଣି। ସରକାର ଏହା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରିଛନ୍ତି।

## ଡ୍ରାଇଭର ସଂଘ ଆନ୍ଦୋଳନ

# ଡ୍ରାଇଭରଙ୍କ ମାଡ଼ରେ ଡ୍ରାଇଭର ଆହତ

**ବଲାଙ୍ଗିର,୧୦।୭ (ସମିସ):** ବଲାଙ୍ଗିର ଜିଲ୍ଲାରେ ରାଜ୍ୟ ଡ୍ରାଇଭର ମହାସଂଘ ନିଷ୍ପତ୍ତି ଅନୁସାରେ ଜିଲ୍ଲା ଶାଖା ପକ୍ଷରୁ ଦୁଇଦିନ ଶାନ୍ତିପୂର୍ଣ୍ଣ ଭାବେ



ଆନ୍ଦୋଳନ ଚାଲିଥିବା ବେଳେ ତୃତୀୟ ଦିନରେ କିଛି ସ୍ଥାନରେ ଅଶାନ୍ତି ଦେଖିବାକୁ ମିଳିଛି। ପୁଇଁନ୍ତଳା ଥାନା ବଇରାସର ଟୋଲଗେଟ୍ ନିକଟରେ ଜଣେ ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଥିବା ବେଳେ ସହର ଭିତରେ ଅନେକ ଗାଡ଼ିକୁ ଜବରଦସ୍ତି ଅଟକାଯାଇଥିଲା। ଫଳରେ ଡ୍ରାଇଭରମାନଙ୍କ ଭିତରେ ଟଣାଓଟରା ଚାଲିଥିବା ଦେଖିବାକୁ ମିଳିଥିଲା।

ଚନା ଅନୁସାରେ ଶୁକ୍ରବାର ଅପରାହ୍ଣରେ ଏକ ଗାଡ଼ି ସୋନପୁରରୁ ବଲାଙ୍ଗିର ଆସୁଥିବା ବେଳେ ଆନ୍ଦୋଳନରତ ଡ୍ରାଇଭରମାନେ ବଇରାସରଠାରେ ଗାଡ଼ିକୁ ଅଟକାଇଥିଲେ। ଉକ୍ତ ସ୍ଥାନରେ ତାଙ୍କ ସହ ଡ୍ରାଇଭର ମନୋଜ ବର୍ଗତ୍ତିଙ୍କ ପାଟିତୁଣ୍ଡ ହେବା ପରେ ତାଙ୍କୁ ଆକ୍ରମଣ କରାଯାଇଥିବା ମନୋଜ ଅଭିଯୋଗ କରିଛନ୍ତି। ମନୋଜଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେ ଏନେଇ ପୁଇଁନ୍ତଳା ଥାନାରେ ଅଭିଯୋଗ କରିଥିବା କହିଛନ୍ତି। ସେହିପରି ସହର ଭିତରେ ଚଳାଚଳ କରୁଥିବା ଗାଡ଼ିଗୁଡ଼ିକୁ ଡ୍ରାଇଭର୍‌ମାନେ ଜବରଦସ୍ତି ଅଟକାଉଥିବା ଦେଖିବାକୁ ମିଳିଥିଲା। ଅନ୍ୟସ୍ଥାନମାନଙ୍କରେ ମଧ୍ୟ ରାଜପଥରେ ଯାଉଥିବା ଗାଡ଼ିକୁ ଅଟକାଇ ଡ୍ରାଇଭର ସଂଘ ଗାଡି ଓ ଡ୍ରାଇଭରଙ୍କୁ ଅଟକାଇ ତାଙ୍କ ଭିଡିଓ ଉତ୍ତୋଳନ କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

# ସିବିଆଇ ପଞ୍ଝାରେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ

## ବିସ୍ଥାପିତଙ୍କଠାରୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ

**ରାଉରକେଲା, ୧୦।୭ (ସମିସ):** ଜଣେ ବିସ୍ଥାପିତଙ୍କ ଘର ବାବଦ ଅର୍ଥ ପ୍ରଦାନ ପାଇଁ ତାଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଏମ୍‌ସିଏଲ୍ ମୁଖ୍ୟ ପ୍ରବନ୍ଧକ ତଥା ଝୁପୁରଙ୍ଗା-ତୁମୁଲିଆ ପ୍ରୋଜେକ୍ଟର ଡିସବର୍ସମେଣ୍ଟ ସେଲ୍‌ର ମୁଖ୍ୟ ଅଖିଳେଶ କୁମାର ବର୍ମା ସିବିଆଇ ପଞ୍ଝାରେ ପଡ଼ିଛନ୍ତି। ସିବିଆଇ ତାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛି।



ସୂଚନା ମୁତାବକ, ଅଖିଳେଶ ଝୁପୁରଙ୍ଗାର ଜଣେ ବିସ୍ଥାପିତଙ୍କଠାରୁ ଘର ବାବଦରେ ମୋଟ ୧୧ଲକ୍ଷ ୩୭ ହଜାର ୫୯୫ ଟଙ୍କା ରିଲିଜ୍ କରିବା ପାଇଁ ଅଖିଳେଶ ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସମ୍ପୃକ୍ତ ବିସ୍ଥାପିତ ପ୍ରଥମେ ୧୦ହଜାର ଟଙ୍କା ଦେଇସାରିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ତାଙ୍କଠାରୁ ଅଖିଳେଶ ୨୦ହଜାର ଟଙ୍କା ନେଉଥିଲେ। ଏତିକିବେଳେ ପୂର୍ବ ଯୋଜନା ମୁତାବକ, ଛକି ବସିଥିବା ସିବିଆଇର ଏକ ଦଳ ତାଙ୍କୁ ଲାଞ୍ଚ ଟଙ୍କା ସହ ମାଡ଼ି ବସିଥିଲା। ସିବିଆଇ ଟିମ୍ ତାଙ୍କୁ ଗିରଫ କରିବା ସହ ବସୁନ୍ଧରାସ୍ଥିତ ତାଙ୍କ ଅଫିସ୍ ଓ ଏମ୍‌ସିଏଲ୍ କ୍ୱାର୍ଟରରେ ଚଢ଼ଉ କରିଥିଲେ।

ସିବିଆଇ ପକ୍ଷରୁ କୁହାଯାଇଛି ଯେ ଏମ୍‌ସିଏଲ୍‌ର ସୁନ୍ଦରଗଡ଼ ଜିଲ୍ଲା ବସୁନ୍ଧରା ଏରିଆ ମୁଖ୍ୟ ପ୍ରବନ୍ଧକ (ଖଣି) ଅଖିଳେଶ ବର୍ମା ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗତକାଲି ଧରାପଡ଼ିଛନ୍ତି। ସେ ଜଣେ ବିସ୍ଥାପିତଙ୍କ ଘର ବାବଦକୁ ମୋଟ ୧୧ ଲକ୍ଷ ୩୭ହଜାର ୫୯୫ ଟଙ୍କା ରିଲିଜ କରିବା ପାଇଁ ଏହି ଟଙ୍କା ନେଉଥିଲେ। ଚଢ଼ଉ ବେଳେ ଏହି ଲାଞ୍ଚ ଟଙ୍କା ଜବତ ହୋଇଛି। ଆଜି ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସିବିଆଇ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅନ୍ୟପକ୍ଷରେ ଏମ୍‌ସିଏଲ୍ ପକ୍ଷରୁ ଅନ୍ୟ ବିସ୍ଥାପିତଙ୍କୁ ଦିଆଯାଇଥିବା ଅର୍ଥ ସେମାନଙ୍କ ପାଖରେ ପହଞ୍ଚିଛି କି ନାହିଁ ତାର ଖୋଳତାଡ଼ ଆରମ୍ଭ କରିଛି ସିବିଆଇ।

# ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଏ କି ସମ୍ମାନ?

**ପୁରୀ,୧୦।୭ (ସମିସ):** ମହାପ୍ରଭୁଙ୍କୁ ଅସମ୍ମାନ। ବିଭିନ୍ନ ସମୟରେ ରାଜ୍ୟ ଏବଂ ରାଜ୍ୟ ବାହାରୁ ବି ଏଭଳି ଚିତ୍ର ଆସୁଛି। ହେଲେ ଖୋଦ୍ ଶ୍ରୀକ୍ଷେତ୍ରରେ ବି ମହାପ୍ରଭୁଙ୍କୁ ମିଳୁନି ସମ୍ମାନ। ଖୋଲାମେଲାରେ ପକାଇ ଦିଆଯାଇଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ। ମହାପ୍ରଭୁଙ୍କ ପ୍ରମାଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରୁ ଆସିଛି ଏଭଳି ଚିତ୍ର, ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଦେଶ ବିଦେଶରୁ ଆସୁଥିବା ଅତିଥିଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରାଇବା ପାଇଁ ଜଗନ୍ନାଥ ବଲ୍ଲଭ ମଠ ପରିସରକୁ ଏକ ଆଧ୍ୟାତ୍ମିକତାର ରୂପ ଦିଆଯାଇଥିଲା। ପରିସରରେ ମହାପ୍ରଭୁଙ୍କ ୨୫ ବେଶ, ତିନିରଥ, ଠାକୁରଙ୍କ ପାରମ୍ପରିକ ବସ୍ତ୍ର, ଅବ୍ୟବହୃତ ପୂଜା ସାମଗ୍ରୀ ଭକ୍ତ ତଥା ଅତିଥିମାନଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନରେ ସୃଷ୍ଟି ହୋଇଥିଲା ରଥଯାତ୍ରାର ଭ୍ରମ। ଜଗନ୍ନାଥ ବଲ୍ଲଭ ମଠ ପରିସରରେ ବେଶ ପ୍ରଦର୍ଶନ ପାଇଁ ଏକ ବିରାଟ ସେଡ୍ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ସିଂହାସନ କରାଯାଇ ଚତୁର୍ଦ୍ଧା ବିଗ୍ରହଙ୍କୁ ବସାଯାଇଥିଲା। ଏଥିପାଇଁ ୩ ଫୁଟ୍ ଉଚ୍ଚତାର ଜଗନ୍ନାଥ ଓ ବଳଭଦ୍ରଙ୍କ ମୂର୍ତ୍ତି ତିଆରି କରାଯାଇଥିବା ବେଳେ ୨.୫ ଫୁଟ୍ ଉଚ୍ଚର ଦେବୀ ସୁଭଦ୍ରାଙ୍କ ମୂର୍ତ୍ତି କରାଯାଇଥିଲା। ପ୍ରାୟ ୪ ଫୁଟ୍‌ର ସିଂହାସନ ଉପରେ ଠାକୁରଙ୍କର ଏହି ବେଶ ସବୁ ରହିଥିଲା। ମନ୍ଦିରରେ ଯେଉଁଭଳି ଠାକୁରଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଏ, ସେହିଭଳି ବେଶ କରାଯାଇଥିଲା। ଜରି, ଜମ୍ଭୁରା, ସୋଲ, ଅଠା ବିଭିନ୍ନ ପ୍ରକାର ମାଳି, କାର୍ଡବୋର୍ଡ ଆଦିରେ ଅଳଙ୍କାର ଓ ସାଜସଜ୍ଜା ସବୁ ତିଆରି ହୋଇଥିଲା। ପ୍ରଦର୍ଶିତ ହୋଇଥିବା ବେଶଗୁଡ଼ିକ ହେଉଛି ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀ-ନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ଲାଗି



**ଖୋଲାମେଲାରେ ପଡ଼ିଛି ବିଶ୍ୱନିୟନ୍ତାଙ୍କ ବେଶ ବିଭବ**

ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ। ଏହାବ୍ୟତୀତ ରୋଷଶାଳାରେ ବ୍ୟବହୃତ ହାଣ୍ଡି, କୁଡୁଆ ରଫଟୋଚିତ୍ର ସହ ତଥ୍ୟାବଳୀ ପ୍ରଦର୍ଶନ କରାଯାଇଥିଲା, ଯାହାକି ବେଶ୍ ଆକର୍ଷଣୀୟ ହୋଇଥିଲା।

ପ୍ରାୟ ମାସାଧିକ ଏହି ବେଶ ପ୍ରଦର୍ଶନୀକୁ ଲକ୍ଷାଧିକ ଭକ୍ତ ବୁଲି ଦେଖିବା ସହ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଷୟରେ ଅବଗତ ହୋଇଥିଲେ। ପରେ ଏହାକୁ ବନ୍ଦ କରିଦିଆଯାଇଥିଲା। ପ୍ରଦର୍ଶିତ ହୋଇଥିବା ବେଶ ବିଭବକୁ ନିକଟସ୍ଥ ଜେବିପିସି ବେସ୍‌ମେଣ୍ଟରେ ରଖାଯାଇଥିଲା। ଏକ ଆବଦ୍ଧ ଅଞ୍ଚଳରେ ମୂର୍ତ୍ତିସବୁ ରଖାଯାଇଥିଲା। ହେଲେ ଏବେ ମୂର୍ତ୍ତିଗୁଡ଼ିକ ଯେଉଁଭଳି ଅବସ୍ଥାରେ ଏଣେତେଣେ ପକାଯାଇଛି ତାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ।

ଭକ୍ତ ମହେଶ୍ୱର ବେହେରା କହିଛନ୍ତି, ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ସମୟରେ ଜଗନ୍ନାଥ ବଲ୍ଲଭ ପରିସରରେ ଯେଉଁ ବେଶ ପ୍ରଦର୍ଶନୀ ହୋଇଥିଲା ତାହା ବେଶ୍ ଆକର୍ଷଣୀୟ ଥିଲା। ହେଲେ ସେହି ପ୍ରଦର୍ଶନୀରେ ସ୍ଥାନ ପାଇଥିବା ମହାପ୍ରଭୁଙ୍କ ପ୍ରତିମୂର୍ତ୍ତିଗୁଡ଼ିକ ଏବେ ଜଗନ୍ନାଥ ବଲ୍ଲଭ ପରିସରରେ ଅବ୍ୟବସ୍ଥିତ ଭାବେ ପକାଇ ରଖାଯାଇଛି। ନିଶ୍ଚିତ ଏହା ଏକ ଦୁଃଖଦାୟକ ଘଟଣା। ଓଡ଼ିଆ ଅସ୍ମିତାର ନାରା ଦେଉଥିବା ବିଜେପି ସରକାର କୋଟି କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଏଭଳି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। କେବଳ ମହେଶ୍ୱର ନୁହନ୍ତି ଅନେକ ଭକ୍ତ, ଜଗନ୍ନାଥପ୍ରେମୀ ଗବେଷକ ଏଭଳି ଚିତ୍ରକୁ ନେଇ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ମୂର୍ତ୍ତିଗୁଡ଼ିକ ବ୍ୟବସ୍ଥିତ ଭାବେ ରଖିବା ପାଇଁ ଦାବି କରିଛନ୍ତି।

## ଜାତୀୟସ୍ତରୀୟ କର୍ମଶାଳା

# ଖଣିଜ ପାଣ୍ଠି ସଂଗ୍ରହରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୧୦।୭ (ସମିସ):** ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ତରଫରୁ ନୂଆଦିଲ୍ଲୀଠାରେ ଜାତୀୟସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାର୍ଗଦର୍ଶିକା ଅନୁସାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର ଯୋଜନା (ପିଏମକେକେୱାଇ) କାର୍ଯ୍ୟକାରୀ କରି ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍ )ର ଉଲ୍ଲେଖନୀୟ ଉପଯୋଗିତା ପାଇଁ ଓଡ଼ିଶାକୁ ପ୍ରଶଂସା କରାଯାଇଛି। ୨୫ ଏପ୍ରିଲ୍ ୨୦୨୫ ସୁଦ୍ଧା ସମଗ୍ର ଦେଶରେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ସାମଗ୍ରିକ ଭାବେ ୧,୦୮,୨୧୨.୪୨ କୋଟି ହୋଇଥିବାବେଳେ ଓଡ଼ିଶା ୩୧ ,୩୨୪ କୋଟି ଟଙ୍କା ସଂଗ୍ରହ କରି ଦେଶରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୫ଟି ରାଜ୍ୟ ମଧ୍ୟରେ ପ୍ରଥମ ବିବେଚିତ ହୋଇଛି। ଓଡ଼ିଶା ରାଜ୍ୟ ସରକାରଙ୍କ ତରଫରୁ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ଼ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ପ୍ରଶଂସାପତ୍ର ଓ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

କେନ୍ଦ୍ର ସରକାରଙ୍କ କୋଇଲା ଓ ଖଣି ବିଭାଗ ମାନ୍ୟବର ମନ୍ତ୍ରୀ ଜି. କିଶାନ ଯୋଗଦେଇ ଜିଲ୍ଲା ଖଣିଜ ପାଣ୍ଠି ସଂଗ୍ରହ ଓ କାର୍ଯ୍ୟକାରିତାରେ ଆଗୁଆ ଥିବା ଯୋଗୁଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଏବଂ କେନ୍ଦ୍ର ଖଣି ସଚିବ ଏଲ୍ କାନ୍ଥା ରାଓ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦୁଝର ଜିଲ୍ଲାପାଳଙ୍କ ସମେତ ଦେଶର ଅନ୍ୟ ବିଭିନ୍ନ ରାଜ୍ୟର ୪ ଜଣ ଜିଲ୍ଲାପାଳ ମିଳିତ ଭାବେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଏବଂ ଏହାର ଉପଯୋଗିତାରେ କିପରି ସ୍ୱଚ୍ଛତା ବଜାୟ ରହିପାରୁଛି, ସେ ସଂପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅନୁଗୋଳ ଜିଲ୍ଲାପାଳଙ୍କ ଟିମ୍‌ର ସଦସ୍ୟମାନେ ଡିଏମ୍‌ଏଫ୍ ପାଣ୍ଠି ସଂଗ୍ରହ ଓ ଏହାର କାର୍ଯ୍ୟକାରିତାରେ ରହୁଥିବା ଆହ୍ୱାନ ଓ ଏହାର ସମାଧାନ ସଂପର୍କରେ ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ କଫିଟେବୁଲ୍ ବୁକ୍ ଉନ୍ମୋଚିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ସ୍ୱୟଂ ସହାୟିକା ଗୋଷ୍ଠୀମାନେ ନୂଆଦିଲ୍ଲୀସ୍ଥିତ ଜନପଥଠାରେ ହସ୍ତତନ୍ତ ହାଟରେ ଆୟୋଜିତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

**ବାରିପଦା,୧୦।୭ (ସମିସ):** ଶିମିଳିପାଳ ଅଭୟାରଣ୍ୟରୁ ବନବିଭାଗ ପୁଣି ୨ ଶିକାରୀଙ୍କୁ ଗିରଫ କରିବା ସହ ୫ଟି ଦେଶୀବନ୍ଧୁକ, ବିପୁଳ ଗୋଳାବାରୁଦ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଶିକାରୀଦ୍ୱୟ ହେଲେ, ଖୁଣ୍ଟା ଥାନା ଅନ୍ତର୍ଗତ ସପଞ୍ଜୁଆ ଗ୍ରାମର କାର୍ତ୍ତିକ

**୫ଦେଶୀ ବନ୍ଧୁକ ଜବତ**



ସିଂ(୩୫) ଓ ରାମଚନ୍ଦ୍ର ଟୁଡୁ(୩୫)। ଏମାନେ ମାରଣାସ୍ତ୍ର ସହ ଶିମିଳିପାଳ ଅଭୟାରଣ୍ୟର କୋର୍ ଅଞ୍ଚଳରେ ପ୍ରବେଶ କରିଥିଲେ। ସେମାନଙ୍କ ଫଟୋ ଏ.ଆଇ କ୍ୟାମେରାରେ କଏଦ୍ ହୋଇଥିଲା। ଉକ୍ତ ଫଟୋ ଆଧାରରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ୍ କର୍ମଚାରୀ ସେମାନଙ୍କ ଘରେ ଚଢ଼ଉ କରି ଗିରଫ କରିଥିଲେ। ବନ ବିଭାଗ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟଚାଲାଣ କରିଛି।

# ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

**ବାରିପଦା, ୧୦।୭ (ସମିସ):** ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ(୨)ରେ ଗୁରୁବାର ଏକ ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସୁମନ କୁମାର ମିଶ୍ର ମାମଲାର ବିଚାର କରି ଘଟଣାରେ ଜଡ଼ିତ ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅତିରିକ୍ତ ୧ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଦ୍ୱୟ ହେଲେ, ରାସଗୋବିନ୍ଦପୁର ଥାନା ଅଞ୍ଚଳର ସନ୍ତୋଷ ମହାନ୍ତ (୪୦) ଓ ସଞ୍ଜୟ ମହାନ୍ତ (୪୩)। ସୂଚନାଯୋଗ୍ୟ, ଗତ ୨୦୧୭ ଫେବୃଆରୀ ୨୨ରେ ଜଣେ ମହିଳା ଟ୍ରେନ୍‌ରୁ ଓହ୍ଲାଇ ରାତି ପ୍ରାୟ ୮ଟାରେ ସାଇକଲରେ ଘରକୁ ଫେରୁଥିଲେ। ଏହି ସମୟରେ ସନ୍ତୋଷ ଓ ସଞ୍ଜୟ ମହିଳାଙ୍କୁ ନିକଟସ୍ଥ ଜଙ୍ଗଲକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଘଟଣା ସମ୍ପର୍କରେ କାହାକୁ ଜଣାଇଲେ, ତାଙ୍କ ଛୁଆ ସହ ମହିଳାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ତେବେ ମହିଳାଙ୍କ ପାଟି ଶୁଣି ନିକଟସ୍ଥ ଗ୍ରାମର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ଏ ସଂପର୍କରେ ଥାନାରେ ଅଭିଯୋଗ ହେବାରୁ ପୁଲିସ୍ ଏକ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଏହାସହ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ପ୍ରାଧିକରଣଙ୍କୁ ସୁପାରିସ୍ କରାଯାଇଛି। ଅତିରିକ୍ତ ସରକାରୀ ଆଇନଜୀବୀ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ବଢ଼ିଲାନି ଆଳୁ ଉତ୍ପାଦନ

# ସ୍ୱପ୍ନ ହୋଇ ରହିଗଲା ଶୀତଳଭଣ୍ଡାର

**ଭୁବନେଶ୍ୱର,୧୦।୭ (ସମିସ):** ଗାଁରୁ ସହର ପର୍ଯ୍ୟନ୍ତ ଆଳୁ ଦର ଏବେ କିଲୋ ପିଛା ୨୦ ଟଙ୍କା ଓ ପିଆଜ ୨୫ ଟଙ୍କାରେ ବିକ୍ରି ହେଉଛି। କିଛି ମାସ ତଳେ ଉତ୍ପାଦନ ହୋଇଥିବାରୁ ଏହି ଦର ଗତ କିଛି ମାସ ହେଲା ସ୍ଥିର ରହିଛି। ମାତ୍ର ଆଉ ଦୁଇ ମାସ ପରେ ଆଳୁର ତିରୋଟାଭାବ ଦେଖାଯିବ। ସେତେବେଳେ ଓଡ଼ିଶାରେ ଆଳୁ କିଲୋ ୩୦ ଟଙ୍କା ଓ ପିଆଜ କିଲୋ ୫୦ ଟଙ୍କା ଛୁଇଁବ ବୋଲି ବଜାର ବିଶେଷଜ୍ଞମାନେ ଏବେଠୁ ଆକଳନ କଲେଣି। ଗତବର୍ଷ ଭଳି ରାଜ୍ୟରେ ପୁଣିଥରେ ଆଳୁ ସଂକଟ ଦେଖାଦେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଆଲୋଚନା ହେଲାଣି। କାରଣ ଗତବର୍ଷ ଆଳୁ ସଂକଟ ସମୟରେ ସରକାର ଆଳୁ ଚାଷକୁ ନେଇ ବାହାସ୍ଫୋଟ ମାରିଲେ। ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ମଧ୍ୟ ବଡ଼ ବଡ଼ କଥା କହିଲେ। ଏହାରି ଭିତରେ ବର୍ଷେ ବିତି ଯାଇଥିଲେ ବି ଚାଷ କି ଶୀତଳଭଣ୍ଡାର କାର୍ଯ୍ୟ ପାଦେ ବି ଆଗେଇ ପାରିନି। କେବଳ କିଛି ଅଧିକ ମାତ୍ରାରେ ଚାଷୀଙ୍କୁ ଆଳୁ ବିହନ ବିକ୍ରି କରି ସରକାର ନିଜ ମୁଣ୍ଡରୁ ଦୋଷ ଛଡ଼ାଇ ଚୁପ୍ ବସିଗଲେ। ଅନ୍ୟପଟରେ ଜିଲ୍ଲା କୃଷି କାର୍ଯ୍ୟାଳୟ ଜରିଆରେ ଚାଷୀଙ୍କୁ ଜୋର୍‌କରି ଆଳୁ ବିହନ ଯୋଗାଇ ଦିଆଗଲା। ହେଲେ ସେହି ବିହନ ସବୁ ପଚା ପଡ଼ିଲା। ଫଳରେ ଚାଷୀ ଚାଷ କରିପାରିଲା ନାହିଁ।



- ଆଗକୁ ଦରବୃଦ୍ଧିରେ ପେଷି ହେବେ ଖାଉଟି
- ଘୋଷଣାରେ ଅଟକିଛି ଶୀତଳଭଣ୍ଡାର ନିର୍ମାଣ
- ଅଭାବୀ ବିକ୍ରିର ଶିକାର ହେବେ ରାଜ୍ୟର ଚାଷୀ

ତେଣୁ ଉତ୍ପାଦନ ବଢ଼ିବା ଆଶା ମଧ୍ୟ କ୍ଷୀଣ ହୋଇଗଲା। ରାଜ୍ୟରେ ଯେତିକି ଆଳୁ ଉତ୍ପାଦନ ହେଲା, ଶୀତଳଭଣ୍ଡାର ନ ଥିବାରୁ ବାହାର ରାଜ୍ୟର ବେପାରୀ ଚାଷୀଙ୍କଠାରୁ ଶାଗ-ମାଛ ଦରରେ କିଣିନେଲେ।

ସୂଚନାନୁସାରେ, ରାଜ୍ୟରେ ବର୍ଷକ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଓ ୩ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ପିଆଜର ଆବଶ୍ୟକତା ରହିଛି। ରାଜ୍ୟରେ ପୂର୍ବରୁ ୪ ଲକ୍ଷ ମେଟ୍ରିକ୍ ଟନ୍ ଆଳୁ ଉତ୍ପାଦିତ ହେଉଥିବାବେଳେ ଏବେ ୬ ଲକ୍ଷ ହେଉଛି ବୋଲି ସରକାର କହୁଛନ୍ତି। ସେହିଭଳି ପିଆଜ ପାଖାପାଖି ୪ ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦିତ ହେଉଛି। ହେଲେ ସଂରକ୍ଷଣ ବ୍ୟବସ୍ଥା ନ ଥିବା କାରଣରୁ ପଡ଼ୋଶୀ ରାଜ୍ୟର ବ୍ୟବସାୟୀମାନେ ଆଳୁ କିଲୋ ପିଛା ୫ ଟଙ୍କା ଓ ପିଆଜ କିଲୋ ପିଛା ୧୦ଟଙ୍କାରେ ଚାଷୀଙ୍କଠାରୁ ବିଲ ମୁଣ୍ଡରୁ କିଣି ନେଉଛନ୍ତି। ଆଳୁ ପାଇଁ ଓଡ଼ିଶା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ପଞ୍ଜାବ ଉପରେ ନିର୍ଭର କରୁଥିବାବେଳେ ପିଆଜ ଲାଗି ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ଉପରେ ନିର୍ଭର କରୁଛି। ଓଡ଼ିଶାକୁ ଆଳୁ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ କରିବା ପାଇଁ ସରକାର ବଡ଼ ବଡ଼ ସ୍ୱପ୍ନ ଦେଖାଇଥିଲେ ବି କାଣିଚାଏ ବି ସେଥିରୁ ପୂରଣ କରିପାରିଲେନି। ଏବେ ପୂର୍ବଭଳି ପଶ୍ଚିମବଙ୍ଗ ହାତଟେକାକୁ ଚାହିଁ ବସିବାକୁ ପଡ଼ିବ ବୋଲି ବ୍ୟବସାୟୀଙ୍କ ମହଲରେ ଆଲୋଚନା ହେଉଛି।

ଆଳୁ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ସବୁଠାରୁ ବଡ଼ ବାଧକ ହେଉଛି ଶୀତଳ ଭଣ୍ଡାର ସମସ୍ୟା। ଅଧିକାଂଶ ସମବାୟ ଶୀତଳଭଣ୍ଡାର ଅଚଳ ହୋଇପଡ଼ିଛି। ଘରୋଇ ଉଦ୍ୟମରେ ଶୀତଳଭଣ୍ଡାର ସ୍ଥାପନ ଲାଗି ଯେଉଁ ଉଦ୍ୟମ ହୋଇଥିଲା, ତାହା ସେତେଟା ସଫଳ ହୋଇନାହିଁ। ବିଶେଷକରି ଏ କ୍ଷେତ୍ରରେ ବିଦ୍ୟୁତ୍ ଦର ବୃଦ୍ଧି ଓ ବିଦ୍ୟୁତ୍ କାଟ୍ କଣ୍ଟା ସାଜୁଥିବାରୁ ଘରୋଇ ଉଦ୍ୟୋଗୀମାନେ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଉନାହାନ୍ତି। ଶୀତଳଭଣ୍ଡାର ପାଇଁ ସେଭଳି ଆଖିଦୃଶିଆ ଆବେଦନ ହୋଇ ନ ଥିବା ଜଣାପଡ଼ିଛି। ସରକାର ବି ସମବାୟ ଭିତ୍ତିରେ ଶୀତଳଭଣ୍ଡାର ପ୍ରତିଷ୍ଠା କରୁନାହାନ୍ତି। ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ଲାଗି ବିଜେପି ନିର୍ବାଚନୀ ପ୍ରତିଶ୍ରୁତି ଘୋଷଣା କରିଥିବାବେଳେ କେବେ ଏହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହେବ, ତାହାକୁ ଚାଷୀମାନେ ଚାତକ ଭଳି ଅନାଇ ରହିଛନ୍ତି।

# ଜାଲରେ ପଡ଼ିଲା ବିଶାଳ ମାଛ

**ଶଗଡା, ୧୦।୭ ( ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଘଣ୍ଟାପଡ଼ାରେ ଏକ ବିଶାଳ ମାଛ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛି। ଗୁରୁବାର ତେଲ ନଦୀରେ କେତେକ ମତ୍ସ୍ୟଜୀବୀ ମାଛ ଧରୁଥିଲେ। ଏହି ସମୟରେ ମାଛଟି ଜାଲରେ ପଡ଼ିଥିଲା। ମାଛକୁ ନେଇ ସେମାନେ ଗ୍ରାମକୁ ଆଣିବା ପରେ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା। ୨୫ କେଜିର ଏହି ବୁଦିଆ ମାଛ ମୂଲ୍ୟ ପାଖାପାଖି ୬ ହଜାର ଟଙ୍କାରୁ ଅଧିକ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି।



# ୧୬ତମ ଏଗ୍ରିକଲଚର ଲିଡରସିପ୍ କନ୍‌କ୍ଲେଭ୍‌ରେ ଓଡ଼ିଶା ପୁରସ୍କୃତ

**ଭୁବନେଶ୍ୱର,୧୦।୭ (ସମିସ):** କୃଷି ପାଇଁ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ଦେଇ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡରସିପ୍ ପୁରସ୍କାର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର୍ ଟୁଡେ ଗ୍ରୁପ୍ ଦ୍ୱାରା ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡରସିପ୍ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ, ଭାରତର ପୂର୍ବତନ ମୁଖ୍ୟ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଦାଶିବମ୍ ଏବଂ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଏବଂ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଜୀବନସାଥିଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ସିଂହ:** ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତା କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

## ଆଜିର ଇତିହାସ

- ୧୯୨୧- ମଙ୍ଗୋଲିଆ ଚୀନ୍‌ରୁ ସ୍ୱାଧୀନ ହେଲା।
- ୧୯୭୩- ପ୍ୟାରିସ୍ ନିକଟରେ ବ୍ରାଜିଲ୍‌ର ବୋଇଂ ବିମାନ ଦୁର୍ଘଟଣାଗ୍ରସ୍ତ, ୧୨୨ ଜଣଙ୍କ ମୃତ୍ୟୁ।
- ୨୦୦୨-ଚାଙ୍ଗ ସାଙ୍ଗ ଦକ୍ଷିଣ କୋରିଆର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ମୁମ୍ବାଇରେ ବୋମା ବିସ୍ଫୋରଣରେ ୨୦୯ ଲୋକଙ୍କ ମୃତ୍ୟୁ।
- ୨୦୦୮ - ଆପଲ୍ ଆଇଫୋନ୍ ୩ ଜି ଲଞ୍ଚ୍ କରାଗଲା।



## ଆସିଲା 'କାନ୍ତାରା: ଚାପ୍ଟର ୧' ପୋଷ୍ଟର୍

# ରକ୍ତମୁଖା ରିଷଭ

ଚଳିତବର୍ଷ ଯେଉଁ କେତୋଟି ଫିଲ୍ମକୁ ଦର୍ଶକେ ଅପେକ୍ଷା କରିଛନ୍ତି, ତନ୍ମଧ୍ୟରେ 'କାନ୍ତାରା: ଚାପ୍ଟର ୧' ରହିଛି। ଏହି ଫିଲ୍ମଟି କନ୍ନଡ଼ର ଲୋକପ୍ରିୟ ଅଭିନେତା ରିଷଭ ଶେଟ୍ଟୀଙ୍କ ଫିଲ୍ମ 'କାନ୍ତାରା'ର ପ୍ରିକ୍ୱେଲ। ରିଷଭଙ୍କ ଜନ୍ମଦିନ ଅବସରରେ ହୋମ୍ବଲେ ଫିଲ୍ମସ୍ ପକ୍ଷରୁ 'କାନ୍ତାରା: ଚାପ୍ଟର ୧'ର ଏକ ଦମ୍‌ଦାର ପୋଷ୍ଟର୍ ଜାରି କରାଯାଇଥିଲା। ଏହି ପୋଷ୍ଟର୍ ମାଧ୍ୟମରେ ଦର୍ଶକେ ରିଷଭଙ୍କ ପ୍ରଥମ ଝଲକ ଦେଖିବାକୁ ପାଇଛନ୍ତି। ପୋଷ୍ଟର୍‌ରେ ସେ ଢାଲ ଓ କୁରାଢ଼ି ଧରି ରକ୍ତମୁଖା ନଜର ଆସିଛନ୍ତି। ଜଳନ୍ତା ନିଆଁ ଭିତରେ ସେ ଯୋଦ୍ଧା ଅବତାରରେ ଦେଖାଯାଇଛନ୍ତି। ପୋଷ୍ଟର୍‌ଟିକୁ ସେୟାର୍ କରି ନିର୍ମାତା ରିଷଭଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହ ଏହା ୨ ଅକ୍ଟୋବର, ୨୦୨୫ରେ ଆସିବ ବୋଲି କହିଛନ୍ତି। ଏହି ଫିଲ୍ମର ଏକ ଯୁଦ୍ଧ ସିନ୍‌କୁ ନେଇ ବେଶ୍ ଚର୍ଚ୍ଚା ହେଉଛି। ଏଥିରେ ୫୦୦ ସୈନିକ ଓ ୩୦୦୦ ଲୋକେ ଏକା ସଙ୍ଗେ ନଜର ଆସିବେ। ଏହା ୨୫ ଏକର ଜମିରେ ୩୫-୪୦ ଦିନ ଧରି ସୁଟ୍ କରାଯାଇଥିଲା। ଏଥିରେ ରିଷଭ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ୨୦୨୨ରେ 'କାନ୍ତାରା' ଫିଲ୍ମ ଆସିଥିଲା। ଏହି ଫିଲ୍ମ ପାଇଁ ରିଷଭଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ମିଳିଥିଲା।

# ବିଶ୍ୱ ଜନସଂଖ୍ୟା ଦିବସ




ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱବ୍ୟାପୀ ଜନସଂଖ୍ୟା ଦିବସ ଭାବେ ପାଳନ କରାଯାଏ। ସାରା ଦୁନିଆରେ ବୃଦ୍ଧି ପାଉଥିବା ଜନସଂଖ୍ୟା ପ୍ରତି ଲୋକମାନଙ୍କୁ ଜାଗ୍ରତ ଓ ସଚେତନ କରିବା ପାଇଁ ଏହି ଦିବସ ପାଳନ କରାଯାଏ। ପରିବାର ଯୋଜନା, ଲିଙ୍ଗଗତ ସମାନତା, ଦାରିଦ୍ର, ମାତୃ ସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ମିଳିତ ଜାତିସଂଘ ଦ୍ୱାରା ୧୯୮୯ରେ ଏହି ଦିନର ପରିକଳ୍ପନା କରାଯାଇଥିଲା। ୧୧ ଜୁଲାଇ, ୧୯୮୭ରେ ସାରା ବିଶ୍ୱର ଜନସଂଖ୍ୟା ଯେତେବେଳେ ୫୦୦ କୋଟିରେ ପହଞ୍ଚିଲା, ଏହି ଦିବସ ପାଳନକୁ ନେଇ ଉତ୍ସାହ ଦେଖାଗଲା। ସେବେଠାରୁ ଜୁଲାଇ ୧୧ ତାରିଖକୁ ଜନସଂଖ୍ୟା ଦିବସ ଭାବରେ ପାଳନ କରାଯାଏ। ବର୍ଷ ବର୍ଷ ଧରି ବିଶ୍ୱର ସବୁଠୁ ଅଧିକ ଜନବହୁଳ ଦେଶ ତାଲିକାରେ ଚୀନ୍ ନାଁ ସବୁଠୁ ଉପରେ ରହୁଥିବା ବେଳେ ଏବେ ଭାରତ ସେହି ସ୍ଥାନ ଅଧିକାର କରିଛି। ଏବେ ଭାରତ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର। ଜନସଂଖ୍ୟା ବୃଦ୍ଧି ରୋକିବା ଦିଗରେ ସମୟୋପଯୋଗୀ ପଦକ୍ଷେପ ନ ନେଲେ ଏହା ରାଷ୍ଟ୍ରଗୁଡ଼ିକର ବିକାଶରେ ଏକ ପ୍ରତିବନ୍ଧକ ରୂପେ ଦେଖାଦେବ। କାରଣ ଜନସଂଖ୍ୟା ବୃଦ୍ଧି ସହିତ ପ୍ରାକୃତିକ ସଂସାଧନ ବୃଦ୍ଧି ପାଉନାହିଁ। ଯଦି ଏଭଳି ଭାବେ ଜନସଂଖ୍ୟା ବୃଦ୍ଧି ପାଏ, ତେବେ ପ୍ରାକୃତିକ ସଂସାଧନଗୁଡ଼ିକ ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ତେଣୁ ଜନସଂଖ୍ୟାକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ, ସେଦିଗରେ ସମସ୍ତେ ଦାୟିତ୍ୱବାନ୍ ହେବା ଆବଶ୍ୟକ।

# କ୍ଷତିକାରକ ବାସି ଭାତ

ସାଧାରଣତଃ ଭାରତୀୟମାନେ ଭାତ ଖାଇବାକୁ ଭଲପାଆନ୍ତି। ଅନେକ ସମୟରେ ଭାତ ବଳିଯାଏ। ତେବେ ବଳକା ଭାତକୁ ନଷ୍ଟ ନ କରି ରଖିଦିଆଯାଏ। ଯାହାକୁ ଅନେକେ ବାସି ଭାତ ଭାବେ ଖାଆନ୍ତି। ହେଲେ ଏହି ବାସି ଭାତ ଶରୀର ପାଇଁ କ୍ଷତିକାରକ ବୋଲି ଲୋକପ୍ରିୟ ନ୍ୟୁଟ୍ରିସନ କୋଚ୍ ରିୟାନ ଫର୍ଣ୍ଣାଡୋ କହିଛନ୍ତି। ତେବେ ବାସି ଭାତ ଶରୀର ପାଇଁ କ୍ଷତିକାରକ ହେବା ପଛରେ ବାସିଲସ ସେରିୟସ ଜୀବାଣୁକୁ ଦାୟୀ କରାଯାଉଛି। ଏହା ଏମିତି ଏକ ଜୀବାଣୁ ଯାହା ଗରମରେ ବି ନଷ୍ଟ ହୋଇ ନ ଥାଏ। ଏହା ଚାଉଳରେ ଥାନ୍ତି, ଏହା ଉପରେ ଉତ୍ତାପର କୌଣସି ପ୍ରଭାବ ପଡ଼ି ନ ଥାଏ। ଚାଉଳକୁ ରାନ୍ଧିବା ପରେ ବି ଏହି ଜୀବାଣୁଗୁଡ଼ିକ ମରି ନ ଥାନ୍ତି। ଯେତେବେଳେ ଭାତ ବାସି ହୋଇଯାଏ, ସେତେବେଳେ ଏହି ଜୀବାଣୁ ସଂଖ୍ୟା ଆହୁରି ବଢ଼ିଯାଏ। ତେବେ ଭାତ ରାନ୍ଧିବା ପରେ ଯେତେବେଳେ ଏହା ଥଣ୍ଡା ହୋଇଯାଏ, ସେତେବେଳେ ଏହି ଜୀବାଣୁଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ଏହା ବିଷାକ୍ତ ତତ୍ତ୍ୱ ସୃଷ୍ଟି କରେ। ତେବେ ଏହି ଜୀବାଣୁ ବୃଦ୍ଧି ହେବା ପାଇଁ ଭାତ ରନ୍ଧାଯିବା ପରର ଏକ ଘଣ୍ଟା ଠିକ୍ ହୋଇଥାଏ। ତେଣୁ ଭାତକୁ ପୁଣି ଗରମ କଲେ ମଧ୍ୟ ଏହି ବିଷାକ୍ତ ପଦାର୍ଥ ନଷ୍ଟ ହୋଇ ନ ଥାଏ। ସେହିପରି ଭାତ ରାନ୍ଧିବାର ତୁରନ୍ତ ପରେ ଏହାକୁ ଖାଇବା ଦରକାର ବୋଲି ସେ ପରାମର୍ଶ ଦେଇଛନ୍ତି। ଯଦି ଏହା ସମ୍ଭବ ହେଉ ନାହିଁ, ତେବେ ଭାତକୁ ଫ୍ରିଜ୍‌ରେ ୪୦ରୁ ୧୪୦ ଡିଗ୍ରୀ ଫାରେନାଇଟ୍‌ରୁ କମ୍ ତାପମାତ୍ରାରେ ରଖି ଖିଆଯାଇପାରିବ। ଅବଶ୍ୟ ଏହାକୁ ୨୪ ଘଣ୍ଟା ମଧ୍ୟରେ ଖାଇବା ଦରକାର। ଅନ୍ୟପଟେ ଏହି ସମୟ ଅତିକ୍ରମ କରିଯିବା ପରେ ଭାତକୁ ନ ଖାଇ ଫିଙ୍ଗି ଦେବା ଦରକାର ବୋଲି ସେ କହିଛନ୍ତି।



## ସଞ୍ଜୀବନୀ



# ମୋତିଆବିନ୍ଦୁ

**ବୟସ ବୃଦ୍ଧି ହେଲେ ମୋତିଆବିନ୍ଦୁ ହୋଇଥାଏ। ମୋତିଆବିନ୍ଦୁ ଏକ ଚକ୍ଷୁଜନିତ ସମସ୍ୟା। ହେଲେ ଆଜିକାଲି ଯୁବାବସ୍ଥାରେ ମୋତିଆବିନ୍ଦୁରେ ପୀଡ଼ିତ ହେଉଛନ୍ତି। ମୋତିଆବିନ୍ଦୁ କାହିଁକି ହୋଇଥାଏ, କେଉଁମାନଙ୍କ ପାଇଁ ଏହା ବିପଜ୍ଜନକ ଏବଂ ଏଥିରୁ ବର୍ତ୍ତିବା ପାଇଁ କ'ଣ କରିବା ଆବଶ୍ୟକ ଜାଣିବା ସେ ବିଷୟରେ ...**

ଆଖି ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ଏହା ମନୁଷ୍ୟକୁ ଦେଖିବାକୁ ସାହାଯ୍ୟ କରେ। ହେଲେ ବୟସବୃଦ୍ଧି, ବିଭିନ୍ନ ରୋଗ ଆଦି ଯୋଗୁଁ ଦୃଷ୍ଟି ଶକ୍ତି ହ୍ରାସ ପାଏ। ଏମିତି ଏକ ସମସ୍ୟା ହେଉଛି ମୋତିଆବିନ୍ଦୁ ବା କାଟାରାକ୍ଟ। ମୋତିଆବିନ୍ଦୁ ହେଲେ, ଆଖିର ପ୍ରାକୃତିକ ସ୍ୱଚ୍ଛ ଲେନ୍ସ ଅସ୍ୱଚ୍ଛ ହୋଇଯାଏ। ଦୃଷ୍ଟିଶକ୍ତିରେ ସମସ୍ୟା ହୋଇଥାଏ। ଝାପ୍‌ସା ଦେଖାଯିବା ସହ ବେଳେ ବେଳେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ନଷ୍ଟ ହେବାର ଆଶଙ୍କା ଥାଏ। ଏନେଇ ଦିଲ୍ଲୀର ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଡା. ଏକେ ଗ୍ରୋଭରଙ୍କ କହିବାନୁସାରେ, ମଧୁମେହ ପୀଡ଼ିତଙ୍କ ରକ୍ତ ଶର୍କରାସ୍ତର ବଢ଼ିଗଲେ ମୋତିଆବିନ୍ଦୁ ଶୀଘ୍ର ବିକଶିତ ହୁଏ। ଏହାଦ୍ୱାରା ଲେନ୍ସ ପ୍ରଭାବିତ ହୋଇ ଦୃଷ୍ଟିଶକ୍ତି ହ୍ରାସ ପାଇଥାଏ। ଆଖିରେ ପୂର୍ବରୁ ଆଘାତ ଲାଗିଥିଲେ କିମ୍ବା କୌଣସି ପ୍ରକାର ସର୍ଜରୀ ହୋଇଥିବା ବ୍ୟକ୍ତିଙ୍କୁ ମୋତିଆବିନ୍ଦୁ ଶୀଘ୍ର ହୋଇପାରେ। ଅଧିକାଂଶ ଲୋକ ରୋଗ ନିୟନ୍ତ୍ରଣ ପାଇଁ ଦୀର୍ଘ ସମୟ ଷ୍ଟେରଏଡ୍ ନିଅନ୍ତି। ଏମାନଙ୍କୁ ମଧ୍ୟ ମୋତିଆବିନ୍ଦୁ ହେବାର ଆଶଙ୍କା ଅଧିକ ରହିଛି। ସେହିପରି ବଂଶାନୁକ୍ରମ, ମୋଟାପଣ, ଉଚ୍ଚ ରକ୍ତଚାପ, ଆଖିରେ ଆଘାତ ଲାଗିବା, ହରମୋନ୍ ଅସନ୍ତୁଳନ, ଭିଟାମିନ୍ ଅଭାବ, ବିକିରଣ ସମ୍ପର୍କରେ ରହିବା, ଚକ୍ଷୁ ସର୍ଜରୀ, ଧୂମପାନ ଏବଂ ଅତ୍ୟଧିକ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପାଇଁ ମୋତିଆବିନ୍ଦୁ ଅଧିକ ବିପଜ୍ଜନକ ହୋଇଥାଏ।

ମୋତିଆବିନ୍ଦୁ ଆରମ୍ଭ ହେବା ମାତ୍ରେ ଚକ୍ଷୁ ପରୀକ୍ଷା କରି ଚିକିତ୍ସା କରାଗଲେ ଅଧିକାଂଶ କ୍ଷେତ୍ରରେ ଲେଜର ଚିକିତ୍ସା କିମ୍ବା ଅସ୍ତ୍ରୋପଚାର ସମସ୍ୟାକୁ ବଢ଼ିବାକୁ ଦେଇ ନ ଥାଏ। ଏଥିରେ ଅଣଦେଖା କଲେ, ଏହାର ଗମ୍ଭୀରତା ବୃଦ୍ଧି ପାଇ ଲେନ୍ସ ସମ୍ପୂର୍ଣ୍ଣ ନଷ୍ଟ ହୁଏ। ଚିକିତ୍ସା କରିବା କଷ୍ଟକର ହୋଇପଡେ। ତେଣୁ ମୋତିଆବିନ୍ଦୁ ପାକଳ ହୋଇଗଲେ, ସର୍ଜରୀ କରିବା ଅନିବାର୍ଯ୍ୟ। ସର୍ଜରୀ ଦ୍ୱାରା ଅସ୍ୱଚ୍ଛ ଲେନ୍ସ ବାହାର କରାଯାଇ କୃତ୍ରିମ ଲେନ୍ସ ଲଗାଯାଇଥାଏ। ଅନ୍ୟପଟେ ଖରାରେ ବାହାରିବା ସମୟରେ ୟୁଭି ପ୍ରୋଟେକ୍ସନଯୁକ୍ତ ସନଗ୍ଲାସ୍ ପିନ୍ଧି ପାରିବେ। ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଭିଟାମିନ୍ ଏ, ସି, ଇ, ଲ୍ୟୁଟିନ୍, ଜିଙ୍କ୍, ସବୁଜପରିବା, ଗାଜର, କମଳା, ମାଛ, ଆଦିକୁ ଡାଏଟରେ ସାମିଲ କରିପାରିବେ। ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଜନିତ ସମସ୍ୟା ନିୟନ୍ତ୍ରଣରେ ରହିଲେ ଚକ୍ଷୁ ସମସ୍ୟା କମ୍ ରୁହେ। ତେଣୁ ୪୦ ବର୍ଷ ପରେ ନିୟମିତ ଚକ୍ଷୁ ପରୀକ୍ଷା କରିବା ଜରୁରି।

# ପାର୍କିନସନ୍ ରୋଗର ନୂତନ ଚିକିତ୍ସା ବିକଳ୍ପ

ପାର୍କିନସନ ଏକ ପ୍ରକାର ସ୍ନାୟୁଜନିତ ରୋଗ। ଏହି ରୋଗ ହେଲେ, ଶରୀରର ଗତି ଧୀମା ହୋଇଥାଏ। ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଯଥା- ରୋଗୀର ଗତି ଧୀର ହେବା, ସ୍ୱରରେ ପରିବର୍ତ୍ତନ, କହିବାରେ ସମସ୍ୟା, ମାଂଶପେସୀରେ ପରିବର୍ତ୍ତନ ଆସିବା, ହାତ ଥରିବା, ମସ୍ତିଷ୍କ ଦୁର୍ବଳ ହେବା, ଶାରୀରିକ ସକ୍ରିୟତା କ୍ଷମତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିବା ଆଦି ଲକ୍ଷଣ ଦେଖାଯାଏ। ଏହି ରୋଗ ବଂଶାନୁଗତ କୁହାଯାଉଥିବାବେଳେ ରୋଗର ଲକ୍ଷଣକୁ ଔଷଧ ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ। ହେଲେ ଜାପାନ, କ୍ୟୋଟୋ ବିଶ୍ୱବିଦ୍ୟାଳୟର ଆଇପିଏସ୍ ସେଲ୍ ଆପଲାଏଡ ରିସର୍ଚ୍ଚ ସେଣ୍ଟରର ବୈଜ୍ଞାନିକମାନେ ଏକ ନୂତନ ଚିକିତ୍ସା ଆରମ୍ଭ କରିଛନ୍ତି। ଏନେଇ ବୈଜ୍ଞାନିକମାନେ ପରୀକ୍ଷାଗାରରେ ଏକ ନୂତନ ମସ୍ତିଷ୍କ କୋଷ ବୃଦ୍ଧି କରିଛନ୍ତି। ଏହି ଅଭିନବ ଚିକିତ୍ସା ପଦ୍ଧତିରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍‌କୁ ମସ୍ତିଷ୍କ ମଧ୍ୟରେ ପ୍ରତ୍ୟାରୋପଣ (ଆଇପିଏସ୍ ସେଲ୍) କରାଯାଇଥାଏ। ତେବେ ଏହି ନୂତନ ମସ୍ତିଷ୍କ କୋଷକୁ କିଛି ରୋଗୀଙ୍କ ମଧ୍ୟରେ ସଫଳତାର ସହିତ ପ୍ରତିରୋପଣ କରିବା ପରେ ନଷ୍ଟ ହୋଇଥିବା କୋଷ ସ୍ଥାନର ନୂତନ କୋଷ ବୃଦ୍ଧି ହୋଇ ମସ୍ତିଷ୍କର କାର୍ଯ୍ୟକ୍ଷମ କରିପାରିଥିଲା। ତେବେ ଚିକିତ୍ସାରେ ପ୍ଲୁରିପୋଟେଣ୍ଟ ଷ୍ଟେମ୍ ସେଲ୍ (ଆଇପିଏସ୍ କୋଷ) ବ୍ୟବହାର କରାଯାଇଥିବାବେଳେ ଏହା ଡୋପାମାଇନ୍-ଉତ୍ପାଦକ ନ୍ୟୁରାନ୍ ରୂପେ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥାଏ। ସାଧାରଣତଃ ପାର୍କିନସନ୍ ରୋଗରେ ଡୋପାମାଇନ୍ କ୍ଷରଣ କରୁଥିବା କୋଷ ନଷ୍ଟ ହୋଇଯାଇଥାଏ। ତେଣୁ ପ୍ରାରମ୍ଭିକ ପରୀକ୍ଷଣରେ ଯେଉଁ ରୋଗୀଙ୍କ କ୍ଷେତ୍ରରେ ଏହି ନୂତନ କୋଷ ପ୍ରତିରୋପଣ କରାଯାଇଥିଲା, ସେମାନଙ୍କ କ୍ଷେତ୍ରରେ ଉନ୍ନତ ଗତିବିଧି ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ମସ୍ତିଷ୍କ ସ୍କାନରୁ ନୂତନ ନ୍ୟୁରନ୍ ଡୋପାମାଇନ୍ ଉତ୍ପାଦନ କରୁଥିବା ଦେଖାଯାଇଥିଲା। ଏହା ମାଂସପେଶୀ କାର୍ଯ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ନାୟୁ ସମ୍ବେଦ ବାହକ ରସାୟନ ଅଟେ। ବର୍ତ୍ତମାନ ଏହି ଚିକିତ୍ସା ପ୍ରଣାଳୀ ଉପରେ ବୈଜ୍ଞାନିକ ଆହୁରି ଗବେଷଣା କରୁଥିବାବେଳେ ଏଥିରୁ ଅଧିକ ସଫଳତା ମିଳିଲେ ପାର୍କିନସନ ପରି ରୋଗରେ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ନୂତନ ଆଶା ପ୍ରଦାନ କରିବ।



## ସେଓ ଖାଆନ୍ତୁ କୋଲେଷ୍ଟ୍ରଲ ନିୟନ୍ତ୍ରଣରେ ରଖନ୍ତୁ

ସେଓରେ ଭିଟାମିନ୍-ସି, ଭିଟାମିନ୍ ବି ୬, ପଟାସିୟମ, ଫସ୍‌ଫରସ୍, ମାଙ୍ଗାନିଜ୍ ଆଦି ପୋଷକତତ୍ତ୍ୱ ଭରି ରହିଛି। ଏହା ଦାନ୍ତକୁ ମଜବୁତ ରଖିବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଏ। ହୃଦ୍‌ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେଓ ବହୁତ ଭଲ। ହେଲେ ଜାଣନ୍ତିକି, ଦିନକୁ ଦୁଇଟି ସେଓ ଖାଇବା ଦ୍ୱାରା ଶରୀରରେ ଜମିଥିବା ଖରାପ କୋଲେଷ୍ଟ୍ରଲ୍ ନିୟନ୍ତ୍ରଣରେ ରହିଥାଏ



- ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ, ନିୟମିତ ଦୁଇଟି ସେଓ ଖାଇବା ଦ୍ୱାରା ଏଲ୍‌ଡିଏଲ୍‌ସ୍ତର ହ୍ରାସ ପାଇଥାଏ। ସେଓରେ ଥିବା ଫାଇବର ପେକ୍ଟିନ୍ ଶରୀରରୁ କୋଲେଷ୍ଟ୍ରଲକୁ କମ୍ କରିବା ସହିତ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ସେହିପରି ଏହା କର୍କଟ କୋଷକୁ ବଢ଼ିବାକୁ ଦିଏ ନାହିଁ। ସେଓରେ ଥିବା କ୍ୟାଟେଚିନ୍ ଏବଂ ଫ୍ଲେବୋନଏଡ୍‌ସ ପରି ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏଥିରେ ଭିଟାମିନ୍ ଓ ମିନେରାଲ ଭରପୁର ମାତ୍ରାର ଥିବାରୁ ଏହାକୁ ଖାଇବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୁଏ। ତାସହିତ ଶରୀରରେ ଫ୍ରି ର୍‍ୟାଡିକାଲ୍ସ ସହିତ ଲଢ଼ିଥାନ୍ତି। କେବଳ ସେତିକି ନୁହେଁ, ପ୍ରତିଦିନ ଶେଓ ଖାଇବା ଦ୍ୱାରା ହୃଦୟ ସୁସ୍ଥ ରହିଥାଏ। ଶରୀରରୁ ଅଦରକାରୀ ପଦାର୍ଥ ନିର୍ଗତ କରିବା ସହିତ ଏହା କୋଲେଷ୍ଟ୍ରଲ ହ୍ରାସ କରାଇଥାଏ।
- ସ୍ୱାସ୍ଥ୍ୟବିଶେଷଜ୍ଞଙ୍କ ମୁତାବକ, ମୋଟାପା ଏବଂ ଓଜନ ବୃଦ୍ଧି ସହିତ ଖରାପ କୋଲେଷ୍ଟ୍ରଲ ବୃଦ୍ଧି ହୋଇଥାଏ। ତେଣୁ ସେଓରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥିବାରୁ ଏହାକୁ ଖାଇବା ଦ୍ୱାରା ପେଟ ପୂରିଲା ପୂରିଲା ଲାଗେ। ତେଣୁ ଦୈନିକ ସେଓ ଖାଇବା ଦ୍ୱାରା ଧୀରେ ଧୀରେ ଓଜନ ହ୍ରାସ ପାଏ। ସେଓରେ ଗ୍ଲାଇସେମିକ୍ ଇଣ୍ଡେକ୍ସ କମ୍ ଥିବାରୁ ଏହା ରକ୍ତ ଶର୍କରାକୁ ବଢ଼ିବାକୁ ଦେଉନଥିବାରୁ ଏହା କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖିପାରେ।

# ଏଚ୍‌ସିଏ ସଭାପତି ଗିରଫ

**ଆଇପିଏଲ୍ ଟିକଟ୍ ସ୍କାମ**

ହାଇଦରାବାଦ୍, ୧୦।୭ (ଏଜେନ୍ସି): ଆଇପିଏଲ୍ ଟିକଟ୍ ସ୍କାମ ମାମଲାରେ କ୍ରାଇମ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସିଆଇଡି) ଗୁରୁବାର ହାଇଦରାବାଦ୍ କ୍ରିକେଟ୍ ସଂଘ (ଏଚ୍‌ସିଏ) ସଭାପତି ଜଗନ ମୋହନ ରାଓଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅନ୍ୟ ୪ଜଣ ହେଲେ ଏଚ୍‌ସିଏ କୋଷାଧ୍ୟକ୍ଷ ଶ୍ରୀନିବାସ ରାଓ, ସିଇଓ ସୁନିଲ କାନ୍ତେ, ରାଜେନ୍ଦ୍ର ଯାଦବ ଓ ଜି. କବିତା। ଗତ ଆଇପିଏଲ୍ ୧୮ତମ ସଂସ୍କରଣରେ ଟିକଟ୍ ସ୍କାମ ହୋଇଥିବା ନେଇ ସନରାଇଜର୍ସ ହାଇଦରାବାଦ୍ ଫ୍ରାଞ୍ଚାଇଜ ଅଭିଯୋଗ ଆଣିବା ପରେ ସିଆଇଡି ବୁଧବାର ରାତିରେ ଏଚ୍‌ସିଏ କର୍ମକର୍ତ୍ତାଙ୍କୁ ହେପାଜତକୁ ନେଇଥିଲା। ପୂର୍ବରୁ ସନ୍‌ରାଇଜର୍ସ ଫ୍ରାଞ୍ଚାଇଜ ବିସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନସିଲ୍‌କୁ ଚିଠି ଲେଖି ଅଭିଯୋଗ କରିଥିଲା ଯେ, ଅଧିକ କମ୍ପ୍ଲିମେଣ୍ଟାରୀ ପାସ୍ ଦେବା ଲାଗି ଏଚ୍‌ସିଏ ପକ୍ଷରୁ ବାରମ୍ବାର ଧମକ ଦିଆଯାଉଛି। ଏହି ଘଟଣାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ୍ୟ ସନ୍‌ରାଇଜର୍ସର ଅଭିଯୋଗ ଉପରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ୱିଆଟେକ୍-ଆନିସିମୋଭା ଫାଇନାଲ

ଲଣ୍ଡନ, ୧୦।୭ (ଏଜେନ୍ସି): ୮ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଓ ୧୩ଶ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ମଧ୍ୟରେ ୨୦୨୫ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ମହିଳା ଏକକ ଫାଇନାଲ ଖେଳାଯିବ। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୨-୧ରେ ପରାସ୍ତ କରି ଆନିସିମୋଭା ଓ ସ୍ୱିଆଟେକ ଏକତରଫା ମ୍ୟାଚ୍‌ରେ ବେଲିଣ୍ଡା ବେଙ୍କିକ୍‌କୁ ୨-୦ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସ୍ୱିଆଟେକ ଓ ଆନିସିମୋଭାଙ୍କ ମଧ୍ୟରେ ଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ପୁରୁଷ ଏକକ ସେମିଫାଇନାଲରେ ଟପ୍ ସିଡ୍ ଜାନିକ୍ ସିନ୍ନରଙ୍କ ସହ ନୋଭାକ ଜୋକୋଭିକ୍ ଓ କାର୍ଲୋସ ଆଲକାରାଜଙ୍କ ସହ ଆମେରିକାର ଟେଲର ଫ୍ରିଜ୍‌ଙ୍କର ମୁକାବିଲା ହେବ।

**ୱିମ୍ବଲଡନରୁ ସାବାଲେଙ୍କା ବିଦା**




## ଟେଷ୍ଟ ସିରିଜ୍‌ରେ ତୃତୀୟଥର ବି ଟସ୍ ହାରିଲା ଭାରତ

# ଜୋ ରୁଟ୍ ୯୯*; ଲଡୁଆ ଖେଳିଲା ଇଂଲଣ୍ଡ



**ଆଣ୍ଡରସନ-ତେନ୍ଦୁଲକର ଟ୍ରଫି**

ଲର୍ଡ୍ସ, ୧୦।୭ (ଏଜେନ୍ସି):

ବରିଷ୍ଠ ଖେଳାଳି ଜୋ ରୁଟ୍‌ଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହାୟତାରେ ଏଠାରେ ଭାରତ ସହ ଗୁରୁବାର ଆରମ୍ଭ ହୋଇଥିବା ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଘରୋଇ ଇଂଲଣ୍ଡ ଦଳ ଲଡୁଆ ଖେଳ ପ୍ରଦର୍ଶନ କରିଛି। ପ୍ରଥମ ଦିନ ଖେଳ ଶେଷ ବେଳକୁ ରୁଟ୍ ୯୯ ରନ୍‌ରେ ଅପରାଜିତ ରହିଥିଲାବେଳେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲଣ୍ଡ ପ୍ରଥମ ଇନିଂସରେ ୮୩ ଓଭର ଖେଳି ୪ ୱିକେଟ ବିନିମୟରେ ୨୫୧ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପସ ଅପସାରଣ ବେଳକୁ ରୁଟଙ୍କ ସହ ଅଧିନାୟକ ବେନ୍ ଷ୍ଟୋକ୍ସ ୩୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲି ପୋପ୍ ୪୪, ଓପନର ବେନ୍ ଡକେଟ ୨୩, ଜ୍ୟାକ୍ କ୍ରାଲୀ ୧୮ ଓ ହ୍ୟାରୀ ବ୍ରୁକ୍ ୧୧ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ଗୋଟିଏ ଓଭରରେ ଦୁଇ ଓପନରଙ୍କୁ ଆଉଟ କରିଥିବା ନୀତୀଶ କୁମାର ରେଡ୍ଡି ୨ଟି, ଯଶପ୍ରୀତ୍ ବୁମ୍‌ରା ଓ ଆକାଶ ଦୀପ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍ ଆରମ୍ଭ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟ ବିଜୟୀ ହୋଇଥିବାରୁ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି।

ବିଶ୍ୱର ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ଦଳ ଜିତି ପ୍ରଥମେ ବ୍ୟାଟିଂ କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। କିନ୍ତୁ ମ୍ୟାଚ୍ ଆରମ୍ଭ ପରେ ପିଚ୍ ଯେ ବୋଲରମାନଙ୍କୁ ସୁହାଉ ନ ଥିବାରୁ ଇଂଲଣ୍ଡର ନିଷ୍ପତ୍ତି ଯେ ଯଥାର୍ଥ ଥିଲା ଏହା ସ୍ପଷ୍ଟ ହୋଇଥିଲା। ଇଂଲଣ୍ଡ ଇନିଂସର ୧୪ତମ ଓଭରରେ ଉଭୟ ଓପନର ବେନ୍ ଡକେଟ (୨୩) ଓ ଜ୍ୟାକ୍ କ୍ରାଲୀ (୧୮)ଙ୍କୁ ଆଉଟ କରି ନୀତୀଶ କୁମାର ରେଡ୍ଡି ଭାରତକୁ ଡବଲ ସଫଳତା ଦେଇଥିଲେ। କିନ୍ତୁ ତୃତୀୟ ୱିକେଟ ପାର୍ଟନରସିପ୍‌ରେ ପୋପଙ୍କ ସହ ରୁଟ ଯୋଗ ଦେଇ ୨୧୧ ବଲ୍‌ରୁ ୧୦୯ ରନ୍ ଉଠାଇ ଦଳକୁ ବିପଦମୁକ୍ତ କରିଥିଲେ। ଟି ସୁଦ୍ଧା ଦଳ ୨ ୱିକେଟରେ ୧୫୩ ରନ୍ କରିଥିଲା। କିନ୍ତୁ ଟି ପରେ ୧୯ ରନ୍ ମଧ୍ୟରେ ଇଂଲଣ୍ଡ ଅଭିଜ୍ଞ ପୋପ (୪୪) ଓ ହ୍ୟାରି ବ୍ରୁକ୍ (୧୧)ଙ୍କ ୱିକେଟ ହରାଇଥିଲା। ୧୭୨ ରନ୍‌ରେ ଚତୁର୍ଥ ୱିକେଟର ପତନ ପରେ ଇଂଲଣ୍ଡର ଦୁଇ ବରିଷ୍ଠ, ଦକ୍ଷ ଓ ଅଭିଜ୍ଞ ଖେଳାଳି ରୁଟ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ରତିପକ୍ଷ ଭାରତୀୟ ବୋଲରଙ୍କୁ ବିଶେଷ ସୁଯୋଗ ନ ଦେଇ ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିଲେ। ରୁଟ୍ ୯୯ (୧୯୧ବଲ୍, ୯ ଚୌକା) ଓ ଷ୍ଟୋକ୍ସ ୩୯ (୧୦୨ ବଲ୍, ୩ଚୌକା) ରନ୍‌ରେ ଅପରାଜିତ ରହିଥିଲେ। ଏମାନଙ୍କ ଅବିଭକ୍ତ ୫ମ ୱିକେଟ ପାର୍ଟନରସିପ୍‌ରୁ ୧୭୦ ବଲ୍‌ରେ ମିଳିଥିଲା ୭୯ ରନ୍। ଏହି ପାର୍ଟନରସିପ୍ ଯୋଗୁଁ ଭ୍ରମଣକାରୀ ଭାରତୀୟ ଦଳ ନିରାଶ ହୋଇଥିଲା। ଅନ୍ୟ ପକ୍ଷରେ ରୁଟ୍ ଏହି ମ୍ୟାଚ୍‌ରେ ଭାରତ ବିପକ୍ଷରେ ୩,୦୦୦ ରନ୍ ପୂରଣ କରିଛନ୍ତି। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡି ଗୋଟିଏ ଓଭରରେ ଦୁଇ ଓପନରଙ୍କୁ ଆଉଟ କରିଥିଲେ। ଟି ପରେ ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି।

ଲର୍ଡସରେ ତୃତୀୟ ଟେଷ୍ଟ ଖେଳିବାକୁ ଆସିବା ପୂର୍ବରୁ ଉଭୟ ଦଳ ଜଣେ ଲେଖାଏଁ ଖେଳାଳି ବା ପେସ୍ ବୋଲରଙ୍କୁ ପରିବର୍ତ୍ତନ କରିଥିଲେ। ଦ୍ୱିତୀୟ ଟେଷ୍ଟ ଖେଳିଥିବା ପ୍ରସିଦ୍ଧ କ୍ରିଷ୍ଣାଙ୍କ ସ୍ଥାନରେ ଯଶପ୍ରୀତ୍ ବୁମ୍‌ରାଙ୍କୁ ଭାରତ ଓ ଜୋଶ ଟଙ୍ଗ୍‌ଙ୍କ ସ୍ଥାନରେ ଜୋଫ୍ରା ଆର୍ଚରଙ୍କୁ ଇଂଲଣ୍ଡ ଦଳରେ ସାମିଲ କରିଥିଲା।

**ରଷଭ ପନ୍ତ ଆହତ:** ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ, ଦ୍ୱିତୀୟ ଟେଷ୍ଟରେ ଦମ୍‌ଦାର ବ୍ୟାଟିଂ କରିଥିବା ଭାରତର ୱିକେଟ ରକ୍ଷକ ରଷଭ ପନ୍ତ ଆହତ ହୋଇଛନ୍ତି। ୩୦ତମ ଓଭରରେ ବଲ ଧରିବାକୁ ଯାଇଥିଲାବେଳେ ତାଙ୍କ ଆଙ୍ଗୁଳି ଉପରେ ବଲ ବାଜିଥିଲା। ଯନ୍ତ୍ରଣା ଅଧିକ ହେବାକୁ ୩୨ତମ ଓଭରରେ ତାଙ୍କର ଚିକିତ୍ସା କରିଥିଲେ ଫିଜିଓ। ହାତରେ ଟ୍ୟାପ୍ ଗୁଡାଇ କିପିଂ କରିବାକୁ ଆସିଥିଲେ ମଧ୍ୟ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିଥିଲେ। ଏହା ପରେ ସେ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ଇଂଲଣ୍ଡ ଇନିଂସରେ ୩୪ ତମ ଓଭରରୁ ରିଜର୍ଭ ୱିକେଟକିପର ଧ୍ରୁବ ଜୁରେଲ କିପିଙ୍ଗ୍ କରୁଛନ୍ତି।


**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ: ୨୫୧/୪, ୮୩ ଓଭର**

(ରୁଟ୍- ବ୍ୟାଟିଂ- ୯୯, ଷ୍ଟୋକ୍ସ- ବ୍ୟାଟିଂ-୩୯, ପୋପ୍-୪୪, ଡକେଟ- ୨୩, ରେଡ୍ଡି-୨/୪୬, ଜାଡେଜା- ୧/୨୦, ବୁମ୍‌ରା-୧/୩୫)।

# ୫ ବଲ୍‌ରେ ୫ ୱିକେଟ୍

ଡବ୍‌ଲିନ୍, ୧୦।୭ (ଏଜେନ୍ସି): ଆୟର୍ଲାଣ୍ଡ ଅଲ୍‌ରାଉଣ୍ଡର କର୍ଟିସ କାମ୍ଫର ବିଶ୍ୱର ପ୍ରଥମ ପୁରୁଷ କ୍ରିକେଟର୍ ଭାବେ ଏକ ପ୍ରଫେସନାଲ ମ୍ୟାଚରେ ୫ ବଲ୍‌ରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ଆୟର୍ଲାଣ୍ଡରେ ଖେଳାଯାଇଥିବା ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଇଣ୍ଟର-ପ୍ରୋଭିନସିଆଲ୍ ଟ୍ରଫିରେ କାମ୍ଫର ମନଷ୍ଟର ରେଡ୍ସ ଦଳର ନେତୃତ୍ୱ ନେଉଥିବାବେଳେ ନର୍ଥ-ୱେଷ୍ଟ ୱାରିୟର୍ସ ବିପକ୍ଷରେ ଏହି ମାରାତ୍ମକ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ ମନଷ୍ଟର ଦଳ କାମ୍ଫରଙ୍କ ୪୪ ରନ ବଳରେ ୭ ୱିକେଟ୍‌ରେ ୧୮୮ ରନ କରିଥିଲା। ଜବାବରେ ନର୍ଥୱେଷ୍ଟ ୧୩.୩ ଓଭରରେ ମାତ୍ର ୮୮ ରନ କରି ପରାସ୍ତ ହୋଇଥିଲା। କାମ୍ଫର ତାଙ୍କ ଦ୍ୱିତୀୟ ଓଭରର ଶେଷ ୨ ବଲ୍ ଓ ତୃତୀୟ ଓଭରର ପ୍ରଥମ ୩ଟି ବଲ୍‌ରେ ପ୍ରତିପକ୍ଷର ୫ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଏହି କୀର୍ତ୍ତିମାନ ହାସଲ କରିଥିଲେ। ପୂର୍ବରୁ ମହିଳା କ୍ରିକେଟ୍‌ରେ ଜିମ୍ବାୱେର କେଲିସ ଧଲୋଭୁ ୨୦୨୪ରେ ୧୯ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାରେ ୫ ବଲରେ ୫ ୱିକେଟ୍ ନେଇଥିଲେ।



# ଇଂଲଣ୍ଡ ମାଟିରେ ଭାରତର ଐତିହାସିକ ସିରିଜ ବିଜୟ

**ମହିଳା ଟି-୨୦ କ୍ରିକେଟ୍**

ଓଲ୍ଡ ଟ୍ରାଫୋର୍ଡ, ୧୦।୭ (ଏଜେନ୍ସି): ଘରୋଇ ଇଂଲଣ୍ଡ ବିପକ୍ଷରେ ଅନୁଷ୍ଠିତ ୪ର୍ଥ ଟି-୨୦ ମ୍ୟାଚକୁ ଭାରତୀୟ ମହିଳା କ୍ରିକେଟ୍ ଦଳ ୬ ୱିକେଟ୍‌ରେ ଜିତିନେଇଛି। ପୂର୍ବରୁ ପ୍ରଥମ ଦୁଇ ମ୍ୟାଚକୁ ୯୭ ରନ ଓ ୨୪ ରନରେ ଜିତିଥିବା ଭାରତ ଏଥିସହ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜକୁ ୩-୧ରେ ଆଗୁଆ କବ୍‌ଜା କରିନେଇଛି। ଫଳରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଦ୍ୱିପାକ୍ଷିକ ଟି-୨୦ ସିରିଜ ଜିତି ଐତିହାସିକ ସଫଳତା ପାଇଛି। ଏଥିପୂର୍ବରୁ ୨୦୨୨ରେ ଭାରତ ପ୍ରଥମଥର ଲାଗି ଇଂଲଣ୍ଡ ମାଟିରେ ଏକଦିବସୀୟ ସିରିଜ ଜିତିବାର ସୌଭାଗ୍ୟ ଲାଭ କରିଥିଲା।



ଚତୁର୍ଥ ଟି-୨୦ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଂଲଣ୍ଡ ମହିଳା ଦଳ ୭ ୱିକେଟ୍‌ରେ ମାତ୍ର ୧୨୬ ରନ କରିପାରିଥିଲା। ଦଳ ପକ୍ଷରୁ ଓପନର୍ ସୋଫି ଡଙ୍କଲୀ ସର୍ବାଧିକ ୨୨, ଅଧିନାୟିକା ଟାମି ବିଉମାଉଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ଦୁଇ ବାମହାତୀ ସ୍ପିନର ଶ୍ରୀ ଚରଣୀ ଓ ରାଧା ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଭାରତ ୩ ଓଭର ବଳକା ଥାଇ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ସ୍ମୃତି ମନ୍ଧାନା ୩୨, ଶେଫାଳି ବର୍ମା ୩୧, ଅଧିନାୟିକା ହର୍‌ମନପ୍ରୀତ୍ କୌର ୨୬, ଜେମିମା ରୋଡ୍ରିଗ୍ସେଜ ଅପରାଜିତ ୨୪ ରନ କରିଥିଲେ। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ଶନିବାର ଖେଳାଯିବ। ଘରୋଇ ଇଂଲଣ୍ଡ ୩ୟ ଟି-୨୦କୁ ୫ ରନରେ ଜିତିଥିଲା।

# ଜାତୀୟ ସିନିଅର ହକି ଶିବିରରେ ଓଡ଼ିଶାରୁ ୪

ବେଙ୍ଗାଲୁରୁ, ୧୦।୭ (ଏଜେନ୍ସି): ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ଓ ଏସିଆ କପ୍ ଟୁର୍ଣ୍ଣାମେଣ୍ଟକୁ ନଜରରେ ରଖି ଚଳିତ ମାସ ୧୪ରୁ ଜାତୀୟ ସିନିଅର ପୁରୁଷ ହକି ଦଳର ପ୍ରସ୍ତୁତି ଶିବିର ସ୍ଥାନୀୟ ସାଇ ସେଣ୍ଟରରେ ଆରମ୍ଭ ହେବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୩୩ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ ଜଣ ହକି ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅଭିଜ୍ଞ ଡିଫେଣ୍ଡର ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଅମନଦୀପ୍ ଲାକ୍ରା ଓ ଫର୍‌ୱାର୍ଡ ଶିଳାନନ୍ଦ ଲାକ୍ରା। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅଗଷ୍ଟ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଭାରତୀୟ ଦଳ ଅଗଷ୍ଟ ୨୯ରୁ ବିହାରରେ ଆରମ୍ଭ ହେବାକୁ ଥିବା ଏସିଆ କପ୍‌ରେ ଭାଗନେବ।

# ଟେନିସ ଖେଳାଳି ରାଧିକାଙ୍କୁ ଗୁଳି କରି ହତ୍ୟା କଲେ ବାପା

ଗୁରୁଗ୍ରାମ, ୧୦।୭ (ଏଜେନ୍ସି): ଗୁରୁଗ୍ରାମର ପରିଚିତ ଟେନିସ ଖେଳାଳି ରାଧିକା ଯାଦବଙ୍କୁ ଗୁରୁବାର ସକାଳେ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ସେକ୍ଟର-୫୭ ଅନ୍ତର୍ଗତ ସୁଶାନ୍ତ ଲୋକ-ଫେଜ୍ ୨ ଅଞ୍ଚଳରେ ଏହି ଚାଞ୍ଚଲ୍ୟକାରୀ ଘଟଣା ଘଟିଛି। ୨୫ ବର୍ଷୀୟା ରାଧିକାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ଚଳାଯାଇଥିବାବେଳେ ସେଥିରୁ ୩ଟି ବୁଲେଟ୍ ତାଙ୍କ ଦେହରେ ବାଜିଥିଲା ଏବଂ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସ୍ଥାନୀୟ ପୁଲିସ ରାଧିକାଙ୍କ ବାପା ଦୀପକ ଯାଦବଙ୍କୁ ଗିରଫ କରିଛି। ରାଧିକା ଇନ୍‌ଷ୍ଟାଗ୍ରାମରେ ଅତ୍ୟଧିକ ମାତ୍ରାରେ ରିଲ୍ସ କରୁଥିବାରୁ ଏଥିରେ ବିରକ୍ତ ହୋଇ ଦୀପକ ଝିଅକୁ ହତ୍ୟା କରିବା ଭଳି ଜଘନ୍ୟ ଘଟଣା ଘଟାଇଥିଲେ ବୋଲି କୁହାଯାଉଛି। କିନ୍ତୁ ରାଧିକାଙ୍କ ଭାଇ ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ, ରାଧିକା ଏକ ଟେନିସ ଏକାଡେମୀ କରିଥିଲେ। ଯାହାକୁ ନେଇ ବାପା ଦୀପକ ଖୁସି ନ ଥିଲେ। ଉଲ୍ଲେଖଯୋଗ୍ୟ, ରାଧିକା ଡବଲ୍ସ ଇଭେଣ୍ଟରେ ପ୍ରତିନିଧିତ୍ୱ କରୁଥିଲେ। ଅନ୍ତର୍ଜାତୀୟ ଟେନିସ ମହାସଂଘ (ଆଇଟିଏଫ୍) ମାନ୍ୟତାରେ ସେ ଏକଦା ୧୧୩ତମ ସ୍ଥାନ ହାସଲ କରିଥିଲେ।



**ଇଣ୍ଡିଆନ ଓପନ ପାରା ଆଥଲେଟିକ୍ସ**

# ଓଡ଼ିଶାରୁ ଭାଗ ନେବେ ୭ ପ୍ରତିଯୋଗୀ

ଭୁବନେଶ୍ୱର,୧୦।୭ (ସମିସ): ବେଙ୍ଗାଲୁରୁର ଶ୍ରୀକାନ୍ତିରାଭା ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଦୁଇଦିନଧରି ୭ମ ଇଣ୍ଡିଆନ୍ ଓପନ ପାରା ଆଥଲେଟିକ୍ ଚାମ୍ପିଅନସିପ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା (ପିଏସ୍‌ଏଓ) ପକ୍ଷରୁ ଘୋଷଣା କରାଯାଇଛି। ଏହି ଆଥ୍‌ଲେଟମାନେ ହେଲେ ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ଜାନକି ଓରାମ, ସ୍ୱାଧିନ ମାହାର, କମଳାକାନ୍ତ ନାୟକ, ରଞ୍ଜିତ ଚନ୍ଦ ଓ ପଙ୍କଜ ଭୁଏ। ସମସ୍ତଙ୍କଠାରୁ ପଦକ ଆଶା ରହିଛି ବୋଲି ପିଏସ୍‌ଏଓ ପକ୍ଷରୁ କୁହାଯାଇଛି।



**■ ନାଭାଲ ଟାଟା ଗ୍ରାସ୍‌ରୁଟ୍ ହକି ଲିଗ୍**

# ୧୩-୦ ଗୋଲ୍‌ରେ ଜିତିଲା ଲାଠିକଟା

ଭୁବନେଶ୍ୱର, ୧୦।୭ (ସମିସ): ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ପର୍ଯ୍ୟାୟ ଖେଳ କଳିଙ୍ଗ ଷ୍ଟାଡିୟମରେ ଜାରି ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚରେ ଲାଠିକଟା ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ୧୩-୦ ଗୋଲ୍‌ରେ ଏକପାଖିଆ ଭାବେ ସଉନାମୁରାକୁ ପରାସ୍ତ କରିଛି। ସେହିଭଳି ମହିଳା ବିଭାଗରେ ଅନ୍ୟ ମ୍ୟାଚ୍‌ରେ ଗୁରୁଣ୍ଡିଆ ଏଚ୍‌ଟିସି ୩-୨ ଗୋଲ୍‌ରେ କୁତ୍ରା ଏଚ୍‌ଟିସିକୁ, ବଡ଼ଗାଁ ଏଚ୍‌ଟିସି ୨-୧ ଗୋଲ୍‌ରେ ଯାଜପୁର ଏଚ୍‌ଟିସିକୁ, ବମ୍ରା ଏଚ୍‌ଟିସି ୬-୧ ଗୋଲ୍‌ରେ ସବଡେଗା ଏଚ୍‌ଟିସିକୁ ହରାଇଛି। ପୁରୁଷରେ ରାଜଗାଙ୍ଗପୁର ଏଚ୍‌ଟିସି ୫-୧ ଗୋଲ୍‌ରେ ସବଡେଗାକୁ, ନୂଆଗାଁ ଏଚ୍‌ଟିସି ୩-୨ ଗୋଲ୍‌ରେ କରଡ଼ାପାଲ୍‌କୁ, କଉରାମୁଣ୍ଡା ଏଚ୍‌ଟିସି ୩-୦ ଗୋଲ୍‌ରେ ଛତ୍ରପୁର ଏଚ୍‌ଟିସିକୁ ହରାଇଛି।

# ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍‌ରୁ ୪୦ ଖେଳାଳି

ଭୁବନେଶ୍ୱର, ୧୦।୭ (ସମିସ):

ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଆଗାମୀ ସଂସ୍କରଣ ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଜର୍ମାନୀର ଏକାଧିକ ସହରରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ୍ ୪୦୭ ଜଣ କ୍ରୀଡ଼ାବିତ୍, ପ୍ରଶିକ୍ଷକ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିବେ। ଯେଉଁଥିରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ଜଣ ଖେଳାଳି ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଓଡ଼ିଶାର ଅନ୍ୟ ଦୁଇ ବିଶ୍ୱବିଦ୍ୟାଳୟ ଉତ୍କଳ ଓ ସମ୍ବଲପୁରରୁ ଜଣେ ଲେଖାଏ ଭାଗନେବେ। ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରୁ କିଟ୍‌ରୁ ସର୍ବାଧିକ ଛାତ୍ରଛାତ୍ରୀ ଏହି କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହୋଇଛନ୍ତି। ସେହିଭଳି ରାଜ୍ୟ ହିସାବରେ ଦେଖିଲେ ପଞ୍ଜାବ ପରେ ଓଡ଼ିଶା ୨ୟ ସ୍ଥାନରେ ରହିଛି। କିଟ୍ ବ୍ୟତୀତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ୨୮ ଜଣ, ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ଜଣ ଆଥ୍‌ଲେଟ୍ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। କିଟ୍‌ର ଏହି ୪୦ଜଣ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଭାଗନେବେ। ଅପରପକ୍ଷରେ ପ୍ରଶିକ୍ଷକ ଭାବେ ଅଲିମ୍ପିଆନ ଅର୍ଜୁନ ବାନାର୍ଜୀ, ସଞ୍ଜୟ ଗଡ଼ନାୟକ (ଦୌଡ଼କୁଦ), ଲୋଟକ ବିନ୍ଦୁ ଦାଶ (ଭଲିବଲ୍) ଓ ଟଡ୍ କ୍ଲାର୍କ (ଟେନିସ) ଭାରତୀୟ ଦଳ ସହ ଗସ୍ତ କରିବେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କୁଳପତି ପ୍ରଫେସର ଶରଣଜିତ୍ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ଦୂତୀ ଚାନ୍ଦ ପ୍ରମୁଖ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
| --- | --- |
| IT Executive | 1. Diploma/Degree in Hardware & Networking / MCA from a recognized institute/University.<br>2. Key Responsibilities:<br>• Manage and maintain all IT infrastructure including systems, networks, and broadcast equipment.<br>• Provide technical support to newsroom, production, and editorial teams.<br>• Ensure the smooth operation of broadcasting software, editing systems, and studio setups.<br>• Troubleshoot hardware/software/network issues and ensure minimal downtime.<br>3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS